R.N.I. REGN. No. 65000/96 POSTAL REGN. No. OR/BN-32/12-14

01 November 2025, Saturday

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୭
ତିଥି : ଦଶମୀ
୦୧ ନଭେମ୍ବର ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

### ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀରେ ଏକତା ଦୌଡ଼

## ଦେଶପ୍ରେମ ବିକଶିତ ଭାରତର ଶକ୍ତି

ଭୁବନେଶ୍ୱର, ୩୧।୧୦ (ସବ୍ୟୁ) : ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିଅମ ଠାରେ ଆୟୋଜିତ ଏକତା ଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକତା, ଭାଇଚାରା ଓ ଦେଶପ୍ରେମ ଆମ ବିକଶିତ ଭାରତର ଶକ୍ତି।



ମୁଖ୍ୟମନ୍ତ୍ରୀ କହିଥିଲେ ଭିନ୍ନତାରେ ଏକତା ହେଉଛି ଭାରତର ଆତ୍ମା ଓ ଶକ୍ତି। ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ଏହି ଆତ୍ମବୋଧ ଆମକୁ ଏକଜୁଟ ରଖେ ଓ ଦେଶକୁ ଶକ୍ତିଶାଳୀ କରେ। ସର୍ଦ୍ଦାର ପଟେଲ ଏକ ଏମିତି ମହାନ ନେତା ଥିଲେ, ଯିଏ ଶତାଧିକ ରାଜା ରଜୁଡାଙ୍କୁ ଏକତା ସୁତ୍ରରେ ବାନ୍ଧି ଏକ ଅଖଣ୍ଡ ଭାରତ ଗଢିଥିଲେ। ସର୍ଦ୍ଦାର ପଟେଲଙ୍କ ଦୃଢ଼ ସଙ୍କଳ୍ପ, ଦୃଷ୍ଟିକୋଣ (୯ ପୃଷ୍ଠାରେ)

## ଶ୍ରୀରାଧା ପାଦ ଦର୍ଶନ କଲେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ସାକ୍ଷୀଗୋପାଳ, ୩୧।୧୦ (ସବ୍ୟୁ): ଆଜି ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ପବିତ୍ର ଅଁଳା ନବମୀ । ସାକ୍ଷୀଗୋପାଳ ମନ୍ଦିରରେ ଠାକୁରାଣୀ ଶ୍ରୀ ଶ୍ରୀ ରାଧାରାଣୀଙ୍କ ପାଦ ଦର୍ଶନ ଆଜି ଅନୁଷ୍ଠିତ ହୋଇଥିଲା। ବର୍ଷକରେ କେବଳ ଏହି ଗୋଟିଏ ଦିନ ନିମନ୍ତେ ମା' ରାଧାରାଣୀଙ୍କର ପାଦଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଭୋର ପ୍ରାୟ ୫ଟା ଠାରୁ ସାହାଣ ମେଳା ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ପ୍ରଶାସନ ଦ୍ୱାରା ନିର୍ମିତ ବ୍ୟାରିକେଡ ମଧ୍ୟରେ (୯ ପୃଷ୍ଠାରେ)



## ବିଜେଡ଼ି ନେତା ପ୍ରୀତି ଘଡ଼ାଇଙ୍କ ଭଡା ଘରେ ଚଢ଼ାଉ

ନୂଆପଡ଼ା, ୩୧।୧୦ (ସବ୍ୟୁ): ନୂଆପଡା ବିଧାନସଭା ଉପନିର୍ବାଚନ ପ୍ରଚାରରେ ଆସିଥିବା ପୂର୍ବତନ ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଖରିଆର ରୋଡ ସ୍ଥିତ ଭଡା ଘରେ ଶୁକ୍ରବାର ପୋଲିସ୍ ଚଢ଼ଉ କରିଥିଲା। କୌଣସି ଗୁପ୍ତ ସୂଚନା ଆଧାରରେ ଚଢ଼ାଉ କରିବାକୁ ପୋଲିସ ଯାଇଥିବା କୁହାଯାଉଛି । ବହୁତ ସମୟ କବାଟ ଠକ୍ ଠକ୍ କଲା ପରେ କେଆରଟେକର କବାଟ ଖୋଲି ଥିଲେ। ସେ ଘର ଭିତରୁ ଯିବା ପୂର୍ବ ରୁ ସର୍ଚ୍ଚ ୱାରେଣ୍ଟ ଦେଖାଇ ବାକୁ ଦାବି କରିଥିଲେ। ସେ ସମୟରେ ପ୍ରୀତି ରଞ୍ଜନ ଘରେ ନଥିଲେ । କେଆର ଟେକର ଏ ସମ୍ପର୍କରେ ପୂର୍ବ ବିଧାୟକ ଶ୍ରୀ ଘଡ଼େଇଙ୍କୁ ଫୋନରେ ଜଣେଇ ଥିଲେ । ଦେହ ଅସୁସ୍ଥ ଥିବାରୁ କେଆର ଟେକର ଶୋଇ ପଡ଼ିଥିଲେ। ବିଳମ୍ବରେ କବାଟ ଖୋଲି ସେ ମାଜିଷ୍ଟ୍ରେଟଙ୍କୁ ସର୍ଚ୍ଚ ୱାରେଣ୍ଟ ଦେଖାଇଲେ ଭିତରକୁ ପୁରାଇବି ବୋଲି କହିଥିଲେ। ଜୋର୍ ଜବର୍‌ଦସ୍ତ ପୋଲିସ୍ ଧସେଇ ପଶି ଖାନ ତଲାସ କରିବାରୁ କିଛି ପାଇ ନଥିଲେ। ପରେ ଖବର ପାଇ ବହୁ ବିଜେଡ଼ି ନେତା ଓ କର୍ମୀ ଘଟଣା ସ୍ଥଳକୁ ଆସି ଶାସକ ଦଳ ବିରୋଧରେ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ବିହାର ବିଧାନସଭା ନିର୍ବାଚନ

## ଏନ୍‌ଡିଏ ଇସ୍ତାହାରରେ ୧ କୋଟି ନିଯୁକ୍ତି ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ଲାଗି ପ୍ରତିଶ୍ରୁତିର ବର୍ଷା ଦେଖିବାକୁ ମିଳିଛୁ। ବିଶେଷ କରି ସରକାରୀ ଚାକିରୀ, ମହିଳା ସଶକ୍ତକରଣ ଓ ଶିକ୍ଷାକୁ ଫୋକସ କରି ଉଭୟ ଏନଡିଏ ଏବଂ ମହାଗଠବନ୍ଧନ ତାଙ୍କ ଇସ୍ତାହାର ପ୍ରସ୍ତୁତ କରିଛନ୍ତି। ମହାଗଠବନ୍ଧନର ନିର୍ବାଚନୀ ଇସ୍ତାହାର ପରେ ଆଜି ଏନଡିଏ ତାର ଯୁଗ୍ମ ଇସ୍ତାହାର ଜାରି କରିଛି। ଏଥିରେ ଉଲ୍ଲେଖ କରିଛି



ଯେ, ଯୁବକମାନଙ୍କୁ ନିଯୁକ୍ତି ଦିଆଯିବ। ୧ କୋଟି ଯୁବକଙ୍କୁ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି।

ଏନଡିଏ ପକ୍ଷରୁ ଆଜି ଜାରି ହୋଇଥିବା ଇସ୍ତାହାର ସମୟରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପି (୯ ପୃଷ୍ଠାରେ)

## ଆଜିଠୁ 'ସୁଭଦ୍ରା' ପଞ୍ଜିକରଣ

ଭୁବନେଶ୍ୱର, ୩୧।୧୦ (ସବ୍ୟୁ) : ଆସନ୍ତାକାଲି ଠାରୁ ସୁଭଦ୍ରା ପୋର୍ଟାଲରେ ନୂଆ ହିତାଧିକାରୀ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ। ୨୧ ବର୍ଷ ହୋଇଥିଲେ ଅନଲାଇନରେ ଆବେଦନ କରିହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ଯେଉଁ ମହିଳାମାନେ ୨୦ରୁ ୨୧ରେ ପହଞ୍ଚିଲେ ସେମାନେ ସୁଭଦ୍ରା ହିତାଧିକାରୀମାନେ ଯୋଡି ହୋଇପାରିବେ। ଯେଉଁଠି ଆଦର୍ଶ ଆଚରଣବିଧି ଲାଗୁ ହୋଇଛି ସେ ଅଞ୍ଚଳକୁ ଛାଡି ଅନ୍ୟ ଅଞ୍ଚଳରେ ପୋର୍ଟାଲ ବ୍ୟବହାର କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ପାଳନ

### ନୂଆପଡା ବ୍ୟତିତ ଆଉ ସବୁ ଜିଲ୍ଲାରେ ଖୋଲିବ ପୋର୍ଟାଲ

ଅବସରରେ ସୁଭଦ୍ରା ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୨୦୨୫-୨୬ ଆର୍ଥିକ ବର୍ଷରେ (୯ ପୃଷ୍ଠାରେ)



## ବିଶ୍ୱ ଶାକାହାରୀ ଦିବସ



ପ୍ରତିବର୍ଷ ନଭେମ୍ବର ୧ରେ ପାଳନ ହୋଇଥାଏ ବିଶ୍ୱ ଭେଗାନ ଦିବସ(ଶାକାହାରୀ ଦିବସ) । ଭେଗାନ୍ କହିଲେ କେବଳ ଉଦ୍ଭିଦଜାତ ଖାଦ୍ୟକୁ ବୁଝାଇଥାଏ । ଏହି ଖାଦ୍ୟଶୈଳୀକୁ ଅନୁକରଣ କରୁଥିବା ବ୍ୟକ୍ତିମାନେ ନିଜ ଖାଦ୍ୟରେ କୌଣସି ପ୍ରାଣୀଜାତ ଖାଦ୍ୟ ସାମିଲ କରନ୍ତି ନାହିଁ । ଏହା ପ୍ରାଣୀମାନଙ୍କ ବିରୋଧରେ ହେଉଥିବା ଅତ୍ୟାଚାରକୁ ରୋକିବାକୁ ଏକ ପଦକ୍ଷେପ । ୧୯୯୪ରୁ ୟୁନାଇଟେଡ କିଂଡମ୍, 'ଦ ଭେଗାନ ସୋସାଇଟି' ପକ୍ଷରୁ ଏହା ପାଳିତ ହୋଇ ଆସୁଛି । ୧୯୪୪ ନଭେମ୍ବରରେ ଏହି ସଂସ୍ଥା ଗଢ଼ାଯାଇଥିଲା, ଯେଉଁକାରଣରୁ ନଭେମ୍ବର ୧କୁ ବିଶ୍ୱ ଭେଗାନ ଦିବସ ଭାବେ ପାଳନ କରାଯାଇଥାଏ । ଭେଗାନ ଖାଦ୍ୟଶୈଳୀର ଉପକାରିତା ବାବଦରେ ଜନସଚେତନତା ସୃଷ୍ଟି ଏହି ଦିବସ ପାଳନର ଲକ୍ଷ୍ୟ । ଭେଗାନ୍ ସୋସାଇଟିର ପ୍ରତିଷ୍ଠାକୁ ମନେପକାଇବା ପାଇଁ ଏହି ଦିବସ ପ୍ରତିବର୍ଷ ପାଳନ କରାଯାଇଥାଏ । ବର୍ତ୍ତମାନ ଧୀରେଧୀରେ ବିଶ୍ୱରେ ଭେଗାନ୍ ଖାଦ୍ୟଶୈଳୀକୁ ଅନୁକରଣ କରୁଥିବା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କେବଳ ଖାଦ୍ୟ ନୁହେଁ ଏହାକୁ ଫ୍ୟାଶନରେ ମଧ୍ୟ ବ୍ୟବହାର କରାଯାଉଛି, ଯେଉଁପରି ଫ୍ୟାଶନ ପାଇଁ ପ୍ରାଣୀଙ୍କ ଉପରେ ଅତ୍ୟାଚାରକୁ ରୋକାଯାଇପାରିବ ।

## ସ୍ୱତନ୍ତ୍ର ଚରିତ୍ରରେ ଭୂମି

ଖୁବଶୀଘ୍ର ପରଦାକୁ ଆସିବାକୁ ଯାଉଛି ମାଇଥୋଲୋଜିକାଲ ଫିଲ୍ମ ମହାକାଲୀ । ଯାହାର ଫାଷ୍ଟ ଲୁକ ମେକର୍ସମାନେ ରିଲିଜ କରିଛନ୍ତି । ଏଥିରେ ମହାକାଲୀ ଭୂମିକାରେ ନଜର ଆସିବେ ଅଭିନେତ୍ରୀ ଭୂମି ସେଟ୍ଟି । ଭୂମିଙ୍କର ଲୁକ ବେଶ୍ ନିଆରା ହୋଇଛି । ସେ ଏଥିରେ ଦେବୀ କାଳୀଙ୍କ ଭଳି ବେଶ ହୋଇଥିବା ଦେଖିବାକୁ ମିଳୁଛି । ତାଙ୍କର ଏହି ଲୁକ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଛି । ସମସ୍ତେ ଏହାର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଫିଲ୍ମର ୫୦ ପ୍ରତିଶତ ସୁଟିଂ ସରି ସାରିଲାଣି । ମେକର୍ସମାନେ ଏଥର ବଡ ଷ୍ଟାରକାଷ୍ଟଙ୍କ ବଦଳରେ ନବାଗତା ଭୂମିଙ୍କ ଉପରେ ବିଶ୍ୱାସ ଦେଖାଇଛନ୍ତି । ଏହି ଚରିତ୍ର ପାଇଁ ଅନେକ ବଡବଡ ଅଭିନେତ୍ରୀ ଲାଇନ ଲଗାଇଥିଲେ ମଧ୍ୟ ମେକର୍ସମାନେ ଭୂମିଙ୍କ ଉପରେ ଭରସା କରିଛନ୍ତି । ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ସେହିଭଳି ସୋସିଆଲ ମିଡିଆରେ ପ୍ରଥମ ଲୁକ୍‌କୁ ମିଳୁଥିବା ଦର୍ଶକଙ୍କ ଭଲପାଇବା ମେକର୍ସଙ୍କ ଆଶାକୁ ବଢାଇଛି ।



## ଅପହରଣ ଭୟରେ ମୁହଁରେ ଟାଟୁ




ଚୀନର ଡୁଲୋଙ୍ଗ ପ୍ରଜାତିର ଝିଅମାନେ ନିଜକୁ ଅପହରଣରୁ ସୁରକ୍ଷା ଦେବା ପାଇଁ ମୁହଁରେ ଟାଟୁ ନିର୍ମାଣ କରୁଥିବା ଜଣା ପଡିଛି । ସୂଚନା ଅନୁସାରେ ଏହି ଜନଜାତିର ଯେ କୌଣସି ଝିଅ ୧୨ କିମ୍ବା ୧୩ ବର୍ଷର ହେବା ପରେ ସେମାନଙ୍କ ମୁହଁରେ ଟାଟୁ କରାଯିବାର ପ୍ରଥା ରହିଛି । ଏଥିପାଇଁ ସେମାନଙ୍କ ମୁହଁରେ ଛୁଞ୍ଚି ଫୋଡାଯିବା ସହିତ ଅନ୍ୟ ପ୍ରକ୍ରିୟାକୁ ଅନୁକରଣ କରାଯାଇଥାଏ । ଏଥିପାଇଁ ସେମାନଙ୍କୁ ଅନେକ ଶାରିରୀକ କଷ୍ଟ ସହିବାକୁ ପଡିଥାଏ । ଟାଟୁ କରିବାପରେ ମହିଳାଙ୍କ ମୁହଁ ପୂରା ଟାଟୁରେ ଆଚ୍ଛାଦିତ ହୋଇଯାଇଥାଏ, ଯାହା ଫଳରେ ସେମାନେ କମ ଆକର୍ଷକ ଲାଗନ୍ତି ବୋଲି ଏମାନଙ୍କର ବିଶ୍ୱାସ । ତେଣୁ ସେମାନଙ୍କୁ ଆଉ କେହି ଅପହରଣ କରିବେ ନାହିଁ ବୋଲି ସମସ୍ତେ ମାନନ୍ତି, ଯେଉଁଥିପାଇଁ ସବୁ ମହିଳା ଏହି ପ୍ରଥାକୁ ଅନୁକରଣ କରନ୍ତି । ତେବେ ବର୍ତ୍ତମାନ ଏହି ପ୍ରଥା ଉପରେ ପ୍ରତିବନ୍ଧକ ଲାଗି ସାରିଛି ।

## ସୋସିଆଲ କୋଟ୍ସ




"ମୋ ମତରେ ଅସଲ ସଫଳତା ନାଁ କିମ୍ବା ପଇସା ନୁହେଁ ବରଂ ଜୀବନରେ କେତେ ଶାନ୍ତି ତଥା ସଙ୍କୋଚତାର ସହିତ ବଞ୍ଚୁଛ ସେଥିରୁ ମିଳିଥାଏ । ଏହାର ଆମ ଜୀବନରେ ଖୁବ ପ୍ରଭାବ ରହିଛି ।

ଗୁଲସନ ଦେବୟା, ଅଭିନେତା



"ଅଗସ୍ତ୍ୟା ତୁମେ ଯେତେବେଳେ ଜନ୍ମ ହୋଇଥିଲ ସେ ଅନୁଭୂତି ମୋର ମନେ ଅଛି । ବର୍ତ୍ତମାନ ତୁମେ ଦୁନିଆର ସିନେମା ଘର ପରଦାରେ ରିଲିଜ ହୋଇଛି । ତୁମେ ମୋ ପାଇଁ ବହୁତ ଖାସ । ଜୀବନରେ ଖୁବ ଆଗକୁ ଯାଅ ।

ଅମିତାଭ ବଚ୍ଚନ, ଅଭିନେତା



"ସିମର ତୋର ଡ୍ରଇଂ ରୁମ ନୃତ୍ୟ ଠାରୁ ବଡପରଦାରେ ଡେବ୍ୟୁ ସବୁ ମୋ ପାଇଁ ଗର୍ବ । ତୋ ପ୍ରଦର୍ଶନ ଦେଖି ମୁଁ ଖୁସି ସହିତ ଖୁବ ଗର୍ବ ଅନୁଭବ କରୁଛି । ଏହିଭଳି ଆଗକୁ ଯାଅ ।

ଅକ୍ଷୟ କୁମାର, ଅଭିନେତା

## ଇତିହାସ

୧୭୬୫– ବ୍ରିଟେନ ଉପନିବେଶରେ ଷ୍ଟାମ୍ପ୍ ଆକ୍ଟ ଲାଗୁ କରାଗଲା ।

୧୮୦୦– ହ୍ୱାଇଟ୍ ହାଉସ୍‌ରେ ରହୁଥିବା ଆମେରିକାର ପ୍ରଥମ ରାଷ୍ଟ୍ରପତି ହେଲେ ଜନ୍ ଆଡମ୍ସ ।

୧୮୫୮– ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରୁ ଭାରତର ଶାସନଭାର ବ୍ରିଟେନର ଶାସକ ନିକଟକୁ ସ୍ଥାନାନ୍ତର ହେଲା । ଯାହାଫଳରେ ଗଭର୍ଣ୍ଣର ଜେନେରାଲ୍ ସ୍ଥାନରେ ଭାଇସରାୟଙ୍କ ନିଯୁକ୍ତି କରାଗଲା ।

୧୯୨୨– ଅଟୋମନ୍ ସାମ୍ରାଜ୍ୟର ଅନ୍ତ ଘଟିଲା ଏବଂ ସୁଲତାନ ମହମ୍ମଦ ୬ଙ୍କୁ ବହିଷ୍କାର କରାଗଲା ।

୧୯୫୦– ଚିତ୍ତରଞ୍ଜନ ରେଳ କାରଖାନାରେ ଭାରତର ପ୍ରଥମ ବାଷ୍ପ ଇଞ୍ଜିନ ନିର୍ମାଣ କରାଗଲା ।

୧୯୫୨– ରାଜସ୍ଥାନର ମୁଖ୍ୟମନ୍ତ୍ରୀ ରୂପେ ଜୟ ନାରାୟଣ ଦାୟିତ୍ୱ ସମ୍ଭାଳିଲେ ।

୧୯୫୬– କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟଗୁଡ଼ିକର ସ୍ଥାପନା । ଏହାସହ ରାଜଧାନୀ ଦିଲ୍ଲୀକୁ କେନ୍ଦ୍ରଶାସିତ ଅଞ୍ଚଳ ରୂପେ ମାନ୍ୟତା ମିଳିଲା ଏବଂ ପ୍ରଶାସନିକ ରୂପେ ହାଇଦ୍ରାବାଦ ଉପରୁ ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରାଗଲା ।

୧୯୬୬– ହରିଆଣା ଏବଂ ଚଣ୍ଡିଗଡ଼ ରାଜ୍ୟର ସ୍ଥାପନା ।

୧୯୮୦– ଭାରତର ପ୍ରମୁଖ ସ୍ୱତନ୍ତ୍ରତା ସେନାନୀଙ୍କ ମଧ୍ୟରେ ଅନ୍ୟତମ ଥିବା ଦାମୋଦର ମେନନ୍‌ଙ୍କ ଦେହାନ୍ତ ।

୨୦୦୦– ଛତିଶଗଡ଼ ରାଜ୍ୟ ଗଠିତ ।

## ପରିବା ମଲେଇ



**ପ୍ରଣାଳୀ–** ନଡିଆ ତେଲ, କଟା ପିଆଜ, ରସୁଣ କଟା, ଅଦା କଟା, କଞ୍ଚାଲଙ୍କା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ପସନ୍ଦ ଅନୁସାରେ ପରିବା କଟା (ବିନ, କୋବି, ଗାଜର, କ୍ୟାପସିକମ, ମଟର), ନଡିଆ ରସ, ତେନ୍ତୁଳି ରସ, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ପ୍ୟାନରେ ନଡିଆ ତେଲ ଗରମ କରନ୍ତୁ । ଏଥିରେ କଟା ପିଆଜ ପକାଇ ଭାଜନ୍ତୁ । ଅଳ୍ପ ସମୟପରେ ଏଥିରେ କଟା ରସୁଣ, କଟା କଞ୍ଚାଲଙ୍କା, କଟା ଅଦା ପକାଇ ଭାଜନ୍ତୁ । ଅଳ୍ପ ସମୟପରେ ଏଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ପରିବା ପକାଇ ଭାଜନ୍ତୁ । ପରିବା ଅଳ୍ପଅଳ୍ପ ସିଝିବା ପର୍ଯ୍ୟନ୍ତ ଭାଜନ୍ତୁ । ଏହାପରେ ଏଥିରେ ନଡିଆ ରସ ସହିତ ତେନ୍ତୁଳି ରସ ଦେଇଦିଅନ୍ତୁ । ଏଥିସହିତ ଲୁଣ ମଧ୍ୟ ପକାନ୍ତୁ । ପରିବା ସିଝିବା ପର୍ଯ୍ୟନ୍ତ ଫୁଟିବାକୁ ଛାଡି ଦିଅନ୍ତୁ । ଶେଷରେ ଏଥିରେ ଧନିଆ ପତ୍ର ପକାଇ ଗ୍ୟାସ ବନ୍ଦ କରି ନିଅନ୍ତୁ । ଏହାକୁ ଭାତ ସହିତ ପରଷନ୍ତୁ ଖୁବ ସ୍ୱାଦିଷ୍ଟ ହୋଇଥାଏ ।

## ଏଆଇଠାରୁ ଲୁଚିବାକୁ ବଙ୍କର

ନିକଟରେ ଏକ ଖବର ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଏଆଇର ପରବର୍ତ୍ତୀ ପିଢିକୁ ଡରି ଅରବପତି ମାନେ ଗୁପ୍ତସ୍ଥାନରେ ବଙ୍କର ନିର୍ମାଣ କରୁଛନ୍ତି । ବିଶ୍ୱରେ ବର୍ତ୍ତମାନ ଏଆଇର ଆତଙ୍କରୁ ନିଜକୁ ତଥା ନିଜ ପରିବାରକୁ ସୁରକ୍ଷା ଦେବା ପାଇଁ ସେମାନେ ଏଭଳି କରୁଥିବା ଜଣା ପଡିଛି । ଏହାପଛରେ ଏଆଇର ଅପକମିଂ ଆଡଭାନ୍ସ ଭର୍ସନ ଆର୍ଟିଫିସିଆଲ ଜେନାରାଲ ଇଣ୍ଟେଲିଜେନ୍ସି(ଏଆଇଜି)କୁ ଦାୟୀ କରାଯାଉଛି । ସେମାନଙ୍କ ମତରେ ଏଆଇଜି ଆସିବା ପରେ ଅନେକ ସମସ୍ୟା ଉପୁଜିପାରେ, ଯାହା ବିଭିନ୍ନ ବିପଦର କାରଣ ସାଜିପାରେ । ଏହି ତାଲିକାରେ ଫେସ୍‌ବୁକର ଫାଉଣ୍ଡର ମାର୍କ ଜୁକରବର୍ଗ ମଧ୍ୟ ସାମିଲ ଅଛନ୍ତି। ସେ ମଧ୍ୟ ନିଜ ପରିବାର ପାଇଁ ବଙ୍କର ନିର୍ମାଣ କରୁଥିବା ସୂଚନା ମିଳିଛି । ଅଧିକାଂଶ ଅରବପତି ନ୍ୟୁଜିଲାଣ୍ଡରେ ନିଜର ସେଫହାଉସ ବା ବଙ୍କର ନିର୍ମାଣ କରୁଥିବା ଜଣା ପଡିଛି । ସୂଚନା ଅନୁସାରେ ଏଆଇଜି ଆଗକୁ ମଣିଷର ମସ୍ତିଷ୍କ ଭଳି କାର୍ଯ୍ୟ କରିବ । ଏହା ପାଖରେ ମଣିଷ ଭଳି ସାଧାରଣଜ୍ଞାନ, ତର୍କ ବିତର୍କ କରିବାର ଶକ୍ତି ସହିତ ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ ରହିବ । ତେଣୁ ସମସ୍ତଙ୍କୁ ଭୟ ରହିଛି କି ଏହି ଏଆଇଜି ମଣିଷଙ୍କ ଠାରୁ ମଧ୍ୟ ଆଗକୁ ନ ପଳାଉ । ସେଥିନିମନ୍ତେ ସୁରକ୍ଷା ଦୃଷ୍ଟିରୁ ସମସ୍ତେ ଏହି ବଙ୍କର ସବୁ ନିର୍ମାଣ କରୁଥିବା ଜଣା ପଡିଛି ।






## ପୁଅ ହୋଇଥାଏ ବିଦା



ଭାରତୀୟ ପରମ୍ପରା ଅନୁସାରେ ବିବାହ ପରେ କନ୍ୟାକୁ ଶାଶୁଘର ଯିବାକୁ ହୋଇଥାଏ । ଝିଅଟିକୁ ନିଜର ଆଗ ଜୀବନ ଶାଶୁଘରେ ହିଁ ବିତାଇବାକୁ ହୋଇଥାଏ । ହେଲେ ଭାରତରେ ଏଭଳି ପରମ୍ପରା ମଧ୍ୟ ଅଛି ଯେଉଁଥିରେ ଝିଅ ନୁହେଁ ବରଂ ଜ୍ୱାଇଁ ଶାଶୁଘରେ ରହିଥାଏ । ବିବାହ ପରେ ଝିଅ ବିଦା ନ ହୋଇ ପୁଅ ବିଦା ହୋଇଥାଏ । ଉତ୍ତରପ୍ରଦେଶର କୌଶମ୍ବୀ ହିଙ୍ଗୁଳପୁର ଗ୍ରାମରେ ରହିଛି ଏଭଳି ନିଆରା ପରମ୍ପରା । ଯେଉଁ ପରମ୍ପରା ଅନୁଯାୟୀ ବିବାହ ପରେ ଜ୍ୱାଇଁକୁ ଶ୍ୱଶୁର ଘରେ ଘରଜ୍ୱାଇଁ ହୋଇ ରହିବାକୁ ହୋଇଥାଏ । ଶ୍ୱଶୁରଘର ପଟୁ ଜ୍ୱାଇଁକୁ ରୋଜଗାର କରିବାର ସାଧନ ଯୋଗାଇଦେବାର ପରମ୍ପରା ମଧ୍ୟ ରହିଛି । ଝିଅମାନଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯ୍ୟାତନାରୁ ରକ୍ଷା କରିବା ପାଇଁ ଏହି ଗ୍ରାମରେ ଏଭଳି ପଦକ୍ଷେପ ନିଆଯାଇଛି । ସେହିଭଳି ଏହି ଗ୍ରାମରେ ଝିଅଙ୍କୁ ସର୍ବଦା ଶିକ୍ଷା ଦିଆଯିବା ସହିତ ସ୍ୱାବଲମ୍ବୀ ମଧ୍ୟ କରାଯାଇଥାଏ ।





ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକତା ଦୌଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ନିର୍ବାଚନୀ ମାମଲାରେ ବ୍ରହ୍ମପୁରର ଏସ୍‌ପିଙ୍କ ବୟାନ ପ୍ରସଙ୍ଗ

## କାହିଁକି ଅଦାଲତ ଅବମାନନା ମାମଲା ନହେବ ଜଣାଅ : ହାଇକୋର୍ଟ

କଟକ,(ସବ୍ୟୁ): ବ୍ରହ୍ମପୁର ଏସ୍‌ପିଙ୍କ ବିବାଦୀୟ ବୟାନକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଚାଲିଥିଲାବେଳେ ଜଣେ ବରିଷ୍ଠ ପୁଲିସ୍ ଅଫିସର ଏହା ଉପରେ କିଭଳି ଏଭଳି ବୟାନ ଦେଇପାରିଲେ ସେନେଇ ହାଇକୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଫଳରେ ହାଇକୋର୍ଟ ଏ ସଂକ୍ରାନ୍ତରେ ଏସ୍‌ପିଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି । କ'ଣ ପାଇଁ ତାଙ୍କ ବିରୋଧରେ ଅଦାଲତ ଅବମାନନା ରୁଜୁ ନହେବ ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏସ୍‌ପିଙ୍କ ଜବାବ ଆସନ୍ତା ନଭେମ୍ବର ୭ତାରିଖ ପୂର୍ବରୁ ଅଦାଲତରେ ପହଞ୍ଚିବା ଦରକାର। ନଭେମ୍ବରେ ୭ରେ ଏହି ମାମଲାର ଶୁଣାଣି ହେବ। ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାରେ ଆବେଦନକାରୀ ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ହୋଇଥିବା ଅନ୍ତରୀଣ ପିଟିସନ୍‌ର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଶ୍ରୀ ପଣ୍ଡା ହାଇକୋର୍ଟରେ ରୁଜୁ କରିଥିବା ଅନ୍ତରୀଣ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ବ୍ରହ୍ମପୁର ବିଜେପି ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ନିର୍ବାଚନୀ ମାମଲା ଗତ ୨୨ ତାରିଖରେ ହାଇକୋର୍ଟରେ ଶୁଣାଣି ହୋଇଥିଲା। ଏଥିରେ ହାଇକୋର୍ଟ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବ୍ରହ୍ମପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାର ସେହିଦିନ ଶୁଣାଣି ପରେ ଆବେଦନକାରୀ ଶ୍ରୀ ପଣ୍ଡା କଟକରୁ ବ୍ରହ୍ମପୁରକୁ ଫେରୁଥିଲେ । ବ୍ରହ୍ମପୁର ଷ୍ଟେସନରୁ ଓହ୍ଲାଇବା କ୍ଷଣି ସେଠାରେ ସାଧାରଣ ଡ୍ରେସ୍‌ରେ ଉପସ୍ଥିତ ଥିବା ତିନିଜଣ ପୁଲିସ କର୍ମଚାରୀ ସେମାନଙ୍କ ଗାଡ଼ିରେ ବସାଇ ପୁଲିସ୍ ବାରାକକୁ ନେଇ ଯାଇଥିଲେ । ସେଠାରେ ୨୪ତାରିଖ ପର୍ଯ୍ୟନ୍ତ ଅଟକ ରଖୁଥିଲେ । କ'ଣ ପାଇଁ ସେ ବର୍ତ୍ତମାନର ବିଧାୟକ କେ, ଅନୀଲ କୁମାରଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି ସେନେଇ ଧମକଚମକ ଦେଇଥିଲେ ।

ଏଥିସହ ଆବେଦନକାରୀ ଶ୍ରୀ ପଣ୍ଡା, ବ୍ରହ୍ମପୁର ଏସ୍‌ପି ନିକଟରେ ବିଭିନ୍ନ ଗଣମାଧ୍ୟମରେ ଏହି ନିର୍ବାଚନୀ ମାମଲା ସହ ପୀତବାସ ପଣ୍ଡାଙ୍କ ହତ୍ୟାର କିପରି ସମ୍ପର୍କ ରହିଛି ସେନେଇ ଦେଇଥିବା ବିବାଦୀୟ ବୟାନ ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଜଳ ସମ୍ପଦ ବିଭାଗ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

### ଜଳ ସମ୍ପଦ ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କରାଯିବ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ସବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗରେ ପହଞ୍ଚି ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ରାଜ୍ୟରେ ବିଭିନ୍ନ ଜଳ ଭଣ୍ଡାର ଓ ନଦୀ ଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହିତ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ। ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ଉଚିତ୍ ସମୟ ଭିତ୍ତିରେ ରାଜ୍ୟରେ



ଜଳ ପରିଚାଳନା କରାଯାଇଥାଏ। ଏହା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ । ପରିଦର୍ଶନ ପରେ ଗଣମାଧ୍ୟମକୁ ବିବୃତ୍ତି ରଖି, ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥି ସହିତ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଆଲୋଚନା ଅଧାରୁ ସିଏମ୍‌ସି କାଉନସିଲ ବୈଠକ ବନ୍ଦ

## ପ୍ରତିବାଦ ନାଁରେ ଗଣ୍ଡଗୋଳ, ଚେୟାର ଫୋପଡ଼ା, ଗ୍ଲାସ ଓ ମାଇକ ଭଙ୍ଗା

କଟକ,(ସବ୍ୟୁ): ସମସ୍ୟା ଦୂର କରିବାକୁ ଲୋକମାନେ ନିର୍ବାଚିତ ପ୍ରତିନିଧିଙ୍କୁ କଟକ ମହାନଗର ନିଗମ (ସିଏମସି) କାଉନସିଲ୍‌କୁ ପଠାଇଛନ୍ତି। ଉନ୍ନତିକରଣ କାର୍ଯ୍ୟ ହେଉ ଅବା ସମସ୍ୟା ତାହାକୁ ସମାଧାନ କରିବା କର୍ପୋରେଟରଙ୍କ ପ୍ରମୁଖ ଦାୟିତ୍ୱ। ଏଥିପାଇଁ କାଉନସିଲ ବୈଠକ ହେଉଛି ପ୍ରମୁଖ ମାଧ୍ୟମ। ଏଥିରେ ସବୁ ୱାର୍ଡର ସମସ୍ୟା ଓ ଉନ୍ନତିକରଣ କାର୍ଯ୍ୟ ବିଷୟରେ କର୍ପୋରେଟରମାନେ ସ୍ୱର ଉଠାଇଥାନ୍ତି: କିନ୍ତୁ ସିଏମସି ସାଧାରଣ ପରିଷଦ ବୈଠକରେ ୱାର୍ଡର ଅସୁବିଧା ନେଇ ଆଲୋଚନା ହେବା ଦୂରର କଥା, ପରିଷଦ ସଭାଗୃହରେ ମର୍ଯ୍ୟାଦା ରକ୍ଷା କରାଯାଇପାରୁନାହିଁ। ଯାହାର ଚିତ୍ର ଶୁକ୍ରବାର ହୋଇଥିବା କାଉନସିଲ ବୈଠକ ସଭାଗୃହରେ ଦେଖିବାକୁ ମିଳିଥିଲା। ପ୍ରତିବାଦ ନାଁରେ ଚେୟାର ଫୋଫଡ଼ା ଠାରୁ ଆରମ୍ଭ କରି କାଚ ଗ୍ଲାସ ଓ ମାଇକ ଭଙ୍ଗା ଏବଂ ଶେଷରେ ଗଣ୍ଡଗୋଳ ଭଳି ଘଟଣା ଘଟିଥିଲା। ଲୋକଙ୍କ ପ୍ରସଙ୍ଗ ଉଠିବାବଦଳରେ ବୈଠକ ଅଧାରୁ ବନ୍ଦ ହୋଇଯାଇଥିଲା। ମେୟର, କମିସନରଙ୍କ ଠାରୁ ଆରମ୍ଭ କରି ସବୁ ଅଧିକାରୀ ସଭାଗୃହ ଛାଡ଼ି ପଳାଇଥିଲେ। କାଉନସିଲ ସଭାଗୃହ ଏକ ପ୍ରକାର ରଣକ୍ଷେତ୍ର ପାଲଟିଥିଲା।

ସିଏମସି ବିଜୁଭବନସ୍ଥିତ ବିଶ୍ୱନାଥ ପଣ୍ଡିତ ସଭାଗୃହରେ ୩୭ତମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ସହ ବାଲିଯାତ୍ରାରେ ସିଏମସିର ପଦକ୍ଷେପ ନେଇ ଆଲୋଚନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନା ଆରମ୍ଭରୁ କିଛି କର୍ପୋରେଟର ବିଭିନ୍ନ ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିଥିଲେ। ପରେ କର୍ପୋରେଟର ରାକେଶ ସ୍ୱାଇଁ ୫୧ ନମ୍ବର ୱାର୍ଡରେ ଜିମ୍ ଉପକରଣ ସିଏମସି ଦ୍ୱାରା ଲଗାଯାଇଥିଲେ ମଧ୍ୟ ତାଙ୍କୁ ଏ ବିଷୟରେ ଅବଗତ କରାଯାଇନଥିବା ନେଇ ପ୍ରତିବାଦ କରିଥିଲେ। ଅନ୍ୟ କିଛି କର୍ପୋରେଟର ମଧ୍ୟ ସମାନ ଅଭିଯୋଗ ଆଣିଥିଲେ। ତେବେ ପ୍ରସଙ୍ଗ ଉଠାଇବାବେଳେ କର୍ପୋରେଟର ଶ୍ରୀ ସ୍ୱାଇଁ ଉତ୍‌କ୍ଷିପ୍ତ ହୋଇ ସଭା ମଧ୍ୟକୁ ଚେୟାର ଫୋପାଡ଼ିଥିଲେ। ଏପରିକି କାଚ ଗ୍ଲାସ ,ମାଇକ ଓ ଫୁଲଦାନି ଭାଙ୍ଗିଥିଲେ। ଏହି ସମୟରେ ବିଜେଡିର ଜଣେ କର୍ପୋରେଟର ତାଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିଥିବା ଅଭିଯୋଗ ହେବାରୁ କିଛି ବିଜେପି କର୍ପୋରେଟର ଏହାର ପ୍ରତିବାଦ କରିଥିଲେ। ପରିସ୍ଥିତି ଏପରିକି ହୋଇଥିଲା ଯେ, ବିଜେଡି ଏବଂ ବିଜେପି କର୍ପୋରେଟରଙ୍କ ମଧ୍ୟ କଥା କଟାକଟି ଏବଂ ଆରୋପ ପ୍ରତ୍ୟାରୋପ ଲାଗିଥିଲେ। ମେୟରଙ୍କ ସମେତ କଂଗ୍ରେସ କର୍ପୋରେଟର ବୁଝାସୁଝା କରିବାରୁ ସ୍ଥିତି ଶାନ୍ତ ପଡ଼ିଥିଲା; ହେଲେ ବୈଠକ ଚାଲିପାରିନଥିଲା।

ଅର୍ବାନ ହାଟ ପରିଚାଳନା ନିମନ୍ତେ ବିବାଦ ଉପୁଜିଛି। ପିଣ୍ଡିରେ ବ୍ୟବସାୟୀଙ୍କ ଠାରୁ ସିଏମସି ଦେୟ ଆଦାୟ କରୁଥିବାବେଳେ ତଳେ ବ୍ୟବସାୟୀଙ୍କ ଠାରୁ ପୂଜା କମିଟି ଦେୟଆଦାୟକରୁଛି। ତେଣୁ ଘରୋଇ ସଂସ୍ଥା ଦ୍ୱାରା ଏହାର ପରିଚାଳନା ନିମନ୍ତେ ତିନି ଥର ଟେଣ୍ଡର ପରେ ମଧ୍ୟ ଚତୁର୍ଥ ଥର ବାତିଲ୍ ହୋଇଯାଇଛି। ଯାହାକୁ ନେଇ ବହୁ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିବା ସହ କେଉଁ ଆଧାରରେ ଏହାକୁ ବାତିଲ୍ କରାଗଲା ବୋଲି ପ୍ରଶ୍ନ କରିଥିଲେ। ଏଣିକି ସବୁ କାଉନସିଲ ବୈଠକରେ ଟେଣ୍ଡର ତଥ୍ୟ ଉପସ୍ଥାପନ ସହ ପୁଣିଥରେ ଟେଣ୍ଡର ଡାକିବାକୁ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଦୀର୍ଘଦିନ ପରେ ମଧ୍ୟ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାଗୁଡ଼ିକ କାମ କରୁନାହାନ୍ତି। ଯାହାଦ୍ୱାରା ଲୋକମାନେ ହଇରାଣ ହେଉଥିବାବେଳେ ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁନି। ଅଥଚ ସିଏମସି ପକ୍ଷରୁ ସମ୍ପୃକ୍ତ ସଂସ୍ଥା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କାଉନସିଲ ବୈଠକରେ କର୍ପୋରେଟରମାନେ ଏଭଳି ଅଭିଯୋଗ ଆଣ ଏକ ରିଜୋଲ୍ୟୁସନ ପାସ କରିବାକୁ ପ୍ରସ୍ତାବ ଦେଇଥିଲେ। ଯେଉଁ ସଂସ୍ଥା ଟେଣ୍ଡରର ଦୁଇ ମାସ ମଧ୍ୟରେ କାମ ଆରମ୍ଭ ନ କରିବ, ତାହାକୁ କଳା ତାଲିକାଭୁକ୍ତ କରିବା ନିମନ୍ତେ ମେୟର ନିର୍ଦ୍ଦେଶ ଦେଇଥିଲେ।

### ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଜଟଣୀ, (ସବ୍ୟୁ) : ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ ପାଳନ କରିବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଅଛି । ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ରେଳମଣ୍ଡଳର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ କରାଇ କର୍ମଚାରୀ ମାନଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ କରିଥିଲେ ।ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ "ଏକତା ପାଇଁ ଦୌଡ଼" ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା ଏବଂ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ସମସ୍ତ ଶାଖା ଅଧିକାରୀମାନେ ମଧ୍ୟ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ ।

## ଜଙ୍ଗଲରୁ ମିଳିଲା ନରକଙ୍କାଳ

ଭୁବନେଶ୍ୱର/ବାରଙ୍ଗ, (ସବ୍ୟୁ) : ଚନ୍ଦକା-ଡମପଡା ଅଭୟାରଣ୍ୟ ଭିତରେ ଏକ ନରକଙ୍କାଳ ଉଦ୍ଧାର କରିଛି ଚନ୍ଦକା ଥାନା ପୋଲିସ । କଙ୍କାଳ ପାଖରେ ପଡିଥିବା ମାଳିରୁ ତାହା ଚିହ୍ନଟ ହୋଇଥିବା କୁହାଯାଉଛି । ରେଞ୍ଜରଙ୍କ ଅଭିଯୋଗ ଆଧାରରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି । ୪ଜଣଙ୍କୁ ଥାନାକୁ ଡାକି କଙ୍କାଳ ମିଳିବା ସମ୍ପର୍କରେ ପଚରାଉଚରା କରାଯାଇଛି ।

ଚନ୍ଦକା ଥାନା ଅନ୍ତର୍ଗତ ପିତାଗାଡିଆ ଗାଁର ବଳରାମ ଦେଓଗାମ୍ ନାମକ ଜଣେ ବୃଦ୍ଧ ଗତ ୨୦ଦିନ ତଳୁ ନିଖୋଜ ଥିଲେ । ବଳରାମ ଧାନବିଲ ଜଗିବାକୁ କହି ଘରୁ ଯାଇଥିବା ବେଳେ ଫେରିନଥିଲେ । ସେ କୌଣସି ବନ୍ଧୁ ଘରକୁ ଯାଇଥିବା ପରିବାର ଲୋକେ ଭାବି ଥାନାରେ କୌଣସି ଅଭିଯୋଗ କରିନଥିବା ସୂଚନା ମିଳିଛି । ଶୁକ୍ରବାର ସକାଳେ ପିତାଗାଡିଆ ଗାଁର କିଛି ଲୋକ ଛତୁ ପାଇଁ ଜଙ୍ଗଲକୁ ଯାଇଥିଲେ । କୁମାରଖୁଣ୍ଟି ପାଖ ଜଙ୍ଗଲରେ ଏକ ନରକଙ୍କାଳ ପଡିଥିବା ଦେଖିଥିଲେ । କଙ୍କାଳଠାରୁ କିଛି ଦୂରରେ ଏକ ଗାତ ଖୋଳାଯାଇଥିବା ବେଳେ ଏଣେତେଣେ ହାତ, ଗୋଡର ହାଡ ଖପୁରୀ ପ୍ରଭୃତି ପଡିଥିବା ଦେଖିଥିଲେ । ସେଠାରେ ଗଛପତ୍ର ପୋଡିଯିବା ସହ କଙ୍କାଳ ନିକଟରେ ଏକ ମାଳି ପଡିଥିବା ଦେଖିଥିଲେ ।

ବଳରାମ ନିଖୋଜ ଥିବାରୁ ଜଙ୍ଗଲକୁ ଛତୁ ଆଣିବାକୁ ଯାଇଥିବା ଲୋକମାନେ ତାଙ୍କ ପରିବାରକୁ ଖବର ଦେଇଥିଲେ । ପରିବାର ଲୋକେ ଜଙ୍ଗଲକୁ ଯାଇ ସେଠାରେ ପଡିଥିବା ମାଳିକୁ ଚିହ୍ନିବା ସହ ନରକଙ୍କାଳ ବଳରାମଙ୍କର ବୋଲି ଦାବି କରିଛନ୍ତି । ବଳରାମଙ୍କ ମୃତ୍ୟୁ କିଭଳି ହେଲା ସ୍ପଷ୍ଟ ହୋଇନଥିବା ବେଳେ ତାଙ୍କୁ ହତ୍ୟା କରି ପୋତି ଦିଆଯାଇଥିବା ସନ୍ଦେହ କରାଯାଉଛି । ମୃତଦେହକୁ ମାଟିତଳୁ କାଢି ଜଙ୍ଗଲି ଜନ୍ତୁ ଖାଇଦେଇଥିବା ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ବଳରାମ ଗୁଣି ଶିଖିଥିବାରୁ ତାଙ୍କୁ ଏଠାରେ କେହି ପୋଡି ହତ୍ୟା କରିଥାଇପାରେ ବୋଲି ଚର୍ଚ୍ଚା ମଧ୍ୟ ହେଉଛି । ବନବିଭାଗ ରେଞ୍ଜରଙ୍କ ଲିଖିତ ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପଞ୍ଚନାମା କରି କଙ୍କାଳକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି । ମୃତ୍ୟୁ ରହସ୍ୟ ଜାଣିବା ପାଇଁ ପୋଲିସ ପରିବାର ସଦସ୍ୟଙ୍କ ସମେତ ୪ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି ।

## କମ୍ -କାର୍ବନ ନିର୍ମାଣ ଅଭ୍ୟାସ ମାଧ୍ୟମରେ ନିରନ୍ତର ସହରାଞ୍ଚଳ ବିକାଶରେ ଓଡ଼ିଶା ଅଗ୍ରଣୀ ହେବ

ଭୁବନେଶ୍ୱର: (ସବ୍ୟୁ): ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଏବଂ ବିକାଶ ବିକଳ୍ପ ଦ୍ୱାରା ମିଳିତ ଭାବରେ ଆୟୋଜିତ "ଓଡ଼ିଶାରେ ନିର୍ମିତ ପରିବେଶକୁ ପରିବର୍ତ୍ତନ କରିବା ପାଇଁ କମ -କାର୍ବନ ନିର୍ମାଣ ସାମଗ୍ରୀକୁ ମୁଖ୍ୟଧାରାରେ ପରିଣତ କରିବା" ଶୀର୍ଷକ ଏକ ଦିନକିଆ କର୍ମଶାଳା ସହିତ ଓଡ଼ିଶା ନିରନ୍ତର ଏବଂ ଜଳବାୟୁ-ପ୍ରତିରୋଧୀ କରିଥିଲେ। ଶ୍ରୀମତୀ ପାଢୀକହିଛନ୍ତି ଯେ "ନିର୍ମାଣ କ୍ଷେତ୍ରରେ ଆମେ ଯାହା ବି କରୁ ତାହା ସଚେତନ ଭାବରେ ଏକ ସୁସ୍ଥ ପରିବେଶ ପାଇଁ ଯୋଗଦାନ ଦେବା ଉଚିତ। ଆମେ କେବଳ ସେତେବେଳେ ଅଗ୍ରଗତି କରିପାରିବା ଯଦି ଆମେ ବିଶ୍ୱାସ କରିବା ଯେ ଆମେ କରିପାରିବୁ - ଏବଂ ଆମର ବିକାଶ ସବୁଜ ଏବଂ ପରିବେଶ ଅନୁକୂଳ ହେବ । ସେ ନିୟାମକ ସଂସ୍କାର,



ସହରାଞ୍ଚଳ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଉଦବୋଧନ ଦେଇ ସେ ଏକ ସବୁଜ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ହାସଲ କରିବା ପାଇଁ ସାମୂହିକ ଦୃଢ଼ ବିଶ୍ୱାସ ଏବଂ ସଚେତନ ଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କ୍ଷମତା ନିର୍ମାଣ ଏବଂ ଉଦ୍ୟୋଗୀ ପ୍ରୋତ୍ସାହନ ମାଧ୍ୟମରେ ନିରନ୍ତର ସହରାଞ୍ଚଳକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ପାଢୀ ଆହୁରି ଉଲ୍ଲେଖ କରିଛନ୍ତି ଯେ ନିର୍ମାଣ ଏବଂ ଭଙ୍ଗା ବର୍ଜ୍ୟବସ୍ତୁ ଏବଂ ଚୂନା ପଥର କାଲସାଇଣ୍ଡ କ୍ଲେ ସିମେଣ୍ଟ ଭଳି ଅଭିନବ ସାମଗ୍ରୀକୁ ପ୍ରୋତ୍ସାହିତ କରିବା ଓଡ଼ିଶାର ନିର୍ମାଣ କ୍ଷେତ୍ର ପାଇଁ ପରିବର୍ତ୍ତନକାରୀ ହୋଇପାରେ।

ଏହି କର୍ମଶାଳା ରାଜ୍ୟର ଭିତ୍ତିଭୂମି ଇକୋସିଷ୍ଟମରେ କମ୍-କାର୍ବନ ସାମଗ୍ରୀକୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ରଣନୀତି ଉପରେ ବିଚାର ବିମର୍ଷ କରିବା ପାଇଁ ଶିଳ୍ପ, ଶିକ୍ଷାବିତ୍ ଏବଂ ସରକାରୀ ଅଂଶୀଦାରମାନଙ୍କର ଏକ ବିବିଧ ଗୋଷ୍ଠୀକୁ ଏକତ୍ରିତ କରିଥିଲା। ସମ୍ମାନିତ ଅତିଥି ଭାବରେ ଆଇଆଇଟି ମାଡ୍ରାସର ପ୍ରଫେସର ମନୁ ସନ୍ଥାନମ୍ ନିର୍ମାଣ ଶିଳ୍ପ ପାଇଁ କମ୍-କାର୍ବନ ସାମଗ୍ରୀକୁ ମୁଖ୍ୟଧାରାର ସମାଧାନ ଭାବରେ ଗ୍ରହଣ କରିବା ଏବଂ ଢାଞ୍ଚାଗତ ଏବଂ ଅଣ-ଢାଞ୍ଚାଗତ ପ୍ରୟୋଗ ପାଇଁ କଞ୍ଚାମାଲ ବ୍ୟବହାରକୁ ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ଭାରତର ନେଟ୍-ଶୂନ୍ୟ ଲକ୍ଷ୍ୟ ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ଜାତୀୟ ଆକାଂକ୍ଷା ସହିତ ସହରାଞ୍ଚଳ ବିକାଶକୁ ସମନ୍ୱିତ କରିବା ପାଇଁ ଓଡ଼ିଶାର ଦୃଷ୍ଟିକୋଣକୁ ପୁନଃସ୍ଥାପିତ କରିଥିଲା। ଏହିପରି ପଦକ୍ଷେପ ମାଧ୍ୟମରେ, ରାଜ୍ୟ ସ୍ଥାୟୀ ଭିତ୍ତିଭୂମି ଏବଂ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବାରେ ଉଦାହରଣ ଭାବରେ ନେତୃତ୍ୱ ନେଇ ଚାଲିଛି ।

## ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଓ ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର ,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ



ଶ୍ରାଦ୍ଧ ଦିବସ ଏବଂ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଓ ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଜୟଶ୍ରୀ ପଟ୍ଟନାୟକ, ପୃଥିବୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର, ସୁଦର୍ଶନ ଦାସ, ଅମୀୟ କୁମାର ପଟ୍ଟନାୟକ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ହିମାଂଶୁ ଲେଙ୍କା, ମନୋରଞ୍ଜନ ରାଉତରାୟ, ସଂଜୟ ମିଶ୍ର,ମୋଟରାଜ ଢୁଙ୍ଗ ଢୁଙ୍ଗ, ବସନ୍ତ ମହାରଣା, ଭାସ୍କର ସେଠୀ, ଜାନକୀ ମଲ୍ଲିକ, ପ୍ରଭାତ ପ୍ରତାପ ସିଂ, ତାପସ ସେଠୀ, ଜୟକୃଷ୍ଣ ସୁବୁଦ୍ଧି, ଶିବଶଙ୍କର ବେହେରା, ଦେବେନ୍ଦ୍ର ଦାସ, ସନ୍ତୋଷ କୁମାର ନାୟକ, ଯୁଗଳ ନାୟକ, ସୁସ୍ଥିର ନାୟକ, ଖଗେଶ୍ୱର ମଲ୍ଲିକ, ପ୍ରଶନ୍ନ ପାଇକରାୟ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

### ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପରିବହନ ସମବାୟ ସମିତି ଆର୍ଥିକ ଅନିୟମିତତା ମାମଲା

## ରାଜାଚକ୍ର ଓ ତାର ସହଯୋଗୀ ସୁଶାନ୍ତର ଜାମିନ୍ ଖାରଜ

କଟକ,(ସବ୍ୟୁ): ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତି ଆର୍ଥିକ ଅନିୟମିତତା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ୍ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଦ୍ୱାରା ଗିରଫ ହୋଇଥିବା ବିଜେଡି ଯୁବ ନେତା ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ର ଏବଂ ସହଯୋଗୀ ସୁଶାନ୍ତ କୁମାର ସାମଲଙ୍କ ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଉଭୟଙ୍କ ବିରୋଧରେ କୋଟିକୋଟି ଟଙ୍କାର ଆର୍ଥିକ କାରବାର ହୋଇଥିବା ନେଇ ପ୍ରାଥମିକ ପ୍ରମାଣ ରହିଛି । ସେମାନେ ଗନ୍ଧମାର୍ଦ୍ଦନ ସୋସାଇଟିରୁ ନିଜ ଆକାଉଣ୍ଟକୁ କୋଟିକୋଟି ଟଙ୍କା ନେଇଛନ୍ତି । କ'ଣ ପାଇଁ ସେମାନେ ଏହି ଅର୍ଥ ନେଇଛନ୍ତି ତାହାର କୌଣସି ସନ୍ତୋଷଜନକ ଉତ୍ତର ମଧ୍ୟ ରଖିପାରି ନାହାନ୍ତି । ରାଜା ଚକ୍ର ବିରୋଧରେ ମଧ୍ୟ ୧୪ଟି ଫୌଜଦାରୀ ମାମଲା ରହିଛି। ଏହି ପରିପ୍ରେକ୍ଷୀରେ ଯଦି ଅଭିଯୁକ୍ତମାନଙ୍କୁ ଜାମିନ୍ ଦିଆଯାଏ ତାହେଲେ ସେମାନେ ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରୁ ରଖି ଓ ଅଭିଯୁକ୍ତମାନଙ୍କୁ ଜାମିନ୍ ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଆଜି ଉଭୟଙ୍କ ଜାମିନ୍ ଖାରଜ କରିବା ଅବସରରେ ଏହା କହିଛନ୍ତି।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ

# ସର୍ଦ୍ଦାର ପଟେଲଙ୍କ ଆଦର୍ଶରୁ ପ୍ରେରଣା ନେଇ ଏକଜୁଟ୍ ହୋଇ କାର୍ଯ୍ୟ କରିବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପାଟନାସ୍ଥିତ ବିଜେପି କାର୍ଯ୍ୟାଳୟରେ ଲୌହପୁରୁଷ ତଥା 'ଭାରତରତ୍ନ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଶ୍ରୀ ପ୍ରଧାନ ସମସ୍ତ ଦେଶବାସୀଙ୍କୁ 'ରାଷ୍ଟ୍ରୀୟ ଏକତା ଦିବସ'ର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ସର୍ଦ୍ଦାର ପଟେଲଜୀ ନିଜର ଅତୁଟ ରାଷ୍ଟ୍ରନିଷ୍ଠା, ଅଦ୍ୱିତୀୟ ନେତୃତ୍ୱ ଏବଂ ଅଦମ୍ୟ ସଂକଳ୍ପ ବଳରେ ଅନେକ ରାଜ୍ୟକୁ ଏକ ସୂତ୍ରରେ ବାନ୍ଧି ଅଖଣ୍ଡ ଭାରତର ନିର୍ମାଣ କରିଥିଲେ । ତାଙ୍କର ଜୀବନ ଆମକୁ ଏହା ଶିକ୍ଷା ଦିଏ ଯେ ରାଷ୍ଟ୍ରର ଶକ୍ତି ଏକତାରେ ହିଁ ଅନ୍ତର୍ନିହିତ । ସେ ଭାରତୀୟ ରାଜନୀତିରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ଦେଶର ଏକତା ପାଇଁ ଅସାଧାରଣ ପ୍ରୟାସ କରିଥିଲେ । ତାଙ୍କର ଦୂରଦୃଷ୍ଟି ଓ ନେତୃତ୍ୱ ଯୋଗୁଁ ଆଜି ଭାରତ ଏକ ଅଖଣ୍ଡ ରାଷ୍ଟ୍ର ଭାବରେ ଦଣ୍ଡାୟମାନ । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଥିଲେ, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ରନ୍ ଫର୍ ୟୁନିଟି' ଆୟୋଜିତ ହେଉଛି । ଏହି ଦିନ ଦେଶବାସୀ ଏକଜୁଟ୍ ହୋଇ ସର୍ଦ୍ଦାର ପଟେଲଙ୍କ ନୀତିଗୁଡ଼ିକୁ ସମ୍ମାନ ଜଣାଇବା ସହ ଜାତୀୟ ଏକତା ଏବଂ ଅଖଣ୍ଡତା ପ୍ରତି ଆମର ପ୍ରତିବଦ୍ଧତାକୁ ବ୍ୟକ୍ତ କରୁଛନ୍ତି । ତାଙ୍କ ଆଦର୍ଶରୁ ପ୍ରେରଣା ନେଇ ଏକ ବିକଶିତ ଏବଂ ଶକ୍ତିଶାଳୀ ଭାରତର ନିର୍ମାଣ ପାଇଁ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେବାକୁ ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି ।



# ଲୋକ ସମ୍ପର୍କ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, (ସବ୍ୟୁ) : ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିର୍ବାଚନ କମିଶନ ନିଲମ୍ବିତ କରିଛନ୍ତି । ନିଲମ୍ବନ ଅବଧିରେ ରାଜ୍ୟ ମୁଖ୍ୟାଳୟରେ ସମ୍ପୃକ୍ତ ଅଧିକାରୀ ରହିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଲୋକ ସମ୍ପର୍କ ବିଭାଗ ଏହି ପଦକ୍ଷେପ ନେଇଛି ।

ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ ପାଇଁ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିଲା । ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଥିଲା । ଏହା ସତ୍ତ୍ୱେ ଲୋକ ସମ୍ପର୍କ ଅଧିକାରୀ ତନୁଜା ମହାନ୍ତି ଉଲ୍ଲଂଘନ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି । ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଓ ପ୍ରତିଦିନ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ସମ୍ମୁଖରେ ରିପୋର୍ଟ କରିବେ । ଅଭିଯୋଗ ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ କରିଥିବା ନେଇ କଂଗ୍ରେସ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ନୂଆପଡ଼ାକୁ ଏକ ରାଜନୈତିକ ପ୍ରଚାର ଗସ୍ତ କରୁଛନ୍ତି । ଏହି ପ୍ରଚାରକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସରକାରୀ ମିଡିଆ ସେଲ୍ ହ୍ୱାଟ୍ସଆପ୍‌ରେ ଲୋକସମ୍ପର୍କ ଅଧିକାରୀ ତନୁଜା ମହାନ୍ତି ପୋଷ୍ଟ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଥିଲା । ଏହାର ତଦନ୍ତ କରାଯାଇ ତନୁଜାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।



କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ବାଲିଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛନ୍ତି ।

# ଖୋର୍ଦ୍ଧା ଜିଲ୍ଲା ପୋଲିସ ରେ ବଦଳିଲେ ୨୬ ଏସ୍ଆଇ ଓ ଏଏସ୍ଆଇ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲାପୁଲିସର ବିଭିନ୍ନ ଥାନାରେ କାର୍ଯ୍ୟରତ ଏସ୍ଆଇ ଓ ଏଏସ୍ଆଇ ସ୍ତରରେ ଏକ ବଡଧରଣର ବଦଳି ଆଜି ଏସପି ବିବେକାନନ୍ଦ ଶର୍ମା କରିଛନ୍ତି । ଏଥିରେ ୨୬ଜଣ ଏସ୍ଆଇ ଓ ଏଏସ୍ଆଇ ରହିଛନ୍ତି । ଏସ୍ଆଇ ସ୍ତରରେ ନାଚୁଣୀ ଥାନାରେ ଥିବା ଏସ୍ଆଇ ଉଷାରାଣୀ ଦାସଙ୍କୁ ବେଗୁନିଆ ଥାନା, ବେଗୁନିଆ ଥାନା ଉମାକାନ୍ତ ବେହେରାଙ୍କୁ ଟାଙ୍ଗି ଥାନା, ଆଦର୍ଶଥାନା ର ସ୍ୱାଗତିକା ଦାସଙ୍କୁ ଶିଳ୍ପାଂଚଳ ଥାନା, ଟାଙ୍ଗି ଥାନା ସୁଜାତା ପଲେଇଙ୍କୁ ସଦରଥାନା, ଟାଙ୍ଗି ଥାନା ପ୍ରଫୁଲ କୁମାର ସାହୁଙ୍କୁ ବାଙ୍କୋଇ ଫାଣ୍ଡି, ବେଗୁନିଆ ଥାନା ପ୍ରଦୀପ୍ତ ରାଉତରାୟଙ୍କୁ ଟାଙ୍ଗି ଥାନା, ଟାଙ୍ଗି ଥାନା ଲିଙ୍ଗରାଜ ସେଠଙ୍କୁ ବାଘମାରି ଥାନା, ସଦରଥାନା ଜୟନ୍ତ କୁମାର ଭଞ୍ଜଙ୍କୁ ଆଦର୍ଶ ଥାନା, ବାଙ୍କୋଇ ଫାଣ୍ଡି ଗୌତମ ବେହେରାଙ୍କୁ ନାଚୁଣୀ ଥାନା, ସଦରଥାନା ଦେବସ୍ମିତା ବେହେରାଙ୍କୁ ଟାଙ୍ଗି ଥାନା, ବାଘମାରୀ ଥାନା ର ଚନ୍ଦନ କୁମାର ଦାସଙ୍କୁ ସଦରଥାନା କୁ ବଦଳି କରାଯାଇଛି ।

ସେହିପରି ଏଏସ୍ଆଇଙ୍କ ମଧ୍ୟରେ ଧଳାପଥର ଫାଣ୍ଡିରେ କାର୍ଯ୍ୟରତ ଥିବା ଏସ୍ଆଇ ସୁଶାନ୍ତ କୁମାର ମଲ୍ଲିକଙ୍କୁ ଆଦର୍ଶଥାନା, ଗଡମାଣତ୍ରି ବିଟ୍ ହାଉସ ରେ ଥିବା ସରୋଜ କୁମାର ସେନାପତିଙ୍କୁ ବାଲୁଗାଁ ଥାନା, ବାଣପୁର ଥାନାର ସଞ୍ଜୟ କୁମାର ପାତ୍ରଙ୍କୁ ବେଗୁନିଆ ଥାନା, ବୋଲଗଡ ର ପ୍ରସନ୍ନ କୁମାର ଦଲେଇ ଓ ଜଙ୍କିଆର ପ୍ରମୋଦ କୁମାର ଦଲେଇ ଏବଂ ବିଦ୍ୟାଧର ମଲ୍ଲିକ ଙ୍କୁ ବାଣପୁର ଥାନା, ନାଚୁଣୀ ଥାନା ର ପ୍ରଦୀପ କୁମାର ପ୍ରଧାନଙ୍କୁ ସଦରଥାନା, ଆଦର୍ଶ ଥାନାର ଫୁଲମତି ହମ୍ବ୍ରେମ୍ ଙ୍କୁ ଜଙ୍କିଆ ଥାନା, ସଦରଥାନା ର ମନୋଜ ବେହେରା ଓ ବେଗୁନିଆ ଥାନା ର ଜଗନ୍ନାଥ ପୁଜାରୀଙ୍କୁ ଟାଙ୍ଗି ଥାନା, ଆଦର୍ଶ ଥାନାର ଗଙ୍ଗାଧର ହମ୍ବ୍ରେମ୍ଙ୍କୁ ନାଚୁଣୀ ଥାନା, ବାଣପୁର ର ବସୁମତୀ ସାହୁଙ୍କୁ ଆଦର୍ଶଥାନା, ବାଲୁଗାଁ ଥାନା ବାବୁଲା ମଲ୍ଲିକଙ୍କୁ ବୋଲଗଡ ଥାନା, ନାଚୁଣୀ ଥାନା ଆରାଧ ପ୍ରସାଦ ନାୟକଙ୍କୁ ଗଡମାଣତ୍ରି ବିଟ୍ ହାଉସ୍ ଏବଂ ବାଣପୁର ଥାନାରେ କାର୍ଯ୍ୟରତ ଅନୀଲ କୁମାର ନାୟକଙ୍କୁ ଧଳାପଥର ଫାଣ୍ଡିକୁ ବଦଳି କରାଯାଇଛି । ସମସ୍ତ ପୁଲିସ ଅଧିକାରୀମାନେ ଏହି ବଦଳି ନିର୍ଦ୍ଦେଶକୁ ମାନି ତୁରନ୍ତ ନୂତନ ସ୍ଥାନରେ ଯୋଗଦେବା ଲାଗି ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି । ତେବେ ଖାଲିଥିବା ପଦବୀ, ପ୍ରଶାସନିକ ଆବଶ୍ୟକତା, ବ୍ୟକ୍ତିଗତ ପ୍ରତିନିଧିତ୍ୱ ଏବଂ ଜନସେବା ଆଗ୍ରହକୁ ଦୃଷ୍ଟିରେ ରଖି ଏହି ବଦଳି କରାଯାଇଥିବା ଜିଲ୍ଲା ପୁଲିସ ପକ୍ଷରୁ ନିର୍ଦ୍ଦେଶନାମାରେ କୁହାଯାଇଛି ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏକତା ସୂତ୍ରଧର ରାଷ୍ଟ୍ର ନିର୍ମାତା ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇ ଯାଇଅଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସଭାରେ ଯୋଗଦେଇଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ ଓ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, ସମସ୍ତ ବିଡିଓ ଏବଂ ତହସିଲଦାର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ରାଷ୍ଟ୍ରର ଏକତା ଓ ଅଖଣ୍ଡତା କୁ ବଜାୟ ରଖିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବାକୁ ଏକତା ଶପଥ ପାଠ କରାଇଥିଲେ ।

## ବାଲିଯାତ୍ରାକୁ ଆଉ ମାତ୍ର ୪ ଦିନ

# କଳିଙ୍ଗ ତରଙ୍ଗିଣୀ ବୋଇତର ଶୁଭାରମ୍ଭ, ପର୍ଯ୍ୟଟକ ବୁଲିବେ ମହାନଦୀର ନୀଳ ଜଳରାଶିରେ

କଟକ, (ସବ୍ୟୁ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ ପାଇଁ ଆଉ ମାତ୍ର ୪ ଦିନ ରହିଥିବାବେଳେ ଶୁକ୍ରବାର ମହାନଦୀର ଗଡ଼ଗଡିଆ ଘାଟଠାରେ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ କରାଯାଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଏହି ନୂତନ ବୋଇତର ଶୁଭାରମ୍ଭ କରିଛନ୍ତି । ପାରମ୍ପରିକ ରୀତିମତେ ପୂଜାର୍ଚ୍ଚନା କରାଯାଇ ବୋଇତର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଆୟୁକ୍ତ କଟକ ମହାନଗର ନିଗମ ସୁଶ୍ରୀ କିରନଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଓ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ । ବାଲିଯାତ୍ରା ପରେ ଏହି ବୋଇତ ରେ ପର୍ଯ୍ୟଟକ ମାନେ ମହାନଦୀର ନୀଳ ଜଳରାଶିରେ ବୁଲିବାର ଅନୁଭବ ସାଉଁଟିପାରିବେ ।



"କଳିଙ୍ଗ ତରଙ୍ଗିଣୀ" ଆମ ଐତିହ୍ୟର ଜୀବନ୍ତ ପ୍ରତୀକ । ପ୍ରାଚୀନ କଳିଙ୍ଗର ବୋଇତ ନିର୍ମାଣଶୈଳୀରେ ନିର୍ମିତ ଏହି ନୌକା ଆମକୁ ସେହି ସୁବର୍ଣ୍ଣ ଯୁଗକୁ ଏକ ସ୍ୱପ୍ନ ଭଳି ଫେରାଇନିଏ । ସେତେବେଳ ସାଧବ ପୁଅମାନଙ୍କର ଏହି ଯାତ୍ରା କେବଳ ବାଣିଜ୍ୟିକ ଯାତ୍ରା ନଥିଲା ବରଂ ସାଂସ୍କୃତିକ ଆଦାନପ୍ରଦାନର ଏକ ମାଧ୍ୟମ ଥିଲା – ଯାହା ଉଭୟ ସମୁଦ୍ର ସେପାରି ଓ ଏପାରିର କଳା, ସଂସ୍କୃତି, ବେଶଭୂଷା ଓ ଖାଦ୍ୟପେୟରେ ପ୍ରତିଫଳିତ କରୁଥିଲା ।

"କଳିଙ୍ଗ ତରଙ୍ଗିଣୀ", ଏହି ନାଁ ଓଡ଼ିଶାର ଗୌରବମୟ ଐତିହ୍ୟ ଓ ଦୁଃସାହସିକ ନୀଳ ସାଗର ଯାତ୍ରାର ଅଭିବ୍ୟକ୍ତି । "କଳିଙ୍ଗ", ଶବ୍ଦ ଆମକୁ ସେହି ପୁରାତନ ସାମ୍ରାଜ୍ୟର ସ୍ମୃତି ପଟଳ ଭିତରକୁ ଫେରାଇନିଏ, ଯେଉଁଠାରେ ସାହସ, ବାଣିଜ୍ୟ ଦକ୍ଷତା ଓ ସଂସ୍କୃତି ଓଡ଼ିଆ ଜାତିର ପରିଚୟ ଥିଲା । "ତରଙ୍ଗିଣୀ"ର ଅର୍ଥ, ତରଙ୍ଗ ସହିତ ଗତି, ଯାହା ଜୀବନର ଅବିରତ ଗତି, ସହନଶୀଳତା ଓ ଆଗକୁ ବଢ଼ିବାର ଆଶା ଓ ଭରସାର ପ୍ରତୀକ । ଏହି ଦୁଇ ଶବ୍ଦ ଏକତ୍ର ହୋଇ ଓଡ଼ିଶାର ସାଗରୀୟ ସଂସ୍କୃତିର ଅବିନାଶୀ ଗୀତ ଗାଏ । ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଅବସରରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଏହି "କଳିଙ୍ଗ ତରଙ୍ଗିଣୀ" ଆମ ସ୍ମୃତିରେ ଉତ୍କଳର ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ଓ ସାମୁଦ୍ରିକ ଐତିହ୍ୟକୁ ପୁଣି ଉଜ୍ଜୀବିତ କରିପାରିବ ।

# ନାବାଳକକୁ ମାଡ ମାରିବା ଭିଡିଓ ଭାଇରାଲ :୭ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ନାବାଳକଙ୍କୁ ମାଡ ମାରି ଧମକଚମକ ଦେବା ପରେ ଘରେ ଓ ପୋଲିସକୁ ନଜଣାଇବାକୁ ଦୁର୍ବୃତ୍ତମାନେ ଧମକ ଦେଇଥିଲେ । ମାଡ ମାରିବା ସମୟରେ ସେମାନେ ଭିଡିଓ ପ୍ରସ୍ତୁତ କରିଥିଲେ । ନିଜ ପତିଆରା ଜାହିର ପାଇଁ ଭିଡିଓକୁ ସୋସିଆଲ୍ ମିଡିଆରେ ପକାଇ ଭାଇରାଲ କରାଇଥିଲେ । ଭାଇରାଲ ଭିଡିଓ ପୀଡିତ ନାବାଳକଙ୍କ ମା' ଦେଖିବା ପରେ ଧଉଳି ଥାନାରେ ଏତଲା କରିଥିଲେ । ଏତଲା ଅନୁଯାୟୀ ପୋଲିସ ୮ଜଣଙ୍କୁ ଗିରଫ କଲା ।

ନମିତା ମଲ୍ଲିକ ସପରିବାରେ ଧଉଳି ଥାନା ଅନ୍ତର୍ଗତ କୁଷ୍ଟପୁରରେ ରୁହନ୍ତି । ଗତ ୫ ତାରିଖ ଦିନ ତାଙ୍କ ୧୪ବର୍ଷର ପୁଅ ପ୍ରଦୀପ ମଲ୍ଲିକ ଧଉଳି ପାହାଡକୁ ବୁଲିବାକୁ ଯାଇଥିଲେ । ବସ୍‌ଷ୍ଟାଣ୍ଡ ନିକଟରେ ଅନ୍ୟ ଜଣେ ନାବାଳକ କୌଣସି କାରଣକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା ।



ଯାହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହେଲା । ପରସ୍ପର ମଧ୍ୟରେ ମାରଧର ମଧ୍ୟ ହୋଇଥିଲେ । ତା'ପରଦିନ ଅଭିଯୁକ୍ତ ବିଶ୍ୱନାଥ କାଣ୍ଡିଙ୍କ ନେତୃତ୍ୱରେ ଅନ୍ୟ ୬ଜଣ ଅଭିଯୁକ୍ତ ପ୍ରଦୀପଙ୍କୁ ଧଉଳି ପାହାଡ ନିକଟସ୍ଥ ପାନ ଦୋକାନ ନିକଟରୁ ଅପହରଣ କରିନେଇଥିଲେ । ପାମସରା କେନାଲ ବନ୍ଧ ନିକଟକୁ ନେଇଯାଇ ସଂଘବଦ୍ଧ ଭାବେ ସେଠାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଭିଡିଓ ପ୍ରସ୍ତୁତ କରି ଭାଇରାଲ କରିଥିଲେ ।

ଏହି ଘଟଣା କାହାରିକୁ କହିଲେ ଜୀବନରୁ ମାରିଦେବେ ବୋଲି ନାବାଳକଙ୍କୁ ଧମକ ଦେଇଥିଲେ । ଘଟଣା ଦିନଠାରୁ ପୀଡିତ ପ୍ରଦୀପ ଚୁପ୍ ରହିବା ସହ କାହାକୁ କିଛି କହିନଥିଲା । ଗୁରୁବାର ଦିନ ଅଭିଯୋଗକାରିଣୀ ସରଦେଇପୁର ବଜାରକୁ ଯାଇଥିବା ବେଳେ ସେଠାରେ ତାଙ୍କ ସମ୍ପର୍କୀୟଙ୍କ ଠାରୁ ଭାଇରାଲ ଭିଡିଓ ଦେଖିବାକୁ ପାଇଥିଲେ । ଏହା ଦେଖିବା ପରେ ସେ ଧଉଳି ଥାନା ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ସତ୍ୟଜିତ ମଲ୍ଲିକ (୨୦), ବିଶ୍ୱନାଥ କାଣ୍ଡି (୧୯), ଶୁଭ୍ରଜିତ ପ୍ରଧାନ (୧୯), ଜନ୍ମନ ଭୋଇ (୧୯), ସ୍ୱରୂପ ପ୍ରକାଶ (୧୯), ରାଜା ନାୟକ (୧୯) ଓ ଶିବୁନା ବେହେରା (୧୯) ଙ୍କୁ ଗିରଫ କରିବା ପରେ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ନିରତାରରେ ଏକତା ଦିବସ ପାଳିତ

କଣ୍ଟାପଡ଼ା, (ସବ୍ୟୁ): ଓଲଟପୁରସ୍ଥିତ ଏସଭି ନିରତାର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଏକତା ପାଇଁ ଏକ ଗଣଦୌଡ଼ ଆୟୋଜନ ହୋଇଥିଲା । ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନିରତାରର ୭ଶହରୁ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ, କର୍ମଚାରୀ, ଦିବାଙ୍ଗଜନ ଓ ସେମାନଙ୍କ ପରିବାର ବର୍ଗ ସାମିଲ ହୋଇଥିଲେ । ଆଇଆଇସି କାଦମ୍ବିନୀ ପରିଡ଼ା, ସରପଞ୍ଚ ନିର୍ମଳ ସାହୁ, ସମିତି ସଭ୍ୟ ପବିତ୍ର ସ୍ୱାଇଁ, ଅଶୋକ ସାମନ୍ତରାୟ, ରମା ପ୍ରଧାନ, ଶ୍ରୀଧର ବେହେରା, ସୌଭାଗ ଦାସ, ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ବେଦାନ୍ତ ଆଲୁମିନିୟମର ଦକ୍ଷତା ପଦକ୍ଷେପ ମାଧ୍ୟମରେ

# ଆଧୁନିକ କାର୍ଯ୍ୟକ୍ଷେତ୍ରକୁ ପଦାର୍ପଣ କରୁଛନ୍ତି କଳାହାଣ୍ଡିର ଯୁବପିଢ଼ି

ଭୁବନେଶ୍ୱର, (ସବ୍ୟୁ): ସମୃଦ୍ଧ ପରମ୍ପରା ଏବଂ ଅବ୍ୟବହୃତ ସମ୍ଭାବନାର ଭୂମି କଳାହାଣ୍ଡି ଏବେ ଏକ ଉଲ୍ଲେଖନୀୟ ପରିବର୍ତ୍ତନର ସାକ୍ଷୀ ହେଉଛି । ଏହାର ଶାନ୍ତ ଭୂମିରେ, ମହତ୍ତ୍ୱାକାଂକ୍ଷା, ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତାର ଏକ ନୂତନ କାହାଣୀ ରୂପ ନେଉଛି - ଯାହାର ନେତୃତ୍ୱ ନେଉଛି ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ, ଯାହା ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇସାରିଛି । ୫୫% ମହିଳା ଅଂଶଗ୍ରହଣ ସହିତ, କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଏହାର ଲୋକଙ୍କ ପାଇଁ ସୁଯୋଗର ଏକ ଦ୍ୱାର ଖୋଲିବା ସହିତ ଲିଙ୍ଗ-ସାମଗ୍ରିକ ନିଯୁକ୍ତିକୁ ବୃଦ୍ଧି କରୁଛି ଏବଂ ଏହି ଅଞ୍ଚଳରେ ନୂତନ ଜୀବନ ଫୁଙ୍କୁଛି । କାହିଁ କେଉଁ ଦଶକ ଧରି କଳାହାଣ୍ଡି ଥିଲା ସୀମିତ ସୁଯୋଗ ଓ ଅପୂର୍ଣ୍ଣ ସ୍ୱପ୍ନର ଅଞ୍ଚଳ । କିନ୍ତୁ ଏବେ ଭାଗ୍ୟ ବଦଳିଛି । ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକରେ ଯୁବକ-ଯୁବତୀମାନେ ଆଚରଣିକ ଓ ନିଯୁକ୍ତି-



ଯୋଗ୍ୟ କୌଶଳ ଶିଖୁଛନ୍ତି, ଯାହା ତାଙ୍କୁ ନୂତନ ଓ ଆଧୁନିକ ବୃତ୍ତିକ୍ଷେତ୍ରରେ ସୁଯୋଗ ଦେଉଛି । ଏହି କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଓ ନାବାର୍ଡ ସହଯୋଗରେ ଚାଲୁଛି । ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ-ସଂପର୍କିତ ପଢ଼ାଶୁଣା ହେଉଛି । ଏପର୍ଯ୍ୟନ୍ତ ଯେଉଁ ୮୦୦ରୁ ଅଧିକ ଯୁବା ଶିକ୍ଷା ପାଇଛନ୍ତି, ସେଥିରୁ ୭୫% କାମରେ ନିଯୁକ୍ତ, ଯାହା ଏହି ପ୍ରକଳ୍ପର ସଫଳତା ଦର୍ଶାଉଛି । କିନ୍ତୁ ଏହା କେବଳ କାହାଣୀର ଏକ ଅଂଶ । ପ୍ରତ୍ୟେକ ସଂଖ୍ୟା ପଛରେ ଅଛି ଜୀବନର ଏକ ନୂଆ ପରିବର୍ତ୍ତନ । ଉଦାହରଣ ସ୍ୱରୂପ, ଭଟଗୁଡ଼ା ଗାଁର ୨୧ ବର୍ଷୀୟ ବିଘ୍ନନାଶିନୀ ବିଶି, ବେଦାନ୍ତ ଆଲୁମିନିୟମ ଦ୍ୱାରା ଦିଆଯାଇଥିବା ପ୍ରଶିକ୍ଷଣ ପରେ ପୁନେର ଫିଏସ୍ଟା ବାରବିକ୍ୟୁ ନେସନରେ କାମ କରୁଛନ୍ତି ।

## ନୂଆପଡାରେ ପ୍ରୀତି ରଞ୍ଜନ ଘଡାଇଙ୍କ ବାସସ୍ଥାନ ଉପରେ ଚଢ଼ାଉ ଘଟଣା

# ମୁଖ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେଡି


ଭୁବନେଶ୍ୱର, (ସବ୍ୟୁ): ନୂଆପଡାରେ ନିର୍ବାଚନ ପ୍ରଚାର ଉଷ୍ମତା ବୃଦ୍ଧି ପାଇଥିବା ବେଳେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରୀତି ରଞ୍ଜନ ଘଡେଇ ନୂଆପଡାରେ ରହୁଥିବା ଘର ଉପରେ ପ୍ରଶାସନ ତରଫରୁ ଆଜି ଚଢ଼ାଉ କରାଯାଇଥିଲା, ଯାହାକୁ ବିଜୁ ଜନତା ଦଳ ତରଫରୁ କଡା ନିନ୍ଦା କରାଯାଇଛି । ନୂଆପଡା ଉପନିର୍ବାଚନରେ ପରାଜୟ ଆସନ୍ନ ଜାଣି ଭାରତୀୟ ଜନତା ପାର୍ଟି ପ୍ରତିଶୋଧାତ୍ମକ ହୋଇ ପ୍ରଶାସନକୁ ବ୍ୟବହାର କରି ବିଜେଡିର ମନୋବଳକୁ ଦୁର୍ବଳ କରିବାକୁ ଅପଚେଷ୍ଟା କରୁଛି ବୋଲି ବିଜେଡି କହିଛି । ବିଜୁ ଜନତା ଦଳ ତରଫରୁ ଜାରି କରା ଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, କୌଣସି ସର୍ଚ୍ଚ ୱାରେଣ୍ଟ ନଥାଇ ଆଜି ଯେପରି ବିଜେଡିର ବରିଷ୍ଠ ନେତା ପ୍ରୀତି ରଞ୍ଜନ ଘଡେଇ ରହୁଥିବା ଘର ଉପରେ ଚଢ଼ାଉ କରାଗଲା, ତାହା ବିଜେପିର ହତାଶ ଭାବକୁ ପ୍ରଦର୍ଶିତ କରୁଛି । ଚଢ଼ାଉ ବେଳେ ବହୁ ସଂଖ୍ୟାରେ ପୋଲିସ ଡ୍ରେସରେ ଥିବା ଲୋକ ଥିଲେ । ଏମାନେ ସତରେ ପୋଲିସ ନା ଛତିଶଗଡ଼ରୁ ଆସିଥିବା ବିଜେପି କର୍ମୀ ମାନେ ପୋଲିସ ବେଶରେ ଆସିଥିଲେ, ସେନେଇ ତଦନ୍ତ ହେବାର ଆବଶ୍ୟକତା ରହିଛି । ଉପନିର୍ବାଚନରେ, ବିଜେପିର ସ୍ଥିତି ଦିନକୁ ଦିନ ଦୁର୍ବଳ ହେଉଥିବାରୁ, ପରାଜୟ ଭୟରେ ବିଜେପି ହତାଶ ହୋଇ, ପ୍ରଶାସନକୁ ବ୍ୟବହାର କରି ବିଜେଡିର ମନୋବଳକୁ ଦୁର୍ବଳ କରିବାକୁ ଅପଚେଷ୍ଟା କରୁଛି । ବିଜୁ ଜନତା ଦଳର ସଭପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆପଡା ଗସ୍ତ କାର୍ଯ୍ୟକ୍ରମ ବିଷୟରେ ଜାଣିବା ପରେ, ବିଜେପି ନେତାମାନେ ଆତଙ୍କିତ ହୋଇ ପଡିଛନ୍ତି । ଏହାପରେ, ବିଜେପିର ପ୍ରରୋଚନାରେ ଏପରି ଘୃଣ୍ୟ ଉଦ୍ୟମ କରାଯାଇଛି । ବିଜେପି ପ୍ରଶାସନିକ କଳର ଅପବ୍ୟବ୍ୟହାର କରିବା, ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରୁଛି । ତେଣୁ, ବିଜେଡି ତରଫରୁ ରାଜ୍ୟ ମୁଖ୍ୟ ନିର୍ବାଚନ କମିସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ସମ୍ବନ୍ଧରେ, ଦଳ ତରଫରୁ ମୁଖ୍ୟ ନିର୍ବାଚନ କମିସନରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

## ନକଲି ରୁପା ଦେଇ ୨ ଗିରଫ

କୁଆଖିଆ ,(ସବ୍ୟୁ): ଗହଣା ଦୋକାନରେ ନକଲି ରୁପା ଦେଇ ଅସଲି ରୁପା ନେଇ ପଳାଉଥିବା ବେଳେ ଶୁକ୍ରବାର ଦିନ ୨ ଡହରାଙ୍କୁ କୁଆଖିଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ମଧୁବନ ଅଂଚଳର ସନ୍ତୋଷ ସାହୁଙ୍କ ଦୋକାନରେ ନକଲି ରୁପା ଦେଇ ଅସଲି ରୁପା ନେଇ ପଳାଉଥିବା ବେଳେ ସନ୍ତୋଷ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ । କୁଆଖିଆ ପୋଲିସ କୌଶଳ କ୍ରମେ ଶୁକ୍ରବାର ଦିନ ୨ ଚୋର ଚୌଦ୍ୱାର ଥାନା ଚାଷଝପଡା ଗ୍ରାମର ବଂଶୀଧର ପାତ୍ରଙ୍କ ପୁଅ ଦିଲ୍ଲୀପ ପାତ୍ର ଓ ଅନ୍ୟ ଜଣେ ଧର୍ମଶାଳା ମୀର୍ଜାପୁର ଗ୍ରାମର ନିର୍ମଳ ସାହୁଙ୍କ ପୁଅ ଯସମନ ସାହୁଙ୍କୁ ଧରି ଜେରା କରିବା ପରେ ଗିରଫ କରିଥିଲେ । କୁଆଖିଆ ଥାନା ପୋଲିସ କେଶ ନଂ ୪୪୨ ରେ ମାମଲା ରୁଜୁ କରି ଏସ ଆଇ ଅନିତା ଜେନାଙ୍କୁ ତଦନ୍ତ ଭାର ଦିଆଯାଇଥିଲା ।

# ନୂଆପଡ଼ା ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ନୂଆ ଦିଶା ଦେଖାଇବ : ପ୍ରସାଦ

ଭୁବନେଶ୍ୱର,(ସବ୍ୟୁ): ଭାରତ ବର୍ଷର ରାଜନୀତିକୁ ଆଗାମୀ ଦିନରେ ଯେଭଳି ବିହାର ନିର୍ବାଚନ ଫଳାଫଳ ପ୍ରଭାବିତ କରିବ ଠିକ୍ ସେହିପରି ନୂଆପଡାର ଉପର୍ନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ଦିସା ଦେଖାଇବ । ନୂଆପଡାରେ ବିଜେପି ଓ ବିଜେଡ଼ି ମଧ୍ୟରେ ସଲାକୁସ୍ତିର ଲଢେଇ ଚାଲିଛି । କିନ୍ତୁ ଜନତା ନିଷ୍ପତି ନେଇସାରିଛନ୍ତି, ଲୋକଙ୍କ ନିଷ୍ପତି କଂଗ୍ରେସ ସପକ୍ଷରେ ରହିଛି ବୋଲି ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମତ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରସାଦ କହିଛନ୍ତି ସରକାରୀ କଳ ଓ କର୍ମଚାରୀଙ୍କୁ କାମରେ ଲଗାଇଛନ୍ତି ଡବଲ ଇଞ୍ଜିନ ସରକାର । ନୂଆପଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପୋଲିସ ଦ୍ୱାରା ଛାପା ମରାଯାଇଥିଲା । ହେଲେ ମିଳିଲା କଣ ? । ଗତ ବିଧାନସଭା ନିର୍ବାଚନରେ ୨୪ ବର୍ଷର ମୁଖ୍ୟମନ୍ତ୍ରୀ ନବୀନ ବାବୁ କଣ୍ଟାବାଞ୍ଜିରେ ନିର୍ବାଚନ ଲଢି ବହୁ ଭୋଟ ବ୍ୟବଧାନରେ ପରାଜୟର ସ୍ୱାଦ ଚାଖିଥିଲେ । ନୂଆପଡ଼ା



ରେ ଚଳିତ ନିର୍ବାଚନରେ ମଧ୍ୟ ବିଜେଡି କଣ୍ଟାବାଞ୍ଜି ଭଳି ସମାନ ଫଳାଫଳ ଦେଖିବ । କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି । ନୂଆପଡାରେ ନୂଆ ନାରା ଉଠୁଛି ବାହାରି ଭଗାଓ, ଆପନା ଲାଓ । ଶ୍ରୀ ହରିଚନ୍ଦନ ନୂଆପଡ଼ା ଜିଲ୍ଲାକୁ କଂଗ୍ରେସର ଅବଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସେ କହିଛନ୍ତି ଦୁର୍ଭିକ୍ଷ ବେଳେ ଇନ୍ଦିରା ଗାନ୍ଧୀ ଏଠାକୁ ଆସିଥିଲେ । ପ୍ରଧାନମନ୍ତ୍ରୀ ଥିବାବେଳେ ରାଜୀବ ଗାନ୍ଧି ସୋନିଆ ଗାନ୍ଧୀଙ୍କ ସହିତ କୋମନା ବ୍ଲକ ଆସି ଆଦିବାସୀ ମାନଙ୍କ ପାଇଁ କାର୍ଯ୍ୟ କରିଛନ୍ତି । ମାଡ଼ା ଯୋଜନା ଓ କେବିକେ ଯୋଜନା ମାଧ୍ୟମରେ କଂଗ୍ରେସ ଅମଳରେ ନୂଆପଡାରେ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଛି । କଂଗ୍ରେସ ଶାସନ ସମୟରେ ନିର୍ମାଣ ହୋଇଥିବା ପୋତରା ଡ୍ୟାମର ଜଳଧାରଣ କ୍ଷମତା ପୂର୍ବ ବିଜେପି ଓ ବିଜେଡ଼ି ସରକାର ଗତ ୨୫ ବର୍ଷ ମଧ୍ୟରେ ବଢାଇଲେ ନାହିଁ । ଏବେ ବି ନୂଆପଡ଼ା ଜିଲ୍ଲାରୁ ସର୍ବାଧିକ ଶିକ୍ଷିତ ,ବେକାରୀ ଯୁବକ ଯୁବତୀ ମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ବିଜେଡି ଓ ବିଜେପିର ଶାସନରେ ନୂଆପଡ଼ାର ନୂଆ ପରିଚୟ ସୃଷ୍ଟି ହୋଇଛି - ଭୋକମାରୀ , ମହାମାରୀ ଓ ଦେଶାନ୍ତରୀକୁ ନେଇ । କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ ଦିନଠୁ ଉତ୍ସାହ ଦେଖିବାକୁ ମିଳିଥିଲା । ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଓ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ଦୁର୍ନୀତି ନିବାରଣ ପାଇଁ ଟିପିଏସ୍ଓଡିଏଲର ୱାକାଥନ

## ଯୋଗଦେଲେ ସ୍ଥାନୀୟ ଲୋକ ଏବଂ ବହୁ କର୍ମଚାରୀ




ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ବ୍ରହ୍ମପୁରଠାରେ ଦୁର୍ନୀତି ନିବାରଣ ସଚେତନତା ମାସ ୨୦୨୫ ଅବସରରେ ଓ୍ୱାକାଥନ ଆୟୋଜିତ ହୋଇଛି । ଯାହା କମ୍ପାନୀର ସତ୍ୟନିଷ୍ଠା, ସ୍ୱଚ୍ଛତା ଏବଂ ନୈତିକ ଶାସନ ପ୍ରତି ଥିବା ତା'ର ପ୍ରତିବଦ୍ଧତାକୁ ଦର୍ଶାଇଛି । ଦୁର୍ନୀତି ବିରୁଦ୍ଧରେ ଏହି ଅବସରରେ କମ୍ପାନୀର ବିଭିନ୍ନ ବିଭାଗର ବହୁ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ଓ୍ୱାକାଥନରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏଥିରେ ଯୋଗ ଦେଇଥିବା ସମସ୍ତ ଅଂଶଗ୍ରହଣକାରୀମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟି-ସାର୍ଟ ପରିଧାନ କରିବା ସହିତ ବ୍ୟାନର, ପ୍ଲାକାର୍ଡ ଧରି ଓ୍ୱାକାଥନରେ ସାମିଲ ହୋଇଥିଲେ । ଏଥିସହିତ ପ୍ରଚାରପତ୍ର ବାଣ୍ଟିବା ସହିତ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିଥିଲେ । ଯାହା ଦୈନନ୍ଦିନ ଜୀବନରେ ସାଧୁତା, ଦାୟିତ୍ୱବୋଧତା ଏବଂ ନୈତିକ ବ୍ୟବହାରର ଗୁରୁତ୍ୱ ପ୍ରତି ଉଦ୍ଦିଷ୍ଟ ଥିଲା । ଚଳିତବର୍ଷ ଦୁର୍ନୀତି ନିବାରଣ ସଚେତନତା ମାସର ବିଷୟବସ୍ତୁ ରହିଛି ସତର୍କତା- ଆମ ସମସ୍ତଙ୍କର ଏକ ସମ୍ମିଳିତ ଦାୟିତ୍ୱ ଯାହା ଟିପିଏସ୍ଓଡିଏଲର ସମାଜରେ ଲୋକଙ୍କ ବିଶ୍ୱାସ ଏବଂ ଦାୟିତ୍ୱବଦ୍ଧତାକୁ ଦୃଢ଼ କରିବାରେ ସହାୟକ ହେବ । ଏ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ସତ୍ୟନିଷ୍ଠା ହେଉଛି ପ୍ରଗତିର ମୂଳ ଭିତ୍ତି । ଟିପିଏସ୍ଓଡିଏଲରେ ଆମେ ବିଶ୍ୱାସ କରୁ ଯେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆମର ପ୍ରତ୍ୟେକ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ । ଏଥିସହିତ ଏହି ଦୁର୍ନୀତି ନିବାରଣ ସଚେତନତା ମାସ ପାଳନ ଅବସରରେ ଆମେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ଦୋହରାଉଛୁ । ଦେଶର ପ୍ରତ୍ୟେକ ନାଗରିକଙ୍କୁ ଦୁର୍ନୀତି ବିରୋଧରେ ଏକଜୁଟ ହେବା ଏବଂ ଏକ ନ୍ୟାୟପୂର୍ଣ୍ଣ, ନୈତିକ ଓ ବିକଶିତ ଭାରତର ଗଠନ ଦିଗରେ ଭାଗିଦାରୀ ହେବାକୁ ଆହ୍ୱାନ କରୁଛୁ । ଦୁର୍ନୀତି ନିବାରଣ ସଚେତନତା ମାସ ପାଳନ ଅବସରରେ ଗତ ଅକ୍ଟୋବର ୨୭ ତାରିଖରେ ଟିପିଏସ୍ଓଡିଏଲର କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ । ଏଥିସହିତ ସମସ୍ତ ଉପଭୋକ୍ତାଙ୍କୁ ଦୁର୍ନୀତି ବିରୋଧରେ ଏକଜୁଟ ହେବା ପାଇଁ ସତର୍କତା ସଚେତନତା ଏସ୍ଏମ୍ଏସ୍ ପ୍ରଦାନ କରାଯାଇଛି । ଯେଉଁଥିରେ ଦୁର୍ନୀତି ବିରୋଧରେ ଅନଲାଇନରେ ଶପଥ ନେବା ପାଇଁ ଲିଙ୍କ୍ ପ୍ରଦାନ କରାଯାଇଛି । ଏଥିସହିତ ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଦୁର୍ନୀତି ନିବାରଣ ସଚେତନତା ପାଇଁ ପଥପ୍ରାନ୍ତ ନାଟକ ଆୟୋଜନ କରିବାର ଲକ୍ଷ୍ୟ ରଖିଛି ଟିପିଏସ୍ଓଡିଏଲ୍ । କମ୍ପାନୀ ତରଫରୁ ଗ୍ରାମପଞ୍ଚାୟତ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଏନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ । ଯାହା ଯୁବ ପିଢ଼ିକୁ ସାଧୁତା ଏବଂ ନୈତିକ ମୂଲ୍ୟବୋଧକୁ ଆପଣାଇବାରେ ଉତ୍ସାହିତ କରିବ ।

ମାସବ୍ୟାପୀ ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମ ଟିପିଏସ୍ଓଡିଏଲର ମୁଖ୍ୟ ସୁରକ୍ଷା ଏବଂ ନିରାପତ୍ତା ବିଭାଗର ମୁଖ୍ୟ ମନୋଜ କୁମାର (ଅବସରପ୍ରାପ୍ତ, ଓ୍ୱିଙ୍ଗ କମାଣ୍ଡର)ଙ୍କ ନେତୃତ୍ୱରେ ପରିଚାଳିତ ହେଉଛି । ଟିପିଏସ୍ଓଡିଏଲ୍ ନୈତିକ ଦାୟିତ୍ୱବୋଧକୁ ସଦା ପ୍ରୋତ୍ସାହିତ କରି ଆସିଛି । ଯାହା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଭିତରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବାରେ ସହାୟକ ହେବ ।

# ବହୁଚର୍ଚ୍ଚିତ ସଲମାନ ରାଉତ ହତ୍ୟାକାଣ୍ଡ

## ୮ ଜଣଙ୍କୁ ଆଜୀବନ କାରାଦଣ୍ଡ, ୬ ଖଲାସ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ତରଭା ଗ୍ରାମରେ ୨୦୧୭ ମସିହା ଫେବୃଆରୀ ମାସରେ ପଞ୍ଚାୟତ ନିର୍ବାଚନ ସମୟରେ ସଲମାନ ରାଉତଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣାର ରାୟ ପ୍ରକାଶ ପାଇଛି । ଦୀର୍ଘ ୮ ବର୍ଷ ପରେ ଏହି ଘଟଣାରେ ଜିଲ୍ଲା ଦୌରାଜଜ ପ୍ରଣବ କୁମାର ରାଉତରାୟ ୩୬ଜଣ ସାକ୍ଷ୍ୟପ୍ରମାଣ ଏବଂ ଦସ୍ତାବିଜ ଆଧାରରେ ୮ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି । ପ୍ରମାଣ ଅଭାବରୁ ୬ଜଣଙ୍କୁ ନିର୍ଦ୍ଦୋଶରେ ଖଲାସ କରାଯାଇଛି । ଗତ ୨୦୧୭ ମସିହାରେ ପଞ୍ଚାୟତ ନିର୍ବାଚନ ସମୟରେ ସଦର ଥାନା ତରଭା ଗ୍ରାମରେ ନିର୍ବାଚନକୁ ନେଇ ସଲମାନ ରାଉତ(୨୬)ଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ନିର୍ବାଚନ ସମୟରେ ନିର୍ବାଚନକୁ ନେଇ ଦୁଇ ଗୋଷ୍ଠି ମଧ୍ୟ ପ୍ରଚାର କାର୍ଯ୍ୟକୁ ନେଇ ତିକ୍ତତା ଲାଗି ରହିଥିଲା । ଏହାକୁ ନେଇ ସଲମାନ ରାଉତଙ୍କୁ ଫେବୃଆରୀ ୪ ତାରିଖ ରାତି ସାଢେ ୯ଟା ସମୟରେ ଗୁଳି କରାଯାଇଥିଲା । ଗୁଳିକାଣ୍ଡରେ ଆହତ ସଲମାନଙ୍କୁ ପରିବାର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ଜିଲ୍ଲା ସମେତ ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଥିଲା । ଦୀର୍ଘଦିନ ଧରି ଉକ୍ତ ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଡେରା ପକାଇ ରହିଥିଲା ।

ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ରୁଜୁ ହୋଇଥିବା ମାମଲାରେ ପୋଲିସ ୧୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଘଟଣାରେ ସମ୍ପୃକ୍ତ ଥିବା ବ୍ୟୋମକେଶ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ, କୁଳମଣି ବେହେରା, ତ୍ରୟମ୍ବକ ବିଶ୍ୱାଳ, ମନମୋହନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ହୃଦାନନ୍ଦ ବିଶ୍ୱାଳ, ଚିତ୍ତରଞ୍ଜନ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ଅଜୁ ମଲ୍ଲିକ, ବିଜୁ ମଲ୍ଲିକ, ଗଦାଧର ସ୍ୱାଇଁ, ରାଜେନ୍ଦ୍ର ବେହେରାଙ୍କ ସହ ସହିତ ଚିକୁନ ବିଶ୍ୱାଳଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ଜିଲ୍ଲା ଦୌରାଜଜ ପ୍ରଣବ କୁମାର ରାଉତରାୟ ମୋଟ ୩୬ ଜଣଙ୍କ ସାକ୍ଷ୍ୟ ପ୍ରମାଣ ସହିତ ପୋଲିସ ରିପୋର୍ଟ ଆଧାରରେ ଘଟଣାରେ ସମ୍ପୃକ୍ତ ଥିବା ୧୫ଜଣଙ୍କ ମଧ୍ୟରୁ ବ୍ୟୋମକେଶ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ, କୁଳମଣି ବେହେରା, ତ୍ରୟମ୍ବକ ବିଶ୍ୱାଳ, ମନମୋହନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ହୃଦାନନ୍ଦ ବିଶ୍ୱାଳ ଆଦି ୮ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜୋରିମାନାର ନିର୍ଦ୍ଦେଶ ଜାରି କରିଛନ୍ତି। ଜୋରମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯିବାର ନିର୍ଦ୍ଦେଶ ରହିଛି । ସାକ୍ଷ୍ୟ ପ୍ରମାଣ ଅଭାବରୁ ଘଟଣାରେ ଅନ୍ୟ ୬ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଦୀର୍ଘ ୮ବର୍ଷ ଘଟଣା ମଧ୍ୟରେ ରାୟପ୍ରକାଶ ପାଇଥିବା ବେଳେ ଏହା ଭିତରେ ଚିକୁନ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିବାର ଜଣାପଡିଛି । ପ୍ରକାଶ ଥାଉକି ବ୍ୟୋମକେଶ ବିଶ୍ୱାଳ ଜଣେ ଓଏସ୍ଏପି ଯବାନ ଥିବାବେଳେ ହୃଦାନନ୍ଦ ବିଶ୍ୱାଳ ସାଙ୍କୁଲେଇ ପଞ୍ଚାୟତର ସମିତି ସଭ୍ୟ ଥିଲେ । ଘଟଣାକୁ ନେଇ ସେତେବେଳେ ଜିଲ୍ଲା ବନ୍ଦ ଡାକରା ଦିଆଯିବା ସହିତ ଦୀର୍ଘ ଦିନ ଧରି ରାଜନୈତିକ ଛକାପଞ୍ଝା ଲାଗି ରହିଥିଲା । ଏହି ମାମଲାକୁ ପିପି ସୀତାକାନ୍ତ ଦାସ ସରକାରଙ୍କ ତରଫରୁ ମୋକଦ୍ଦମା ପରିଚାଳନା କରୁଥିଲେ ।

## କଡା ସୁରକ୍ଷା ମଧ୍ୟରେ ବ୍ରହ୍ମପୁରରୁ ଫୁଲବାଣୀ ଜେଲ୍‌କୁ ସ୍ଥାନାନ୍ତରିତ ହେଲେ ପିଣ୍ଟୁ ଦାସ

ଫୁଲବାଣୀ, (ସବ୍ୟୁ): ବ୍ରହ୍ମପୁରର ବରିଷ୍ଠ ଆଇନଜୀବି ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ବ୍ରହ୍ମପୁର ଜେଲରେ ଥିବା ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁ ଦାସଙ୍କୁ ଆଜି କଡା ସୁରକ୍ଷା ବ୍ୟବସ୍ଥା ଭିତରେ ବ୍ରହ୍ମପୁର ଜେଲରୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତରିତ କରାଯାଇଛି । ବ୍ରହ୍ମପୁର ଜେଲରେ ତାଙ୍କର ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଆବେଦନ କରାଯିବା ପରେ ତାଙ୍କୁ ଆଜି ସକାଳ ସମୟରେ କଡ଼ା ସୁରକ୍ଷା ମଧ୍ୟରେ ଫୁଲବାଣୀ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି । ଫୁଲବାଣୀରେ ସେ ଅପରାହ୍ନ ୧୨.୩୦ମିନିଟ ରେ ଫୁଲବାଣୀ ଜିଲ୍ଲା କାରାଗାରେ ପହଞ୍ଚି ଥିବାବେଳେ ଏଠାରେ କଡା ସୁରକ୍ଷା ବ୍ୟବସ୍ଥା ଭିତରେ ତାଙ୍କୁ ରଖାଯିବ ବୋଲି ଜେଲ ଅଧିକ୍ଷକ କହିଛନ୍ତି । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଏପର୍ଯ୍ୟନ୍ତ ପୋଲିସ୍ ୧୩ ଜଣଙ୍କୁ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ୭ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ହତ୍ୟା ମାମଲାର ବିଚାର କରି ବାରିପଦା ଦ୍ୱିତୀୟ ଅତିରିକ୍ତ ଜିଲ୍ଲାଦୌରା ଜଜ୍ ସୁମନ କୁମାର ମିଶ୍ର ଅଭିଯୁକ୍ତ ବାପି ବିନ୍ଧାଣୀ(୩୫)ଙ୍କୁ ୭ବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଏହି ମୋକର୍ଦ୍ଦମାଟିକୁ ସରକାରଙ୍କ ପକ୍ଷରୁ ଓକିଲ ସତ୍ୟବ୍ରତ ମହାନ୍ତି ପରିଚାଳନା କରୁଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଅଭିଯୋଜକ ନିର୍ଦ୍ଦେଶାଳୟ ପକ୍ଷରୁ ଉକ୍ତ ମୋକଦ୍ଦମାକୁ ନିରିକ୍ଷଣ କରାଯାଉଥିଲା। ପ୍ରକାଶ ଯେ, ୨୦୨୪ ମସିହା ଫେବୃୟାରୀ ୮ତାରିଖ ବାରିପଦା ଟାଉନଥାନା କାଳିକାପୁର ଓ୍ୱାର୍ଡ ନମ୍ବର ୨୪ ଅଞ୍ଚଳର ସ୍ୱାମୀ ବାପି ବିନ୍ଧାଣୀ ଏବଂ ତାଙ୍କ ସ୍ତ୍ରୀ ମଇନା କିସ୍କୁଙ୍କ ମଧ୍ୟରେ କୌଣସି କାରଣବସତଃ ମନାନ୍ତର ହୋଇଥିଲା। ଏହାପରେ ସ୍ୱାମୀ ବାପି ରାଗି ଯାଇ ସ୍ତ୍ରୀ ମଇନାଙ୍କୁ ମୁଣ୍ଡରେ ପିଟିଥିଲେ ଏବଂ ପରେ ସ୍ୱାମୀ ବାପି ବାହାରକୁ ପଳାଇଥିଲେ। ମଇନାଙ୍କ ସମ୍ପର୍କୀୟ ଗୌରୀ ବାସ୍କେ ତାଙ୍କୁ ହସ୍ପିଟାଲ ନେଇଯିବାକୁ ଡାକିବାକୁ ଯାଇଥିବାବେଳେ ଦେଖିବାକୁ ପାଇଥିଲେ କି ମଇନାଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କ୍ରମେ ୬୨/୨୪ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ସ୍ୱାମୀ ବାପିଙ୍କୁ ଗିରଫ କରିବା ସହ ସ୍ତ୍ରୀ ମଇନାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିସାଳୟକୁ ପଠାଇଥିଲେ। ଶୁକ୍ରବାର ସମସ୍ତ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

## ବ୍ୟାଘ୍ର ଗଣନା ସମ୍ପର୍କିତ ଏକଦିବସୀୟ ତାଲିମ ପ୍ରଦାନ ଶିବିର

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ବଡଦାଣ୍ଡସ୍ଥିତ କଳିଙ୍ଗ ବୈଶ୍ୟ ଭବନ ପରିସରରେ ଘୁମୁସର ଦକ୍ଷିଣ ବନଖଣ୍ଡ, ଭଞ୍ଜନଗର ପକ୍ଷରୁ ବ୍ୟାଘ୍ର ଗଣନା ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏସିଏଫ୍ ପ୍ରଦୀପ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସୋରଡା ରେଞ୍ଜ ଭାରପ୍ରାପ୍ତ ଏସିଏଫ୍ ନିହାର ଚନ୍ଦ୍ର ମଲ୍ଲିକ ମଞ୍ଚାସୀନ ରହିଥିବା ବେଳେ ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା, ବୁଗୁଡ଼ା ରେଞ୍ଜର ମାନସ କୁମାର ସାହୁ, ଆସ୍କା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଓ ବଡଗଡ ରେଞ୍ଜର ଅଞ୍ଜନ କୁମାର ନାୟକଙ୍କ ସମେତ ଘୁମୁସର ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ବନାଞ୍ଚଳରେ କାର୍ଯ୍ୟରତ ବନରକ୍ଷୀ, ବନପାଳ, ଫରେଷ୍ଟ ପ୍ରୋଟେକ୍ସନ ସ୍କାର୍ଡ, ବନଖଣ୍ଡ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ସର୍ବ ଭାରତୀୟ ବ୍ୟାଘ୍ର ଅଟକଳ-୨୦୨୬ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବନ ବିଭାଗୀୟ ସମ୍ମୁଖ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପାଇଁ ଆୟୋଜିତ ଉକ୍ତ ଶିବିର ଅବସରରେ ବୈଜ୍ଞାନିକ ପଦ୍ଧତିରେ ବ୍ୟାଘ୍ର ଏବଂ ଅନ୍ୟାନ୍ୟ ମାଂସାଶୀ ପ୍ରାଣୀଙ୍କ ସମେତ ତୃଣଭୋଜୀ ପ୍ରାଣୀଙ୍କ ଗଣନା ସମ୍ପର୍କରେ ଏସିଏଫଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା ।

## ବାରିପଦାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ: ରନ୍ ଫର ୟୁନିଟି ଆୟୋଜିତ



ବାରିପଦା, (ସବ୍ୟୁ) : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଏକତା ଦୌଡ଼-ରନ ଫରୟୁନିଟି ଆୟୋଜିତ ହୋଇଯାଇଛି । ଉକ୍ତ ଏକତା ଦୌଡ଼କୁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ, ମହାମନୀଷୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନର ଆଦର୍ଶ ଓ ଦୃଢ଼ମନା ମନଭାବର ସ୍ମୃତି ଚାରଣ କରିବା ସହିତ ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟ ସମୂହର ମିଶ୍ରଣ କେବଳ ତାଙ୍କର ବଳିଷ୍ଠ ଉଦ୍ୟମରେ ସମ୍ଭବ ହୋଇପାରିଥିଲା ବୋଲି କହିଥିଲେ । ସେହିପରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ କହିଥିଲେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ଜାତୀୟତାବୋଧକୁ ନିରନ୍ତର ଉଜ୍ଜୀବିତ କରିବା ଏବଂ ଦେଶର ଅଖଣ୍ଡତା ପାଇଁ ଏକତା ସୂତ୍ରରେ ସମସ୍ତେ ଭାଇଚାରା ମନଭାବରେ ବାନ୍ଧି ହୋଇ ରହିବା ପାଇଁ ଆଜିର ଏଇ ଏକତା ଦୌଡ଼ ଆୟୋଜିତ ହେଉଛି । ଏହି ଅବସରରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ । ଏହି ଦୌଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ସହରରେ ପ୍ରାୟ ୩ କିମି ପରିକ୍ରମା କରିଥିଲା । ଏଥିରେ ଜନପ୍ରତିନିଧି, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନର ଅଧିକାରୀ ବୃନ୍ଦ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, କ୍ରୀଡା ଛାତ୍ରାବାସର ଅନ୍ତେବାସୀ, ସ୍ୱେଚ୍ଛାସେବୀ, ବିଭିନ୍ନ କ୍ରୀଡ଼ାବିତ, ଗଣମାଧ୍ୟମର ପ୍ରତିନିଧି ଓ ସାହସ୍ରାଧିକ ନାଗରିକଙ୍କୁ ମିଶାଇ ପ୍ରାୟ ପାଞ୍ଚ ଶହରୁ ଅଧିକ ଅଂଶଗ୍ରହଣକାରି ଅଂଶଗ୍ରହଣ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ରାଷ୍ଟ୍ରୀୟ ଏକତା ଦିବସରେ ଦୌଡିଲା ଭଞ୍ଜନଗର

ଭଞ୍ଜନଗର, (ସବ୍ୟୁ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସକୁ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରିବା ସହ ସାରା ଦେଶକୁ ଏକତାର ମହାମନ୍ତ୍ରରେ ଅଭିମନ୍ତ୍ରିତ କରିଛନ୍ତି । ଆଉ ଆଜିର ଦିବସରେ ଏକତା ଦୌଡିଲା ସାରା ଦେଶରେ ଦେଖିବାକୁ ମିଳିଛି । ଭଞ୍ଜନଗର ସହରରେ ମଧ୍ୟ ଏହି ଏକତାର ମହାମନ୍ତ୍ର ଏକତା ଦୌଡ ଶୁକ୍ରବାର ସକାଳୁ ଦେଖିବାକୁ ମିଳିଥିଲା ।

ଭଞ୍ଜନଗର ଥାନା ପକ୍ଷରୁ ଆୟୋଜିତ ଏହି ଏକତା ଦୌଡ କାର୍ଯ୍ୟକ୍ରମରେ ଏସଡିପିଓ ଡକଫର ଦୀପକ କୁମାର ମିଶ୍ର, ଥାନା ଇନ୍ସପେକଫର ଜୀବନାନନ୍ଦ ଜେନାଙ୍କ ସମେତ ସମସ୍ତ ଥାନା ଅଧିକାରୀ ଗଣ, ନଗରପାଳ ଗୋପବନ୍ଧୁ ମହାପାତ୍ର, ବହୁ କାଉନସିଲ, ଉପେନ୍ଦ୍ର ଭଞ୍ଜ ଅଟୋ ଆସୋସିଏସନ୍‌ର ବହୁ ସଦସ୍ୟ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ଏହି ଏକତାର ଗଣ ଦୌଡ ଥାନା ପରିସରରୁ ବାହାରିପୁରା ସହର ପରିକ୍ରମା କରିବା ପରେ ଶେଷରେ ପୁଣି ଥରେ ଥାନା ପରିସରକୁ ଆସିଥିଲା । ଏହି ଅବସରରେ ନଗରପାଳ ଗୋପବନ୍ଧୁ ମହାପାତ୍ର ଦେଶର ମହାନ୍ ଜନ ନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଆଜି ସାରା ଦେଶ ତାଙ୍କର ତ୍ୟାଗପୂତ ଜୀବନ ଦର୍ଶନକୁ ମନେ ପକାଇଥିବା ଉଲ୍ଲେଖ କରିଥିଲେ ।

## ସ୍କୁଲ ବସ୍‌ରେ ଶିଶୁ କନ୍ୟାଙ୍କୁ ଯୌନ ଶୋଷଣ ମାମଲା : ଦୁଇ ସେନା କର୍ମଚାରୀଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳରେ ଥିବା ଆର୍ମି ଏଡି କଲେଜ ପରିସରରେ ଗତ ଜାନୁଆରୀ ମାସରେ ଏକ ବସ ଭିତରେ ଜନୈକା ୪ ବର୍ଷର ଶିଶୁକନ୍ୟାଙ୍କୁ ଦୁଇଜଣ ସେନା କର୍ମଚାରୀ ଯୌନ ଶୋଷଣ କରିଥିଲେ । ସ୍ୱତନ୍ତ୍ର ପୋକସ ଜଜ ପ୍ରଣତି ପଟ୍ଟନାୟକ ଉକ୍ତ ବସରେ କାର୍ଯ୍ୟରତ ଦୁଇ ଜଣ ସେନା କର୍ମଚାରୀଙ୍କୁ ସେ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ଗୁଜରାଟ ମେହେସନ ଜିଲା ସତଲାସନର ମୂଳ ନିବାସୀ ଭୂତେଦିଆ ଜଏସ କୁମାର (୩୦) ଓ ଦେଓଗଡ଼ ଜିଲା ବରକୋଟ ଥାନା ଅନ୍ତର୍ଗତ ବାଇଧର ଗାଁର ହସେଲଦାର ମୁଣ୍ଡା(୩୭) । ଜଏସ କୁମାର ଗୋପାଳପୁର ଆର୍ମି ଏଡି କଲେଜରେ ହାବିଲଦାର ଭାବେ କାମ କରୁଥିବା ବେଳେ ହସେଲଦାର ଆର୍ମି ଏଡ଼ି କଲେଜର ନାୟକ ଭାବେ କାମ କରୁଥିଲେ । ଜଜ ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି । ସେହିପରି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୦ ହାଜର ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ଅଭିଯୁକ୍ତଙ୍କ ଠାରୁ ଆଦାୟ ୨୦ ହଜାର ଜରିମାନା ଟଙ୍କା ପିଡ଼ିତାଙ୍କୁ ଦେବାକୁ ସେ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଜରିମାନା ଅନାଦେୟ ପ୍ରତ୍ୟେକ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜଜ, ପିଡ଼ିତାଙ୍କୁ ସାଢେ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବାପ୍ରାଧିକରଣଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିବା ନେଇ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ଜାନୁଆରୀ ୨ ତାରିଖରେ ଗୋପାଳପୁର ଥାନା ଅନ୍ତର୍ଗତ ଆର୍ମି ଏଡି କଲେଜ ପରିସରରେ ଥିବା ଏକ ଇଂରାଜି ମାଧ୍ୟମ ସ୍କୁଲରେ ପଢୁଥିବା ଜନୈକା ୪ବର୍ଷର ଶିଶୁ କନ୍ୟାଙ୍କୁ ଭୟଭୀତ କରି ଏକ ସ୍କୁଲ ବସ ଭିତରେ ଯୌନ ଶୋଷଣ କରାଯାଇଥିଲା । ପରେ ଏନେଇ ଜାନୁଆରୀ ତିନି ତାରିଖରେ ଗୋପାଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପିଡ଼ିତାଙ୍କ ବୟାନକୁ ଆଧାର କରି ୦୨/୨୫ ରେ ଏକ ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ କରି ଉକ୍ତ ବସରେ ଡ୍ରାଇଭର ଥିବା ଜଏସ କୁମାର ଓ ହେଲପର ହସେଲଦାର ମୁଣ୍ଡାଙ୍କୁ ଗତ ଜାନୁଆରୀ ୪ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତଦନ୍ତକାରି ଅଧିକାରୀ ତଥା ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା ଏନେଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାରଣା ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନ, ଏଫଏମଟି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଦୀପା ଦାଶଙ୍କ ମେଡିକାଲ ରିପୋର୍ଟ ଆଧାରରେ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ଡାକ୍ତର ପ୍ରଦୀପ ରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା



କଟକ, (ସ୍ୱପ୍ର) : ଓଡିଶା ପ୍ରାଇଭେଟ ହୋମିଓପାଥିକ ପ୍ରାକଫିସନର ସଂଘର ମୁଖ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ହୋମିଓପାଥିକ ଡାକ୍ତର ସ୍ୱର୍ଗତ ପ୍ରଦୀପ ରାଓଙ୍କ ଏକାଦଶାହ ଅବସରରେ ସଂଘର ରାଜ୍ୟ ସଭାପତି ଡ଼କଫର ନେତ୍ରାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ବିଡାନାସୀ ସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମେୟର ସୁବାସ ସିଂହ ଅତିଥିଭାବେ ଯୋଗ ଦେଇ ସ୍ୱର୍ଗତ ରାଓ ଏକାଧାରରେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ସୁ-ବକ୍ତା ଭାବେ ପରିଚିତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ମାନବସେବା କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସା କିଭଳି ବହୁଳ ଭାବେ ପ୍ରଚାର ପ୍ରସାର ହୋଇପାରିବ ସେ ଦିଗରେ ସ୍ୱର୍ଗତ ରାଓ ଉଦ୍ୟମ ଅବ୍ୟାହତ ରଖିଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ, ଡ. ଦେବେନ୍ଦ୍ର ମାନସିଂହ, ନାରାୟଣ ବିଶୋଇ, ରଞ୍ଜିତ କୁମାର ଆଚାର୍ଯ୍ୟ, କଳ୍ପନା କୁମାରୀ ଦେଇ, ଦୀନବନ୍ଧୁ ଭୋଇ, ନୀଳକ= ସାହୁ ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଭାରତୀୟ ମହିଳା ଅଧ୍ୟୟନ ସଂଘର ପୂର୍ବାଞ୍ଚଳ ସମ୍ମିଳନୀ

ବ୍ରହ୍ମପୁର, (ସବ୍ୟୁ): ନାରୀ ନୁହେଁ ଅବଳା ଦୁର୍ବଳା । ନାରୀ ନୁହେଁ ଘରର ଚାରିକାନ୍ଥ ଭିତରେ ରହୁଥିବା ଗୋଟିଏ ବସ୍ତୁ । ନାରୀ କେବେ ସେ ମମତାମୟୀ କେବେ ସେ ରୁଦ୍ରାଣି, କେବେ ହୁଏ ଅର୍ଦ୍ଧାଗିନୀ କେବେ ସେ ଭଗିନୀ କନ୍ୟା ରୂପେ କେବେ ପୁଣି ହୁଏ ସୌଭାଗିନୀ । ଏଭଳି ଏକ ଚିନ୍ତାଧାରାକୁ ନେଇ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରର ଅନ୍ୟ ଏକ ମେରୁଦଣ୍ଡ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି ଭାରତୀୟ ମହିଳା ଅଧ୍ୟୟନ ସଂଘର ପୂର୍ବାଞ୍ଚଳ ସମ୍ମିଳନୀ । ନୂତନ ସମ୍ମିଳନୀ କକ୍ଷରେ ନାରୀ ଗବେଷଣା କେନ୍ଦ୍ର, ସମାଜଶାସ୍ତ୍ର, ରାଜନୀତି ବିଜ୍ଞାନ ଏବଂ ଲୋକ ପ୍ରଶାସନ ମିଳିତରେ ଦୁଇ ଦିନିଆ ପୂର୍ବାଞ୍ଚଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଶୀର୍ଷକ ଲିଙ୍ଗ ଏବଂ ରାଜନୀତି ପୂର୍ବ ଭାରତରେ ମହିଳାଙ୍କ ଜୀବନି ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଯୋଗ ମହିଳା ଟିଏ ଘରର ଚାରିକାନ୍ଥ ଭିତରେ ନରହି ସମାଜକୁ ଅନ୍ୟ ଏକ ଦିଶା ପଥିକ କିଭଳି ଭାବେ ସାଜିଛି ତାର ସଂଘର୍ଷ କାହାଣୀ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ମାଳିନୀ ଭଟ୍ଟାଚାର୍ଯ୍ୟ ଯୋଗ ଦେଇ ୧୯୭୦ ମସିହାର ଜରୁରୀକାଳୀନ ପରିସ୍ଥିତିରୁ ଉଦୟ ହୋଇଥିବା ଏକ ଉନ୍ନତଧରଣ ଅନୁଷ୍ଠାନ ଭାରତୀୟ ମହିଳା ଅଧ୍ୟୟନ ସଂଘର ସଂଘର୍ଷ କାହାଣୀ ବର୍ଣ୍ଣନା କରିଥିଲେ ।

ଭାରତରେ ଥିବା ୫ଟି ଆଞ୍ଚଳିକ ଶାଖା ଯଥା ଉତ୍ତର, ଦକ୍ଷିଣ, ଦକ୍ଷିଣ ପୂର୍ବ, ପୂର୍ବ, ପଶ୍ଚିମରେ ସମ୍ମିଳନୀ ଆୟୋଜନ ଏବଂ ମୁଖ୍ୟାଳୟ ଦିଲ୍ଲୀର କାର୍ଯ୍ୟ ଉପରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ମହିଳା ଅଧ୍ୟୟନ ସଂଘର ଅଧ୍ୟକ୍ଷା ଇଶିତା ମୁଖୋପାଧ୍ୟାୟ ଯୋଗଦେଇ ମହିଳା ମାନଙ୍କ ସଂଘର୍ଷର କାହାଣୀ ବର୍ଣ୍ଣନା କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଜେନେରାଲ ସେକ୍ରେଟାରୀ ମାୟା ଜୋନ ଯୋଗ ଦେଇ ମହିଳା ମାନଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ କହିଥିଲେ । ସମାଜଶାସ୍ତ୍ର ବିଭାଗର ଅଧ୍ୟାପିକା ଡ. ଦିପ୍ତିମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମହିଳା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶିକା ଡ଼. ବନ୍ଦିତା କୁମାରୀ ପଣ୍ଡା ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରବିନ୍ଦ୍ରଭାରତୀ ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ ଭଳି ଅଗ୍ରଣୀ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଦ୍ୱାରା ଲିଖିତ ଗବେଷଣାପତ୍ର ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଉପସ୍ଥାପିତ ହେବ । ଏଥିରେ ସମାଜଶାସ୍ତ୍ର ଅଧ୍ୟାପିକା ଡ଼.ବାଗ୍ମୀ ପ୍ରିୟଦର୍ଶନୀ, ରାଜନୀତି ବିଜ୍ଞାନର ଅଧ୍ୟାପକ ସାରଦା ପ୍ରସନ୍ନ ରାଉତ, ଲୋକ ପ୍ରଶାସନ ବିଭାଗର ଅଧ୍ୟାପକ ସଞ୍ଜୟ ମେହେର, ଅଧ୍ୟାପିକା ଭାଗ୍ୟଶ୍ରୀ ରଥଙ୍କ ସମେତ ଛାତ୍ର, ଛାତ୍ରୀ ସହଯୋଗ କରିଥିଲେ । ଅଧ୍ୟାପିକା ରଶ୍ମିରେଖା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱର୍ଗତ ସୁଲୋଚନା ଦାସଙ୍କ ବିୟୋଗରେ ଭଜନ ସନ୍ଧ୍ୟା

କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆବଜାର ନିବାସୀ ତଥା ଫଟୋ ସାମ୍ବାଦିକ ଆନନ୍ଦ ଦାସଙ୍କ ବୁଢ଼ୀ ମା' ସ୍ୱର୍ଗତ ସୁଲୋଚନା ଦାସଙ୍କ ପରଲୋକ ଅବସରରେ ତାଙ୍କ ବାସଭବନରେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଚାଉଳିଆଗଞ୍ଜର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପକ କୁମାର ସାହୁ ଏବଂ ତାଙ୍କ ସହକର୍ମୀଙ୍କ ଦ୍ୱାରା ଭଗବତ ଗୀତା ଏବଂ ଆଧାତ୍ମିକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ସୁଲୋଚନାଙ୍କ ପୁଅ ବିଜୟ କୁମାର ଦାସ, ଭଞ୍ଜ କିଶୋର ଦାସ, ବୋହୁ ବାସନ୍ତୀ ଦାସ, ନମୀତା ଦାସ, ନାତି ମନୋଜ ଦାସ, ବିନୋଦ ଦାସ, ପ୍ରମୋଦ ଦାସ, ନାତୁଣୀ ବୋହୁ ସଞ୍ଜୁଲତା ଦାସ, ସସ୍ମିତା ଦାସ, ଅଞ୍ଜନା ଦାସ, ପ୍ରଭାସିନୀ ଦାସଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ ।

# ୩ ବିଦ୍ୟୁତ କର୍ମଚାରୀଙ୍କୁ ମାଡ଼ମାରି ପୋଲିସ ଜିମା

ପାଣିକୋଇଲି ,(ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତ୍ରୀରେ ଏକ ଅଭାବନୀୟ ଘଟଣା ଘଟିଛି। ୩ଜଣ ବିଦ୍ୟୁତ କର୍ମଚାରୀଙ୍କୁ ଚୋର ବୋଲି ଭାବି ମାଡ ମାରି ପୁଲିସ ଜିମା ଦିଆଯାଇଛି। ଏନେଇ ଥାନାରେ ଦୁଇଟି ଅଭିଯୋଗ କରାଯାଇଛି। ତିନି କର୍ମଚାରୀଙ୍କ ମଧ୍ୟରୁ ଜଣେ ଅଣଓଡିଆ କର୍ମଚାରୀ ଗୁରୁତର ଅବସ୍ଥାରେ ଚିକସିତ ହେଉଛନ୍ତି। ପ୍ରକାଶଯେ ଚାନ୍ଦପୁର ଗ୍ରାମର ପ୍ରଦୀପ ପଣ୍ଡାଙ୍କ ସ୍ତ୍ରୀ କଳ୍ପନା ପଣ୍ଡାଙ୍କ ଅଭିଯୋଗ ମୁତାବକ ଗୁରୁବାର ବିଳମ୍ବିତ ରାତି ୩ଟାରେ ଘରର ମହିଳାମାନେ ଫଚୁକ ପାଇଁ ରାତ୍ରୀରୁ ଉଠିଥିଲେ। ଘରର କବାଟ ଖୋଲାଥିଲା। ଏହି ସମୟରେ ଜଣେ ଅଣଓଡିଆ ବ୍ୟକ୍ତି ତାଙ୍କ ଘରେ ପସିଥିଲା। ଏହା ଦେଖି ସେମାନେ ଚୋର ଚୋର ପାଟି କରିବାରୁ ପରିବାରର ସମସ୍ତେ ଓ ଗ୍ରାମବାସୀ ଉଠିଆସିଥିଲେ। ସେମାନଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଫୋନ କରିଥିଲେ। ଉକ୍ତ ଯୁବକ ମହିଳାମାନଙ୍କୁ ଧକ୍କା ମାରିବା ସହ ସୁନା ଅଳଙ୍କାର ଛଡାଇଥିବାର ଅଭିଯୋଗରେ ମଧ୍ୟ ଦର୍ଶାଇଛନ୍ତି। ଖବରପାଇ ପାଣିକୋଇଲି ପୁଲିସ ପହଂଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣି ଚିକିସା ପାଇଁ ପଠାଇଥିଲା। ଅପରପକ୍ଷେ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଥାନାରେ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ଉକ୍ତ ପରିବାର ପ୍ରତିଦିନ ରାତିରେ ହୁକ ପକାଇ ବିଦ୍ୟୁତ ବ୍ୟବହାର କରନ୍ତି। ଖବର ପାଇ ଗୁରୁବାର ଏକ ଟିମ ବିଦ୍ୟୁତ ତାରରୁ ହୁକ କେଉଁଆଡେ ଯାଇଛି ବୋଲି ଟର୍ଚ୍ଚ ମାରି ଚେକିଂଗ କରିଥିଲେ। ତାରଟି କୁଆଡେ ଯାଇଛି ଖୋଜିବା ବେଳକୁ ଉକ୍ତ ଘରକୁ ଯାଇଥିଲା। ସେ ଏହା ଦେଖିବା ପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶଶିଶେଖର ଶର୍ମା ନାମକ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଦୁଇଟି ଯାକ ଅଭିଯୋଗକୁ ପୁଲିସ ଗ୍ରହଣ କରି ତଦନ୍ତ ଜାରି ରଖିଛି। ଅପରପକ୍ଷେ ବିଦ୍ୟୁତ ବିଭାଗର ଜୁଲମକୁ ନେଇ ପ୍ରଶ୍ନ ଉଠିଛି। ରାତି ଅଧରେ ବିନା ପୁଲିସ ଓ ବିନା ମହିଳା କର୍ମଚାରୀରେ ଜଣଙ୍କ ଘରେ ପଶିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

# ରାଷ୍ଟ୍ରୀୟ ଏକତା ଦିବସ ପାଳନ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ପୋଲିସ୍ ପ୍ରଶାସନ ପକ୍ଷରୁ ରୋଷ୍ଟ୍ରୀୟଏକତା ଦିବସ ପାଳନ କରାଯାଇଛି । ଏ ଉପଲକ୍ଷେ ପୁରୁଣା ବସଷ୍ଟାଣ୍ଡ ଠାରୁ ପୋଲିସ୍ କର୍ମଚାରୀ, ଅଧିକାରୀ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକତା ଦୌଡକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଶୁଭାରମ୍ଭ କରିଥିଲେ । ଏହି ଦୌଡ କେନ୍ଦ୍ରାପଡା ପୁରୁଣାବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ନୂଆ ବସଷ୍ଟାଣ୍ଡ ପଯ୍ୟନ୍ତ ଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକରସାହୁ, ଏସ୍‌ଡିପିଓ ଜ୍ୟୋତିରଞ୍ଜନଗୌଡ, ଟାଉନଥାନା ଅଧିକାରୀ ଦିଲ୍ଲୀପ ସାହୁ, ସରୋଜ କୁମାର ସାହୁଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ, ଆର୍.ଆଇ ପ୍ରମୁଖଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ଏକତା ଦିବସରେ ବଡ଼ଚଣା ପୋଲିସର ମିନି ମାରାଥନ




ଚଣ୍ଡିଖୋଲ, (ସବ୍ୟୁ) : ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ ଦେଶର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ତଥା ଲୌହ ମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀକୁ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳିତ ହୋଇଛ । ଏହି ଅବସରରେ ଯାଜପୁର ଜିଲ୍ଲାର ବଡଚଣା ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପରିପେକ୍ଷୀରେ ରନ ଫର୍ ୟୁନିଟି ନାମରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ଏହି ଗଣଦୌଡ ବଡଚଣା ବାଳିକା ମହାବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ବଡଚଣା ଥାନା ପର୍ଯ୍ୟନ୍ତ ଆସିଥିଲା । ଏଥିରେ ବଡଚଣା ଡିଫେନ୍ସ ଏକାଡେମୀ, ଶାଇ ଶ୍ରୀଷ୍ଟି କଲେଜ ସହ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଗଣଦୌଡରେ ବାଳକ ବିଭାଗରେ ଓମ ପ୍ରକାଶ ସେଠୀ ପ୍ରଥମ, ରାକେଶ ସେଠୀ ଦିତୀୟ ଓ ସୌଭାଗ୍ୟକୁମାର ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ ବେଳେ ବାଳିକା ବିଭାଗରେ ଭାଗ୍ୟଶ୍ରୀ ଜେନା ପ୍ରଥମ, ଶୁଭଶ୍ରୀ ବିଶ୍ୱାଳ ଦିତୀୟ ଓ ଗୀତାଶ୍ରୀ ସିଂହ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ମାହାଲାଙ୍କ ସଂଚାଳନରେ ସଚେତନତା ଓ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଦର୍ପଣ ତହସିଲଦାର ମାନସରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବଡଚଣା ଗୋଷ୍ଠି ଉନ୍ନୟନ ଅଧିକାରୀ ରବୀନ୍ଦ୍ରକୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରେସକ୍ଲବ ଚଣ୍ଡିଖୋଲର ସଭାପତି ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା ପ୍ରମୁଖ ଯୋଗଦେଇ ଦେଶର ସୁରକ୍ଷା, ଅଖଣ୍ଡତା ଓ ଏକତା ସହ ଭାଇଚାରା ରକ୍ଷା କରିବା ଦିଗରେ ପ୍ରାକ ସ୍ୱାଧୀନତା ଓ ପରବର୍ତ୍ତୀ ସମୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭାଇ ପଟେଲଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ବଡଚଣା ଥାନା ଅଧିକାରୀ ସୁରେନ୍ଦ୍ରକୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରେସକ୍ଲବ ଚଣ୍ଡିଖୋଲର ସଭାପତି ବେଣୁଧର ପଣ୍ଡା ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବଶର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ।

ଏଥିସହ ବଡଚଣା ପୋଲିସ ପକ୍ଷରୁ ଦୁଇଦିନ ଧରି ସ୍ଥାନୀୟ ହୋଲି ଯେଶସ ସ୍କୁଲ,ଜାଭିୟର ସ୍କୁଲ ଓ ଡିୟୁ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

ହୋଲି ଯେଶସ ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଉଦଯାପନ ଉତ୍ସବରେ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି, ଏ ଏସ ଆଇ ଶାନ୍ତନୁକୁମାର ମିଶ୍ର , ଅନନ୍ତକିଶୋର ସାମଲ ,ସୌମ୍ୟରଞ୍ଜନ ଦାସ, ଧୁଳେଶ୍ୱର ଦାସ, ଶ୍ରୀନିବାସ ବିଶ୍ୱାଳ ,ହଟକିଶୋର ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ

ମାହାଙ୍ଗା ,(ସବ୍ୟୁ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୪୧ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି । ପ୍ରଥମେ କୁହୁଣ୍ଡା ପଞ୍ଚାୟତର କୁମୁଡାହାଟ ଠାରେ ଥିବା ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ପରେ କୁଣ୍ଡି ପଂଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତା ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ମାଲ୍ୟାର୍ପଣ କରାଯାଇଥିଲା । ପଏହି ଅବସରରେ ଓଡ଼ିଶା ମହିଳା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦିକା ପ୍ରତିଚ୍ଛନ୍ଦା କୈବଲଯ ନାୟକ ଯୋଗଦେଇ ସ୍ୱର୍ଗତା ଇନ୍ଦିରାଗାନ୍ଧୀଙ୍କ ଆଧୁନିକ ଭାରତ ନିର୍ମାଣରେ ଯୋଗଦାନ ଅତୁଳନୀୟ ବୋଲି କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକ ପୂର୍ବତନ କଂଗ୍ରେସ କମିଟି ସଭାପତି ଅଲେଖପ୍ରସାଦ ସ୍ୱାଇଁ, ଯୁବସଂଗଠକ ଉତ୍ତମ ବେହେରା, ଇନ୍ଦିରାଗାନ୍ଧୀସ୍ମୃତି ସଂସଦର ସଭାପତି ମହେଶ୍ୱର ରାଉତ, ସଂପାଦକ ବିବେକାନନ୍ଦ ମହାପାତ୍ର, କୁଣ୍ଡି ପଞ୍ଚାୟତର ସମିତିସଭ୍ୟ ଲତିଫୁର ରହେମାନ୍, ସରୋଜ ପରିଡା, ଅରବିନ୍ଦ ପଣ୍ଡା, ଅଶୋକ କର, ସଚ୍ଚିନ୍ଦ୍ର ବାରିକ, ଚୈତନ୍ୟ ଚରଣ ପାଣି, ଯୁବନେତା ସେକ୍ ବାଦଲ, ଶରତ ମହାନ୍ତି, ମହେନ୍ଦ୍ର ରାଉତ, ମାଧବ ପଲେଇ ସମେତ ବହୁ କଂଗ୍ରେସ କର୍ମୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ବଡ଼ଚଣା କଂଗ୍ରେସ ଦଳର ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ବାଲିଚନ୍ଦ୍ରପୁର, (ସବ୍ୟୁ) : ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତୀୟ ଜାତୀୟ କଂଗ୍ରେସ ପୂର୍ବତନ ସଭାପତି, ବିଶ୍ୱ ବନ୍ଦନୀୟା ନାରୀନେତ୍ରୀ, ଭାରତ ରନି ଇନ୍ଦରା ଗାନ୍ଧୀ ଙ୍କ ୪୧ତମ ଶ୍ରାଦ୍ଧ ଦିବସ ବଡ଼ଚଣା କଂଗ୍ରେସ ଦଳ ତରଫରୁ ବାଲିଚନ୍ଦ୍ରପୁର ଠାରେ ପାଳିତ ହୋଇଯାଇଛି । ବାଲିଚନ୍ଦ୍ରପୁର ବଜାର ଠାରେ ସ୍ଥାପିତ ହୋଇଥିବା ଇନ୍ଦରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କଂଗ୍ରେସ ନେତା ଅଜୟ ସାମଲ ଯୋଗଦେଇ ସ୍ୱର୍ଗୀୟା ଗାନ୍ଧୀଙ୍କର ବହୁ ମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଭାରତ ବର୍ଷ ତାଙ୍କର ମହାନ ଗାରିମାକୁ ସବୁ ଦିନ ମନେ ରଖିବବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ଜିଲ୍ଲା ପରିଷଦ ସଦସ୍ୟ ମାନଭଞ୍ଜନ ରାଉତରାୟ, ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିଶପ୍ରକାଶ ସାମଲ,ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ରାଉତରାୟ, ଜିଲ୍ଲା ମତ୍ସ୍ଜୀବି କଂଗ୍ରେସ ର ପ୍ରାକ୍ତନ ସଭାପତି ଏକାଦଶୀ ସେଠୀ, ପୂର୍ବତନ ସରପଞ୍ଚ ସେକ ରିୟାସତ ଅଲ୍ଲୀ, ବିଳାସ ଚନ୍ଦ୍ର ବାରିକ, ଚର୍ଚ୍ଚିତ ମାହାଲା, ସଞ୍ଜୟ କର, ସନ୍ତୋଷ ପରିଡା, ପୂର୍ବତା ସମିତି ସଭ୍ୟ ବଟକୃଷ୍ଣ ଦାଶ, ମନୋରଞ୍ଜନ ସଓ୍ୱାଇଁ, ଶାନ୍ତନୁ ଜେନା, ମହନୀ ମହାନ୍ତି, ପ୍ରଭାତ ସାହୁ, ସୁରେନ୍ଦ୍ର ପ୍ରଧାନ, ମହେଶ୍ୱର ମହାପାତ୍ର, ସୁଭାଷ ଚନ୍ଦ୍ର ପରିଡା, କାହ୍ନୁ ଚରଣ ଦାସ, ଅଶୋକ ବେହେରା, ଅଶୋକ ରାଉତ, ରହେମାନ,ସେକ ଇକବାଲ ହୁସେନ, ଉପେନ୍ଦ୍ର ସ୍ୱାଇଁ, ସରୋଜ ଜେନା, କାହ୍ନୁ ଚରଣ ଜେନା, ଗୌରାଙ୍ଗ ସାହୁ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ।

ସେହିପରି ପଲାଇ ପଞ୍ଚାୟତ ଠାରେ ସର୍ଗୀୟା ଇନ୍ଦ୍ରିୟା ଗାନ୍ଧୀ ଙ୍କ ୪୧ତମ ଶ୍ରାଦ୍ଧ ଦିବସରେ ପୂର୍ବ ତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପାମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ କର୍ମୀ ଶୁଭେନ୍ଦୁ ପରିଡା ସୁରେନ୍ଦ୍ର ସାମଲ, ଦେବେନ୍ଦ୍ର ସାମଲ, ବିଶାପ୍ରକାଶ ସାମଲ ପ୍ରବୀର ନାୟକ, ଅଭିରାମ ଧଳ, ଆଦିତ୍ୟ ଧଳ, ଜଗବନ୍ଧୁ ସାମଲ, ମେହନ୍ଦ୍ର ସାମଲ, ରଞ୍ଜନ ସାମଲ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ତପନ ସାହୁ, ଶାନ୍ତନୁ ସାମଲ, କୃଷ୍ଣ ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ।

# ଜିଲ୍ଲାପାଳଙ୍କୁ ଭେଟିଲେ ଗରଦପୁର ବ୍ଲକ ସରପଞ୍ଚ ସଂଘ

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡାଜିଲ୍ଲା ଗରଦପୁର ବ୍ଲକ ସରପଞ୍ଚ ସଂଘର ସଭାପତି ଅମୀୟ କୁମାର ଜେନାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ଏହି ଦାବିପତ୍ରରେ ଦାନା ବାତ୍ୟା ୨୦୨୪ ମସିହା ରନ୍ଧାଖାଦ୍ୟ ବକେୟା ଅର୍ଥ ରାଶି ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି । ୨୦୨୪ ମସିହାରେ ଦାନା ବାତ୍ୟା ସମୟରେ ରାଜ୍ୟ ସରକାର ଓ ବ୍ଲକ ପ୍ରଶାସନ ନିର୍ଦ୍ଦେଶ କ୍ରମେ ସମସ୍ତ ପଞ୍ଚାୟତର ସରପଞ୍ଚମାନେ ରନ୍ଧାଖାଦ୍ୟ, ଜେନେରେଟର ସୁବ୍ୟବସ୍ଥା କରି ବାତ୍ୟାର ଉଚିତ୍ ମୁକାବିଲା କରିଥିଲେ । ପ୍ରାୟ ଦୁଇବର୍ଷ ହେବ ଏହି ସରପଞ୍ଚମାନେ ସେମାନଙ୍କର ବକେୟା ଟଙ୍କା ପାଇ ନଥିବାରୁ ଏକ ଦାବିପତ୍ର ପ୍ରଦାନ କରିତୁରନ୍ତ ସେମାନଙ୍କର ଅର୍ଥ ରାଶି ପ୍ରଦାନ କରିବାକୁ ଦାବିକରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଅଭୟ କୁମାର ମଲ୍ଲ, ସନ୍ତୋଷ କୁମାର ମାହାଲି, ନିର୍ମଳା ନାୟକ, ରାଜେନ୍ଦ୍ର ମଲ୍ଲିକ, ରାଧା ବୈଷ୍ଣୟୀ ଜେନା, ପ୍ରଭାତ ନଳିନୀଜେନା, ବନଲତା ସ୍ୱାଇଁ ଗୀତାଞ୍ଜଳିମହାନ୍ତିଙ୍କ ସମେତ ସମସ୍ତ ସରପଞ୍ଚଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଇନର ହ୍ୱିଲ ଅଧ୍ୟକ୍ଷାଙ୍କ ଜାରକା କ୍ଲବ ପରିଦର୍ଶନ

ଧର୍ମଶାଳା,(ସବ୍ୟୁ): ଇନରହୁଇଲ କ୍ଲବ ୩୨୬ ଜିଲାର ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଶୁକ୍ରବାର ଦିନ ଜାରକା ସ୍ଥିତ ଇନର ହୁଇଲ କ୍ଲବ ପରିଦର୍ଶନରେ ଆସି ବିଭିନ୍ନ ପ୍ରକଳ୍ପ ଓ ନଥିପତ୍ରକୁ ତଦାରଖ କରିବା ସହିତ ଏକ ଉତ୍ସବରେ ଯୋଗ ଦେଇଛନ୍ତି । ଇନର ହୁଇଲ କ୍ଲବ ର ସଭାପତି ଲୋପାମୁଦ୍ରା ଷେଣ୍ଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ମୁଖ୍ୟଅତିଥି, ପୂର୍ବତନ ଜିଲା ଅଧ୍ୟକ୍ଷା ନଳିନୀ ମହାପାତ୍ର ଓ ସୁରମା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାରକା ଇନର ହୁଇଲ କ୍ଲବର ସେବାମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ । ଏହି ଅବସରରେ କ୍ଲବ ପକ୍ଷରୁ ପ୍ରକାଶ ପାଉଥିବା ବାର୍ଷିକ ମୁଖପାତ୍ର " ଅସ୍ମିତା " ଉନ୍ମୋଚନ କରିଥିଲେ । ଏହି ଉତ୍ସବରେ କ୍ଲବର ସମ୍ପାଦକ ପ୍ରଭାତ ନଳିନୀ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ ସଦସଯା ଅର୍ଚ୍ଚନା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ କ୍ଲବର ପୂର୍ବତନ ସଭାପତି ରଶ୍ମିତା ନାୟକ, ଆଇଏସଓ ଅଜନ୍ତା ପାଣିଗ୍ରାହୀ ଓ ପତ୍ରିକା ସମ୍ପାଦକ କଳ୍ପନା ପରିଡା ମଞ୍ଚରେ ଉପସ୍ଥିତ ଥିବା ବେଳେ ବିଶ୍ୱାମିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ରୋଟାରି କ୍ଲବ ର ସଭାପତି ଇଂ ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଦୀପକ କୁମାର ଜେନାଙ୍କ ସହିତ ଉଭୟ କ୍ଲବର ଅନ୍ୟ ସଦସ୍ୟ ସଦସ୍ୟାମାନେ ଯୋଗଦେଇ ଥିଲେ ।

# ଅନ୍ତର୍ଜାତୀୟ ସମବାୟ ବର୍ଷ -୨୦୨୫ ପାଳିତ



ଜଗତସିଂହପୁର,(ସବ୍ୟୁ) : ସଦର ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କର ସମୀକ୍ଷା ଓ କମ୍ପୁଟରୀକରଣ ସମ୍ପର୍କୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରଭାତ ଚନ୍ଦ୍ର ଶତପଥି ଉପନିବନ୍ଧକ ସମବାୟ ସମିତି ସମୂହ , ଜଗତସିଂହପୁର ବିଭାଜନ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହା ସହିତ ସମବାୟ ସମିତିମାନଙ୍କର ସମୀକ୍ଷା, କମ୍ପୁଟରୀକରଣ ଓ ଅତି କମରେ ୧ ଏକର ଜମି ଗ୍ରହଣ କରିବା ପାଇଁ ସମିତିର ସମ୍ପାଦକଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିପ୍ରଭା ଦାସ,ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ,ଜଗତସିଂହପୁର ସମିତିର ସମ୍ପାଦକଙ୍କୁ ପ୍ୟାକସ କମ୍ପୁଟରୀକରଣ ଦ୍ୱାରା କିପରି ସ୍ୱଚ୍ଛତା ଆସିପାରିବ ଏହା ଉପରେ ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଦ୍ୟୁତଲତା ବେହେରା, ଡିଡିଏମ ନାବାର୍ଡ ପ୍ୟାକସ କମ୍ପୁଟରୀକରଣ ପାଇଁ ସମ୍ପାଦକ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ଇଫକୋର ଜନ ସଂପର୍କ ଅଧୀକାରୀ ପ୍ରସନ୍ନ କୁମାର ବେଉରା ଓ ଇଫକୋ ପ୍ରସ୍ତୁତ ନାନୋୟୁରିଆର ବୈଜ୍ଞାନିକ କୁଳମଣି ମାଝି ଯୋଗ ଦେଇ ନାନୋୟୁରିଆ ଓ ଜୈବିକ ସାରର ବ୍ୟବହାର ଉପରେ ନିଜର ମତବ୍ୟକ୍ତ କରିଥିଲେ । ସନ୍ତୋଷ କୁମାର ଜାଲି, ସହକାରୀ ସମୀକ୍ଷକ, ଜଗତସିଂହପୁର ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କର ସମୀକ୍ଷା ପାଇଁ କଣ କଣ ପ୍ରମୁଖ ରେକର୍ଡ ଗୁଡିକ ଦରକାର, ସେଥି ପ୍ରତି ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଚଏସ କମ୍ପାନୀର ଜିଲ୍ଲା ସଂଯୋଜକ ଦେବୀ ପ୍ରସନ୍ନ ସାହୁ ପ୍ୟାକସ କମ୍ପୁଟରୀକରଣ ଉପରେ ସମ୍ୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭାତ କୁମାର ମହାପାତ୍ର, ସହକାରୀ ନିବନ୍ଧକ, ସମବାୟ ସମିତ ସମୁହ ,ଜଗତସିଂହପୁର ବିଭାଜନ ଉପସ୍ଥିତ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ନିୟନ୍ତ୍ରୀତ ବଜାର କମିଟି ଜଗତସିଂହପୁର ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉପନିବନ୍ଧକ, ସମବାୟ ସମିତି ସମୂହ ଏବଂ ସହକାରୀ ନିବନ୍ଧକଙ୍କ ,ସମବାୟ ସମିତି ସମୂହ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା ,ରାଖାଲ ଚନ୍ଦ୍ର ସାମଲ ,ସୁମନ ବେହେରା ,ମିତାଲି ବୋଷ,ଚିତ୍ରା ଚିନ୍ମୟୀ ଦାସ,ସ୍ୱର୍ଣ୍ଣଲତା ନାୟକ,ପିଙ୍କି ହାଂସଦା ଏବଂ ରୁବୁ ମହାନ୍ତି ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଗଣଦୌଡ଼




ମହାକାଳପଡ଼ା ,(ସବ୍ୟୁ): ଭାରତ ବର୍ଷର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ କୁ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି । ଏନେଇ ଓଡିଶା ପୋଲିସ ତରଫରୁ ବିଭିନ୍ନ ଥାନାରେ ମିନି ମାରାଥନ/ଗଣ ଦୌଡ଼ ର ଆୟୋଜନ କରାଯିବା ସହିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାକାଳପଡା ଥାନା ତରଫରୁ ଗୌଡ଼ବାଡ଼ ପୁର ଠାରୁ ବ୍ଲକ ପର୍ଯ୍ୟନ୍ତ ଗଣ ଦୌଡ଼ ଆରମ୍ଭ ହୋଇଥିଲା ।ଥାନାଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଗଣ ଦୌଡ଼ରେ ୫୦ରୁ ଅଧିକ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ । ଗଣଦୌଡ଼ରେ ସ୍ଥାନୀୟ ଜନ ପ୍ରତିନିଧି, ଯୁବ ସ୍ୱେଚ୍ଛାସେବୀ, ପୋଲିସ କର୍ମଚାରୀ ଓ ସାମ୍ବାଦିକ ସାମିଲ ଥିଲେ । ଗଣଦୌଡ଼ରେ ଜ୍ଞାନରଞ୍ଜନ ବାରିକ,ପ୍ରଥମ, ନେତାଜୀ ଦାସ ଦ୍ୱିତୀୟ, ଚରଣ ସେଠି ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଥାନା ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ପରେ ସ୍ଥାନୀୟ ବାୟାବାବା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଉକ୍ତ ପ୍ରତିଯୋଗିତା ରେ ସ୍ନେହାଶ୍ରୀ ଖଟାଇ, ସ୍ମିତି ପ୍ରଜ୍ଞା ପରିଡା, ଲିଂଏ ରାଣୀ ସ୍ୱାଇଁ, ରୋଜାଲିନ ସ୍ୱାଇଁ ଓ ଶୁଭ୍ରାଂଶୁ ମହାପାତ୍ର ଆଦି ପୁରସ୍କୃତ ହୋଇଥିଲେ ।

ସେହିପରି ଜମ୍ବୁ ସାମୁଦ୍ରିକ ଥାନା ତରଫରୁ ରାମନଗର ଠାରୁ ରାମଚଣ୍ଡୀ ପୋଲ ପର୍ଯ୍ୟନ୍ତ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ମିନିମାରାଥନରେ ରାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଥାନା ଅଧିକାରୀ ସୌମ୍ୟଶ୍ରୀ ବିଶ୍ୱାଳ ଏହାକୁ ଶୁଭାରମ୍ଭ କରିଥିଲେ ।ଦୌଡ଼ ପ୍ରତିଯୋଗିତା ପରେ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ୬ ଦଫା ଦାବିରେ ଗ୍ରାମବାସୀଙ୍କ ଆମରଣ ଅନଶନ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ପାରିପଦା ଗ୍ରାମର ବାସିନ୍ଦାମାନେ ୬ ଦଫା ଦାବିରେ ଆମରଣ ଅନଶନରେ ବସିଛନ୍ତି । ଅଭିଯୋଗ ଅନୁସାରେ ପରପଦା ଗ୍ରାମକୁ ଗତ ୫ ବର୍ଷ ହେବ ରାଜସ୍ୱଗ୍ରାମର ମାନ୍ୟତା ସରକାର ଦେଇଛନ୍ତି । ଏହାପରେ ଭୋଟ କାର୍ଡ, ଆଧାର କାର୍ଡ, ଭୋଟ କେନ୍ଦ୍ର, ଅଙ୍ଗନଓ୍ୱାଡି ଆଦି ପାରିପଦା ଗ୍ରାମର ମାନ୍ୟତା ମିଳିସାରିଥିବାବେଳେ ବର୍ତମାନ ସୁଧା ୱେବ ପୋଟାଲରେ ପୂର୍ବ ରାଜସ୍ୱ ଗ୍ରାମ ନିଜାମପୁର ରହିଛି ରାସନ କାର୍ଡ, ଆୟୁଷ୍ମାନ କାର୍ଡ ଆଦି ଅତ୍ୟାବଶ୍ୟକ ଜିନିଷକୁ ସଂଶୋଧନ କରାଯାଇନାହିଁ । ଏଥିରେ ପୁରୁଣା ରାଜସ୍ୱ ଗ୍ରାମ ନିଜାମପୁର ପରିବର୍ତ୍ତେ ପାରିପଦା କରିବାକୁ ଦାବୀ ହୋଇଛି । ଏହାଛଡା ପାରିପଦା ଗ୍ରାମକୁ ୪ ଟି ଓ୍ୱାର୍ଡ ସହିତ ଅନ୍ୟ ଗ୍ରାମକୁ ମିଶାଇ ନୂତନ ପଞ୍ଚାୟତ କରିବାକୁ ଦାବୀ କରାଯାଇଛି । ଏଥିନେଇ ଗ୍ରାମବାସୀମାନେ ଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ଆଇଆଇସି ଏବଂ ସ୍ୱାସ୍ଥ୍ୟ ବିଭାଗଙ୍କୁ ଅବଗତ କରାଯଇଥିଲା ।

ମାତ୍ର କେହି ନଶୁଣିବାରୁ ଗ୍ରାମବାସୀମାନେ ଗ୍ରାମ ନିକଟ ବିଦ୍ୟାଳୟ ସାମ୍ନାରେ ଅନଶନରେ ବସିଛନ୍ତି । ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଅନଶନରେ ବସିରହିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସରୋଜ ସାହୁ, ରବୀନ୍ଦ୍ର ବାରିକ, ନିରାକାର ଦାସ, ବାଇଧର ସାହୁ, ସୁଜନ ସାହୁ, ରବୀନ୍ଦ୍ର ସାହୁ, ସନାତନ ଦାସ, ଅଜୟ ଦାସ, ରଜନୀକାନ୍ତ ସାହୁ, ଦୀପକ ଓଝା, ଭାବଗ୍ରାହୀ ବାରିକ, ଧ୍ରୁବ ଚରଣ ସାହୁଙ୍କ ସମେତ ଶତାଧିକ ଲୋକେ ସୂଚନା ଦେଇଛନ୍ତି ।

# ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

କୁଆଁପାଳ,(ସବ୍ୟୁ): ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ୪୧ ତମ ଶ୍ରାଦ୍ଧ ଦିବସ ଅବସରରେ ସେକ ମତଲୁବ ଅଲି ସ୍ମୃତି ସଂସଦ ,ମାହାଙ୍ଗା ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ସଂସଦ ପକ୍ଷରୁ ମାହାଙ୍ଗା ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଇନ୍ଦିରାଜୀଙ୍କ ପ୍ରତିମୁର୍ତ୍ତୀରେ ସଂସଦର ସଂପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତିଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ,ଧୂପ ଦୀପ ପ୍ରଦାନ କରାଯାଇଥିଲା। ଏଥିରେ ସଂଗ୍ରାମ ସାମଲ,ରବି ନାରାୟଣ ସାହୁ,ସୁକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ଇନ୍ଦିରା ଗାନ୍ଧିଜୀଙ୍କୀ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ, ବେକାରୀ ,ଗରିବ ଦୂରୀକରଣ, ଅନୁସୂଚିତ ଜାତି ଓ ଜନଜାତି ମାନଙ୍କର ବିକାଶ,କୃଷି ଓ କୃଷକର ଉନ୍ନତି ତଥା ଦେଶର ପ୍ରଗତି ନିମନ୍ତେ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟକ୍ରମ ଥିଲା ଅତୁଳନୀୟ ବୋଲି ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିର୍ଭୟ ମହାନ୍ତି,ପଦ୍ମଚରଣ ଲେଙ୍କା,ବିଦ୍ୟାଧର ବେହେରା,ଅଭୟ କୁମାର ସାହୁ,ଦାମୋଦର ସ୍ୱାଇଁ ଉପସ୍ଥିତ ରହି ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# କଇଁଛଙ୍କ ପାଇଁ ଆରମ୍ଭ ହେଲା ମାଛ ଧରା କଟକଣା

ପାରାଦୀପ,(ଜିପ୍ର) :ଆରମ୍ଭ ହେଲା କଟକଣା । ସମୁଦ୍ର ଉପକୁଳରୁ ୨୦ କିଲୋମିଟର ଭିତରେ ମାଛ ଧରିବା ମନା । ଉଲଂଘନ କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ ।ଏଭଳି ସତର୍କ ସୂଚନା ଜାରି କରିଛି ଓଡିଶା ମତ୍ସ୍ୟ ବିଭାଗ । ବିରଳ ଅଲିଭରିଡଲେ କଇଁଚଙ୍କ ଅଣ୍ଡାଦାନ ସମୟରେ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି କଟକଣା ଜାରି କରାଯାଇଥିବା ପାରାଦୀପ ସହକାରୀ ମତ୍ସ୍ୟ ଅଧିକାରୀ ତପନ କୁମାର ମହାପାତ୍ର ପ୍ରକାଶ କରିଥିବା ବେଳେ ମତ୍ସ୍ୟଜୀବୀଙ୍କ ଦାବି ପ୍ରତି ସରକାର ସେତେଟା ଯତ୍ନଶୀଳ ନୁହଁନ୍ତି ବୋଲି କହିଛନ୍ତି ବୋଟ ମାଲିକ ସନାତନ ପାତ୍ର । ନଭେମ୍ବର ଏକ ତାରିଖରୁ ଆସନ୍ତା ବର୍ଷ ମଇ ୩୧ ପର୍ଯ୍ୟନ୍ତ ଏହି କଟକଣା କଇଁଚମାନଙ୍କ ସୁରକ୍ଷା ନିମନ୍ତେ ସରକାର ଲଗାଉଛନ୍ତି । ସମସ୍ତ ମତ୍ସ୍ଜୀବି ମାନଙ୍କୁ ସମୁଦ୍ର ଉପକୂଳରୁ ୨୦ କିଲୋମିଟର ଭିତରେ ଫିସିଂ କରିବାକୁ ବାରଣ କରାଯାଇଛି ।ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ମାଳଦୀପ, ଭିଏତନାମ ଓ ଇଣ୍ଡୋନେସିଆରୁ ଅଲିଭରିଡଲେ କଇଁଚମାନେ ଧାମରା, ଗହୀରମଥା, ଦେବୀ ଓ ଋଷିକୁଲ୍ୟା ମୁହାଣକୁ ଅଣ୍ଡାଦାନ କରିବାକୁ ଆସୁଥିବା ବେଳେ ଟ୍ରଲର ଓ ମାଛଧରା ଡଙ୍ଗୀର ଫ୍ୟାନ ସଂଯୋଗରେ ଆସି ଏମାନେ ମୃତ୍ୟୁ ବରଣ କରିଥାନ୍ତି ।ସରକାରୀ ନିୟମକୁ ମାନି ୨୦ କିଲୋମିଟର ପରେ ମାଛ ଧରିବାକୁ ଯିବାକୁ ମତ୍ସ୍ୟଜୀବିମାନେ ରାଜି ହୋଇଥିବା ବେଳେ ଦୀର୍ଘ ଦିନ ହେବ ଡିଜେଲ ଉପରେ ରିହାତି ଓ କଟକଣା ସମୟରେ ସହୁଥିବା କ୍ଷତିର ଭରଣା ପାଇଁ ଏମାନେ ସରକାରୀ ସହାୟତା ପାଇଁ ଦାବି କରୁଥିବା ବେଳେ ସରକାର ନୀରବ ବର୍ଷ ତମାମ ଲଘୁଚାପ, ବାତ୍ୟା ଓ ମାଛ ଏବଂ କଇଁଚ କଟକଣା ସରକାର ଜାରି କରୁଥିବା ବେଳେ ସମୁଦ୍ର ଭିତରକୁ ଛାଡୁ ନାହାନ୍ତି ।

ହଜାର ହଜାର ପରିବାର ଏହି ବ୍ୟବସାୟ ଉପରେ ନିର୍ଭରଶୀଳ ଥିବାବେଳେ ଏମାନେ ଖାଇବେ କଣ ବଞ୍ଚିବେ କେମିତି, ସେ ବିଷୟରେ ସରକାର ଚିନ୍ତା ମଧ୍ୟ କରୁନାହାନ୍ତି ସବୁ ରାଜ୍ୟରେ ମତ୍ସ୍ୟଜୀବିନଙ୍କ କ୍ଷତିର ଭରଣା ପାଇଁ ସରକାରୀ ସହାୟତା ପ୍ରଦାନ କରାଯାଉଥିଲା ବେଳେ ଓଡିଶା ସେଥିରୁ ବଞ୍ଚିତ । ସରକାର ଏବଂ ସରକାରୀ କଳ କେବଳ ସତର୍କ ସୂଚନା ମାଇକ ଯୋଗେ ପ୍ରଚାର କରି ନିଜ ଦାୟିତ୍ୱ ଛିଣ୍ଡାଇ ଦେଉଥିବା ବେଳେ ମତ୍ସ୍ୟଜୀବୀଙ୍କ ଦାବି ପ୍ରତି ସରକାର ବିଚାର କରିବା ପାଇଁ ସେମାନେ ଅନୁରୋଧ କରିଛନ୍ତି । ଦୂର ସମୁଦ୍ରରୁ ମାଛ ଧରି ଏମାନେ ନିଜ ପରିବାର ପୋଷୁଥିବା ବେଳେ ସରକାର ସେମାନଙ୍କ କଥା ଚିନ୍ତା ନକଲେ ଦିନେ ନା ଦିନେ ଏହି ବ୍ୟବସାୟ ବିଲୁପ୍ତ ନହେବ ତାହା କିଏ କହିବ ବୋଲି ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘର ସଭାପତି ଶ୍ରୀକାନ୍ତ ପରିଡା ପ୍ରକାଶ କରିଛନ୍ତି ।

# ପ୍ରାଧ୍ୟାପିକାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ରାଜକନିକା, (ସବ୍ୟୁ) : ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପ୍ରାଣୀ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ଼. ମିଥିଳା ଦାସ ଙ୍କୁ ଷ୍ଟାଫ ଆସୋସିଏସନ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

ଷ୍ଟାଫ ଆସୋସିଏସନ ଉପସଭାପତି ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱ ଓ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧକ୍ଷା ପ୍ରଫେସର ସୁରେଖା ରାଉତ, ପ୍ରଶାସନିକ ଅଧିକାରୀ ଡ଼. ଫକୀର ଚନ୍ଦ୍ର ପ୍ରଧାନ, ପ୍ରଫେସର ଅନୁପ କୁମାର ମଲ୍ଲିକ, ଆସୋସିଏସନର ସମ୍ପାଦକ ଡ଼. ଅଜୟ କୁମାର କୁଣ୍ଡ, ଡ଼. ପ୍ରଶାନ୍ତ ଦାସ, ପ୍ରଯୁକ୍ତା ପ୍ରିୟଦର୍ଶିନୀ, ଦେବ ଦାସ ପ୍ରଧାନ,ବିଶ୍ୱ ରଞ୍ଜନ ଦାସ,ଜ୍ୟୋତିପୁଷ୍ପା ବେହେରା,ଅମିତାଭ କରଣ, ଜୟନ୍ତ କୁମାର ମଥାନ, ପୁଷ୍ପା ଦାଶ,କାଜଲ ଜ୍ୟୋତି ସାହୁ, ଗୋଲଖ ଚନ୍ଦ୍ର ଧଳ, ଶରତ ଓଝା ଙ୍କ ସମେତ ଅନାନ୍ୟ ଅଧାପକ ଅଧାପିକା ଓ କର୍ମଚାରୀ ଯୋଗଦେଇ ପ୍ରାଧ୍ୟାପିକା ଡ଼. ଦାସ ଙ୍କ ୩୪ ବର୍ଷ ରୁ ଉର୍ଦ୍ଧ କଲେଜ ପ୍ରତି ଥିବା ଭଲପାଇବା ଉତ୍ସର୍ଗୀ କୃତ ସେବା,ଓ କାର୍ଯ୍ୟ ଦକ୍ଷତା ସମ୍ପର୍କ ରେ ଆଲୋକପାତ କରିଥିଲେ । ଏହି ଅବସରରରେ ଆସୋସିଏସନ ପକ୍ଷରୁ ଡ଼.ଦାସ ଙ୍କୁ ମାନ ପତ୍ର ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ରନ ଫର୍ ୟୁନିଟ ଆୟୋଜନ



ପାରାଦୀପ ,(ଜିପ୍ର): ରାଷ୍ଟ୍ରୀୟ ଏକତା ଦିବସ (ଜାତୀୟ ଏକତା ଦିବସ) ଅବସରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ରନ ଫର୍ୟୁନିଟି ଆୟୋଜନ କରିଥିଲେ । ଏହି ବର୍ଷ ପାଳନ ବିଶେଷ ଭାବରେ ସ୍ୱତନ୍ତ୍ର କାରଣ ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଛି । ପିପିଏର ଉପ-ଅଧ୍ୟକ୍ଷ (ସ୍ୱାଧୀନ ଦାୟିତ୍ୱ) କ୍ୟାପେଟନ ଅଲେଖ ଚରଣ ସାହୁ ଆଜିର ସମାବେଶକୁ ସମ୍ବୋଧିତ କରି ସର୍ଦ୍ଦାର ପଟେଲଙ୍କ ଏକ ଅଖଣ୍ଡ ଭାରତର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ଏବଂ ଏକ ଅନ୍ତର୍ଭୁକ୍ତ, ସମୃଦ୍ଧ ଏବଂ ସମନ୍ୱିତ ଦେଶ ପାଇଁ ଆହ୍ୱାନ ଦେଇଥିଲେ । ସେ ସମସ୍ତ କର୍ମଚାରୀଙ୍କୁ ସମାନ ସଂକଳ୍ପ ଅନୁସରଣ କରିବାକୁ ଏବଂ ଆଗାମୀ ସମୟରେ ପିପିଏକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ସେମାନଙ୍କର ସର୍ବୋତ୍ତମ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ । ଏହାପରେ, ସେ ଅଧିକାରୀ, କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ଜିକେଏସର କ୍ରୀଡା ପ୍ରଶିକ୍ଷାର୍ଥୀ, ପାରାଦୀପ କଲେଜର କଲେଜ ଛାତ୍ର ଏବଂ ଓଡ଼ିଶା ମାରିଟାଇମ ଏକାଡେମୀକୁ ନେଇ ଗଠିତ ରନ ଫର୍ ୟୁନିଟିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ବନ୍ଦର ଟାଉନସିପ ଦେଇ ଗତି କରି ଗୋପବନ୍ଧୁ ଷ୍ଟାଡିୟମରେ ଶେଷ ହୋଇଥିଲା ।

# ଦୁର୍ନୀତି ବିରୋଧି ଶପଥ ପାଠ




ନୟାଗଡ଼,(ସବ୍ୟୁ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ରଷ୍ଟ୍ରୀୟ ଏକତା ଦିବସ ଏବଂ ଦୁର୍ନୀତି ବିରୁଦ୍ଧରେ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଦେଶର ମହାନ ଜନନାୟକ ସର୍ଦ୍ଦାର ବଲ୍ଲଭ ଭାଇ ପଟ୍ଟେଲଙ୍କ ଜୟନ୍ତି ଅବସରରେ ଏକତା ଦିବସ ପାଳନରେ ଯୁବଶକ୍ତିଙ୍କୁ ନେଇ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯୁବଶକ୍ତିଙ୍କ ସାମର୍ଥ୍ୟକୁ ଦେଶ ବିକାଶରେ ନିୟୋଜିତ କରିବା ଲାଗି ଆହ୍ୱାନ ଦିଆଯାଇଥିଲା। ସେହିପରି ଦୁର୍ନୀତି ବିରୋଦ୍ଧରେ ସମେସ୍ତେ ଲଢ଼ିବାକୁ ଏଠାରେ ଡକରା ଦିଆଯାଇଥିଲା। କୌଣସି କାର୍ଯ୍ୟରେ କାହାରି ଠାରୁ ବେଆଇନ ଲାଞ୍ଚ ଗ୍ରହଣ କରିବା କିମ୍ବା କାହାରିକୁ ବେଆଇନ ଲାଞ୍ଚ ଦେବା ଅପରାଧ ଅଟେ। ଏଭଳି କାର୍ଯ୍ୟରୁ ନିଜେ ଦୂରେଇ ରହିବା ସହିତ ଅନ୍ୟ କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଶପଥ ପାଠ କରାଇ ଥିଲେ। କାର୍ଯ୍ୟକ୍ରମରେ ଅତିକିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ଓ ରୋଜିନା ଦାସ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଦୁର୍ନୀତି ନିବାରଣ ଅତିରିକ୍ତ ଏସ୍ ପି ଅନିରୁଦ୍ଧ ନାୟକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜେୟାସ୍ମାମୟୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗ ର କର୍ମଚାରୀ ଦୁର୍ନୀତି ବିରୋଧରେ ଶପଥ ପାଠ କରିଥିଲେ।

# ପାଣିରେ ବୁଡ଼ି ଶିଶୁ ମୃତ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ବଳଭଦ୍ରପୁର ଗ୍ରାମର ଧନଜଂୟ ଭୁଜବଳଙ୍କ ଦୁଇ ବର୍ଷର ପୁତ୍ର ରୁଦ୍ର ଭୁଜବଳ ନଦୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ଶୁକ୍ରବାର ମଧ୍ୟାହ୍ନରେ ପରିବାରର କେହି ନଦୀକୁ ଗାଧୋଇ ଯାଇଥିବା ଶିଶୁଟି ଭାବି ନଦୀ ତୁଠକୁ ଯାଇଥିଲା ।କୌଣସି କାରଣରୁ ନଦୀରେ ବୁଡି ଶିଶୁଟି ମୃତ୍ୟୁ ବରଣ କରିଛି ।ପରିବାର ଲୋକ ଖୋଜାଖୋଜି କରିବାପରେ ନଦୀ ତୁଠରେ ଶିଶୁଟି ଭାସୁଥିବାର ପରିବାର ଲୋକ ଦେଖିଥିଲେ । ପରେ ପରିବାର ଲୋକେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ଡାକ୍ତର ରେଫର କରିବାରୁ ଭୁବନେଶ୍ୱର ନେଇଥିଲେ କିନ୍ତୁ ଡାକ୍ତର ସେଠି ମୃତ୍ୟ ଘୋଷଣା କରିଥିଲେ । ଏକମାତ୍ର ପୁଅକୁ ହରାଇ ବାପା ମାଆ ଭାଙ୍ଗି ପଡିଥିବା ବେଳେ ପରିବାର ସମେତ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ସୁପରଭାଇଜରଙ୍କ ବଦଳି ଦାବି: ସିଡ଼ିପିଓ କାର୍ଯ୍ୟାଳୟ ଘେରିଲେ ଅଙ୍ଗନୱାଡ଼ିକର୍ମୀ,ସହାୟିକା




ବୋଲଗଡ଼, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବୋଲଗଡ଼ ବ୍ଲକର ମହିଳା ଓ ଶିଶୁ ବିକାଶ ପ୍ରକଳ୍ପରେ କାର୍ଯ୍ୟକରୁଥିବା ମହିଳା କ୍ଷେତ୍ର ପରିଦର୍ଶିକା (ସୁପରଭାଇଜର) ଶ୍ରୀମତୀ ପ୍ରଭାତି ପରିଡାଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ କର୍ମୀ ଓ ସହାୟିକାମାନେ ତାଙ୍କର ଅନ୍ୟ ବ୍ଲକକୁ ତୁରନ୍ତ ବଦଳି କରିବାପାଇଁ ଶୁକ୍ରବାର ଦିନ ସିଡ଼ିପିଓ କାର୍ଯ୍ୟାଳୟ ଘେରାଉ କରିଛନ୍ତି । କର୍ମୀ ଓ ସହାୟିକାମାନେ ଉକ୍ତ ସୁପରଭାରଇଜରଙ୍କ ବଦଳି ଗତ ୧ ମାସ ଧରି ଅଭିଯୋଗ କରିଆସୁଛନ୍ତି । କିନ୍ତୁ ଖୋର୍ଦ୍ଧା ଜିଲ୍ଲାପ୍ରଶାସନ ବଦଳି କରିବାରେ ବିଳମ୍ବ କରୁଥିବାରୁ ବାଧ ହୋଇ ପୂର୍ବ ନିଷ୍ପତି ଅନୁଯାୟୀ ଶୁକ୍ରବାର ଦିନ ବ୍ଲକ ଅଞ୍ଚଳର ୨୨୮ କେନ୍ଦ୍ରକୁ ବନ୍ଦ କରି କର୍ମୀ ଓ ସହାୟିକା ମାନେ ବିଶାଳ ରାଲିରେ ଆସି ସିଡ଼ିପିଓ ଅଫିସ ଘେରାଉ କରିବା ସହ ଖୋର୍ଦ୍ଧା ଜିଲ୍ଲାପାଳ ଖୋର୍ଦ୍ଧା ଉପଜିଲ୍ଲାପାଳ ,ଓଡ଼ିଏସ ଡବ୍ଲ୍ୟୁ ଓଙ୍କୁ ସିଡ଼ିପଓଙ୍କ ଙ୍କ ଜରିଆରେ ଦାବୀ ପତ୍ର ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟ ଏକମାତ୍ର ଦାବୀ ଭାବରେ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟ କରିଆସୁଥିବା ମହିଳା କ୍ଷେତ୍ର ପରିଦର୍ଶୀକା (ସୁପରଭାଇଜର)ଶ୍ରୀମତୀ ପ୍ରଭାତି ପରିଡ଼ାଙ୍କ ଅନ୍ୟତ୍ର ବଦଳି ପ୍ରସଙ୍ଗ ।ଏଠାରେ ସୂଚନାଯୋଗ୍ୟ ଯେ ସୁପରଭାଇଜର ଶ୍ରୀମତୀ ପରିଡ଼ା ଭିମପଡ଼ା ସେକ୍ଟର ବୋଲଗଡ଼ ସେକ୍ଟର ଓ ବାଙ୍କୋଇ ସେକ୍ଟରରେ କାର୍ଯ୍ୟକରୁଥିଲା ବେଳେ କ୍ଷେତ୍ର ପରିଦର୍ଶନକୁ ନ ଯାଇ କର୍ମୀମାନଙ୍କୁ ବାରମାର ବ୍ଲକ କାର୍ଯ୍ୟାଳୟକୁ ଡ଼କାଇ ମାନସିକ ନିର୍ଯାତନ ଦେବା ସହ କର୍ମୀମାନଙ୍କୁ ଦରମା ବନ୍ଦ , କାରଣଦର୍ଶାଅ ନୋଟିସ ସହ ବହୁ ଧମକଚମକ ଦେଉଛନ୍ତି । ପୂର୍ବରୁ ବୋଲଗଡ଼ ବ୍ଲକ ଅଙ୍ଗନୱାଡିସଂଘ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ସାକ୍ଷାତକରି ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ଦିନ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କରସ ଆସୋସିଏସନ ବୋଲଗଡ଼ ଶାଖାର କର୍ମକର୍ତ୍ତାସହ ୪ଶହରୁ ଉର୍ଦ୍ଧ କର୍ମୀ ଓ ସହାୟିକା ନ ବୋଲ ଗଡ଼ସଦର ମହକୁମାସ୍ଥ ନଳିଘୋଷଭବନରୁ ଏକ ଶୋଭାଯାତ୍ରାରେ ବାହାରି ଗୋପବନ୍ଧୁଛକ ଥାନାଛକ ଡାକ୍ତରଖାନା ଛକ ଖଦିକେନ୍ଦ୍ର ବଜାର ହୋଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ସିଡ଼ିପିଓଙ୍କୁ ଦବୀପତ୍ର ପ୍ରଦାନ କରିଥିଲେ।ଏହାପରେ ସେଠାରେ ଦୀର୍ଘ ୪ଘଣ୍ଟାଧରି ଧାରଣାରେ ବସିଥିଲେ । ଆସନ୍ତା ସାତ ଦିନ ମଧ୍ୟରେ ଦାବୀ ପୁରଣ ନ ହେଲେ ବାଧ ହୋଇ କର୍ମୀ ଓ ସହାୟିକା ମାନେ ଅର୍ନିଦ୍ଧିଷ୍ଟ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦକରି ବ୍ଲକ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି କହିଛନ୍ତି । ସଂଘର ଉପଦେଷ୍ଟାଗଙ୍ଗାଧର ଦାଶ , ଭାରତୀୟ ମଜଦୁର ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ଅକ୍ଷୟ କୁମାର ରାଉତ.ବ୍ଲକ ସଭାନେତ୍ରୀ ମେରିଆ ବେଗମ. ସଂପାଦିକା ସୁଲେଚନା ପରିଡ଼ା , ସଂଗଠନ ସଂପାଦିକା ନମିତା ପ୍ରଧାନ, ପ୍ରତିମା ଦେଇ ,କମଳିନୀ ମହାନ୍ତି , ଜାହ୍ନବୀ ସାହୁ, ରେଣୁବାଳା ଦେଇ, ପ୍ରବାସିନୀ ମହାରଣା, ଶାନ୍ତି ଲତା ଦେଇ , ପ୍ରବୀଣାରଣସିଂ , ମିଲିମଙ୍ଗରାଜ ଅନୁପମା ସାହୁ, ଜୟଶ୍ରୀ ହୋତା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ପ୍ରାଣୀ ଚିକିତ୍ସକଙ୍କ ପରଲୋକ

ନୟାହାଟ,(ସବ୍ୟୁ): ସ୍ଥାନୀୟ ଅଞ୍ଚଳର ଜଣାଶୁଣା ପ୍ରାଣୀ ଚିକିତ୍ସିକ ଧନୁର୍ଦ୍ଧର ପାତ୍ର (୮୫)ଙ୍କର ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି । ସେ ଜଣେ ମେଳାପି, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ହଠାତ୍ ଏହି ଘଟଣା ପ୍ରଘଟ ହେବାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ସ୍ୱର୍ଗତ ପାତ୍ର ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଥିବାରୁ ମଞ୍ଚର ସଦସ୍ୟ ସୁରେନ୍ଦ୍ର ମୋହନ ବିଟି ,କୃଷ୍ଣ ଚନ୍ଦ୍ର ବାରିକ,ପାଣୁ ଦଳେଇ ,କରୁଣାକର ପାତ୍ର ,ଭ୍ରମର ରାଉତ,ମହମ୍ମଦ ତୟବ୍ଙ୍କ ସମେତ ବହୁ ଲୋକ ଭାରଗୋଳ ଗ୍ରାମସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରି ଶୋକପ୍ରକାଶ କରିଥିଲେ । ତାଙ୍କର ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ହୋଇଥିଲା । ଜ୍ୟେଷ୍ଠପୁତ୍ର ରଞ୍ଜନ ପାତ୍ର ମୁଖାଗ୍ନି ଦେଇଥିଲେ ।

# ଶ୍ରୀରାଧାପାଦ ଦର୍ଶନ

କଣ୍ଟିଲୋ,(ସବ୍ୟୁ): ପବିତ୍ର ମହାକାର୍ତ୍ତିକ ମାସ ଅଁଳା ନବମୀ ଅବସରରେ ନୀଳମାଧବ ପୀଠ ସାକ୍ଷୀଗୋପାଳ ମନ୍ଦିର ଓ ଦକ୍ଷିଣ ଦ୍ୱାର ସ୍ଥିତ ରାଧାକୃଷ୍ଣ ମଠ ରେ ଶ୍ରୀ ରାଧାପାଦ ଦର୍ଶନ ନିମନ୍ତେ ପତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦ୍ୱାରଫିଟା, ସ୍ନାନ ନୀତି ପରେ ନୂତନ ବସ୍ତ୍ର ଲାଗିହୋଇଥିଲା। ଓଡ଼ିଆଣୀ ବେଶରେ ଶ୍ରୀ ରାଧା ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥିଲେ। ବର୍ଷ ତମାମ ଶ୍ରୀ ରାଧାଙ୍କ ପାଦପଦ୍ମ ଯୁଗଳ ଆବରଣ ମଧ୍ୟରେ ରହୁଥିବା ବେଳେ ଅଁଳାନବମୀରେ ଦିନରେ ହିଁ ଭକ୍ତମାନେ ପାଦପଦ୍ମ ଦର୍ଶନ ସୁଯୋଗ ଲାଭ କରିଥାନ୍ତି।ପାଦପଦ୍ମ ଯୁଗଳ ଦର୍ଶନ ଦ୍ୱାରା ସମସ୍ତ ପାପ କ୍ଷୟ ହେବା ସହିତ ଅଶେଷ ପୁଣ୍ୟ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ।

## ପବିତ୍ର ଅଁଳା ନବମୀ ପାଳିତ

କାକଟପୁର (ସବ୍ୟୁ): ପବିତ୍ର ଅଁଳା ନବମୀ ତିଥିରେ ପ୍ରାଚୀ ନଦୀ କୂଳରେ ଥିବା ବହୁ ପୁରାତନ ଅଁଳା ବୃକ୍ଷ ମୂଳରେ ପୂଜା ପାଠ ହୋମ ଯଜ୍ଞ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ (୬୦) ବର୍ଷ ଧରି ମଙ୍ଗୁଳି ଭାଇନା (ମହାବାହୁ) ଙ୍କ ତତ୍ତ୍ୱାବଧାନ ରେ ଏହି ପୂଜା ପାଠ ଚାଲୁ ରହିଛି । ଆଖ ପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ବୃକ୍ଷ ମୂଳେ ଘିଅ ଦ୍ୱୀପ ଜାଳିବା ସହ ଦର୍ଶନ କରି ପ୍ରସାଦ ସେବନ କରିଥିଲେ ।

# ଦୀର୍ଘାୟୁର୍ବେଦ ଗୋସେବାଶ୍ରମରେ ଗୋଷ୍ଠାଷ୍ଟମୀ ପାଳିତ

ଫୁଲନଖରା,(ସବ୍ୟୁ): କଟକ ସଦର କନ୍ଦରପୁର ପଞ୍ଚାୟତର ବମ୍ଭୁରୀ ଗ୍ରାମର ଡଙ୍ଗରକଣ୍ଟା ଖେଳପଡିଆ ନିକଟଦୀର୍ଘାୟୁର୍ବେଦ ଗୋ ସେବାଶ୍ରମ ଠାରେ ଗୋଷ୍ଠାଷ୍ଟମୀ ଉପଲକ୍ଷେ ଅନୁଷ୍ଠାନରସ୍ଥ ଦୀର୍ଘାୟୁର୍ବେଦ ଗୋ ସେବାଶ୍ରମ ଠାରେ ଗୋଷ୍ଠାଷ୍ଟମୀ ଉପଲକ୍ଷେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଗୋପୂଜନ,ଗୀତାଯଜ୍ଞ ଏବଂ ଗୋମାହାତ୍ମ୍ୟ କଥାଯଜ୍ଞ ଅନୁଷ୍ଠିତ ହୋଇଥିଲା ।ଗୋଆଶ୍ରମର ୩୦ରୁ ଉର୍ଦ୍ଧ ଗୋମାତା,ନନ୍ଦୀ ଏବଂ ବତ୍ସା ମାନଙ୍କୁ ଶତାଧିକ ଗୋଭକ୍ତ ମାନେ ସନାତନ ପରମ୍ପରାରେ ପୂଜାକରି ସ୍ୱହସ୍ତରେ ଖାଦ୍ୟ ଖୁଆଇଥିଲେ ।ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସନାତନ ପରିଷଦର ସଭାପତି ସଞ୍ଜୟ ସାହୁ ମଞ୍ଚ ପରିଚାଳନା କରିବା ସହିତ ଗୋମାହାତ୍ମ୍ୟ ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ଉପସଭାପତି କଥାବାଚକ ରମାକାନ୍ତ ନାୟକ ଗୀତା ପଠନ କରି ବ୍ୟାଖ୍ୟା କରିଥିଲେ । କର୍ଣ୍ଣଗିରି ମଠ ଟାଙ୍ଗୀରୁ ବାବନ ମହାରାଜ ଉପସ୍ଥିତ ରହିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିର୍ମଳ ଜେନା,ଯୋଗ ପ୍ରଶିକ୍ଷକ ପିୟୁଶ ରଞ୍ଜନ ପରିଡ଼ା,ଶାରିରୀକ ପ୍ରଶିକ୍ଷକ ଧିର୍ଯ୍ୟଧର ଦାସ,ଗୋସେବକ ବିକ୍ରମ କେଶରୀ ମାଝି,ବଳରାମ ନାୟକ,ପାରସ ରଞ୍ଜନ ପୁଷ୍ଟି,ସନ୍ତୋଷ ଭୋଇ,ରାଜେଶ ପାତ୍ର,କମଳାକାନ୍ତ ସାହୁ,ଓମ ପ୍ରକାଶ ମହାନ୍ତି,ଜ୍ଞାନରଞ୍ଜନ ଜେନା,ଦୁର୍ଗାପ୍ରସାଦ ପରିଡା,ଆଲୋକ ପଟ୍ଟନାୟକ,ଗୁରୁଚରଣ ଭୋଳ,ଗବ୍ୟସିଦ୍ଧ ପର୍ଶୁରାମ ରାଉତ, ପ୍ରଦୀପ ରାଉତ,ଗୁରୁଚରଣ ଜେନା, ଶମ୍ଭୁନାଥ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଦୀର୍ଘାୟୁର୍ବେଦ ଗୋସେବାଶ୍ରମର ସଭାପତି ଅପର୍ଣ୍ଣା ପ୍ରସାଦ ଦାଶ ସଂଗଠନର ସମସ୍ତ ସଦସ୍ୟ ଏବଂ ଉପସ୍ଥିତ ସମସ୍ତ ଗୋଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଆଠଗଡ ,(ସବ୍ୟୁ): ବୁଧବାର ଆଠଗଡ଼ ଥାନା ପକ୍ଷରୁ ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠ ପ୍ରେକ୍ଷା ଗୃହରେ ଏହି ଦିବସ ପାଳିତ ହୋଇଯାଇଛି । ଥାନା ଭାରପ୍ରାପ୍ତ ନିରୀକ୍ଷକ ସୁମତୀ କୁମାରୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭାରେ ଆଠଗଡ଼ ଅତିରିକ୍ତ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ସ୍କାଉଟ ଗାଇଡ୍ସ ବରିଷ୍ଠ ଅଧିକାରୀ ସାଧୀନ ପଣ୍ଡା ରାଷ୍ଟ୍ରର ସୁରକ୍ଷା ତଥା ଅଖଣ୍ଡତା ବଜାୟ ରଖିବାକୁ ସମସ୍ତ ନାଗରିକ ଏକତାର ସହ ରାଷ୍ଟ୍ରପ୍ରତି ଆନୁଗତ୍ୟ ପ୍ରକାଶ କରିବା ଉଚିତ ।ଏଇ ପରିପ୍ରେକ୍ଷୀରେ ସ୍କୁଲର ଛାତ୍ରମାନଙ୍କ ମଧ୍ୟରେ ଯୁବଶକ୍ତି ଏକତାର ପ୍ରତୀକ ଶୀର୍ଷକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରୁ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୁସୁମାଞ୍ଜଳୀ ଜେନା ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସରିତା ମିଶ୍ର ପରିଚାଳନା କରିଥିଲେ ।

# ନିରାକାରପୁର ,ଜଙ୍କିଆ ପୋଲିସର ରାଷ୍ଟ୍ରୀୟ ଏକତା ଦିବସ ପାଳନ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ଜଙ୍କିଆ ପୋଲିସ ତରଫରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଯାଇଛି। ଶୁକ୍ରବାର ଦିନ ନିରାକାରପୁର ପୋଲିସ ତରଫରୁ ସ୍ଥାନୀୟ କ୍ଷେତ୍ରବାସୀ ଡି ଏ ଭି କଲେଜ ଏନ ସି ସି ଛାତ୍ରୀ , କୋଚିଙ୍ଗ ସେଣ୍ଟର ଛାତ୍ର ଛାତ୍ରୀ , ସ୍ଥାନୀୟ ଜନସାଧାରଣ ଓ ପୋଲିସ କର୍ମଚାରୀଙ୍କୁ ନେଇ ସକାଳୁ ଏକ ଗଣ ଦୌଡ ନିରାକାରପୁର ପୋଲିସ ଥାନା ପରିସରରୁ ବାହାରି ରାମ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ଏହି କାର୍ଯ୍ୟକ୍ରମକୁ ଆଇଆଇସି ବିଶଜିତ୍ ରାଉତରାୟ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଏସ ଆଇ ଦୀପାଳିଶା ନାୟକ, ଏ ଏସ ଆଇ ଜି ପି ମହାନ୍ତି, ଏସ କେ ବେହେରା ଓ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟ ପଟେ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନଙ୍କୁ ପୁରସ୍କାର ପ୍ରଦାନ ପାଇଁ ଆଜି ସ୍ଥାନୀୟ ଆର୍ଯ୍ୟ ବିହାର ସରସତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆଇଆଇସି ବିଶ୍ୱଜି ରାଉତରାୟଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା। ।ସହିପରି ଜଂକିଆ ଥାନା ପୋଲିସ ତରଫରୁ ଏକ ଗଣ ଦୌଡ ସରପାରୀ ସ୍ଥିତ ଆଇଏନଏମଟି ଇଞ୍ଜିନିୟରିଂ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିବାବେଳେ ଜଂକିଆ ସ୍ଥିତ ଆଇପିଏସ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ସକାଳ ୮ଟାରେ ରେ ଆଇଏନଏମଟି ଇଞ୍ଜିନିୟରିଂ କଲେଜ ପରିସର ରୁ ଛାତ୍ରଛାତ୍ରୀ ମାନେ ସମୂହ ଗଣ ଦୌଡ ରେ ବାହାରିଥିଲେ। ଏହି ଗଣ ଦୌଡକୁ ଜଂକିଆ ଥାନାର ଆଇଆଇସି ସୁଶାନ୍ତ କୁମାର ବେହେରା ଓ କଲେଜ ନିର୍ଦ୍ଦେଶକ ଅମ୍ବିକା ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପକ୍ଷରୁ ଗଣ ଦୌଡ଼ ଆୟୋଜନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କଲେଜ ଅଧକ୍ଷା ଡ ଅଭିଷ୍ପା ମହାନ୍ତି, ସ୍ନିଗ୍ଧା ଏସ କର, ସଂଗ୍ରାମ କେଶରୀ ପରିଡ଼ା, ବିଜନ ଚନ୍ଦ୍ର ବେହେରା, ବିଜୟ କୁମାର ଜି, ପ୍ରବେଶ କୁମାର ଦାଶ, ଅମ୍ରିତ ଉଦୟସିଂ, ରୋଜାଲିନ ମହାରଣା, ଏ ଭଗ୍ୟଶ୍ରୀ ପାତ୍ର, ସୁମିତ୍ରା ଷଡ଼ଙ୍ଗୀ, ଅଲିଭା ଭୋଳ, ସନ୍ଦୀପ ବିଶ୍ୱାଳ, ଉପାସନା ଗୟା, ପ୍ରିୟଙ୍କା ସାମଲ, ପ୍ରଦୀପ୍ତ ରାଉତ,ସସ୍ମିତା ପୃଷ୍ଟି ଓ ମୋନାଲିସା ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।ସେହିପରି ଜଙ୍କିଆସ୍ଥିତ ଆଇପିଏସ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ନିଜେ ଆଇଆଇସି ଶ୍ରୀ ବେହେରା ପରିଚାଳନା କରିଥିବାବେଳେ ଏସ ଆଇ କେଶବ ବେହେରା, ଏ ଏସ ଆଇ ପ୍ରମୋଦ କୁମାର ଦଳେଇ ଓ ବିଦ୍ୟାଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ନିମାପଡା,(ସବ୍ୟୁ): ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ୨୦୨୫ ଗୁରୁବାର ଦିନ ନିମାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡା ଏନ୍ଏସି ଅଧକ୍ଷା ସସ୍ମିତା ସାହୁ ଯୋଗଦେଇଥିବା ବେଳେ ଅପରାହ୍ନରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ତହସିଲଦାର ମନୋଜ କୁମାର ପ୍ରଧାନ,ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ଅମିତା ମହାନାୟକ,ସମ୍ମାନୀତ ଅତିଥିଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ,ସାଂସଦଙ୍କ ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି,ମଣ୍ଡଳ ସହଶିକ୍ଷାଧିକାରୀ ପୁଷ୍ପମିତ୍ରା ମିଶ୍ର,ଗୀତାଞ୍ଜଳୀ ନାୟକ,ନିମାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପତିଭା କିଭଳି ବିକାଶ ହୋଇଥାଏ ସେ ସଂପର୍କରେ ଆଲୋକପାତ କରିଥିଲେ । ବକୃତା, ବିତର୍କ, ପ୍ରବନ୍ଧ ଲିଖନ,କୁଇଜ,ଚିତ୍ରାଙ୍କନ,ଶିଳ୍ପକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ପ୍ରତିଯୋଗିତା କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୪୭ ଜଣ ଛାତ୍ରଛାତ୍ରୀ ଏହି ସବୁ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ ବିଭିନ୍ନ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି । ସମସ୍ତ ବିଭାଗରେ ପ୍ରଥମ,ଦିତ୍ୱୀୟ ଓ ତୃତୀୟ ସ୍ଥାନ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ମଣ୍ଡଳ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢୀ ଉତ୍ସବର ସଭାପତିତ୍ୱ କରିଥିବା ବେଳେ ବି.ଆର.ସି.ସି ସୁଦର୍ଶନ ଭୋଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଅଧିନସ୍ଥ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ,ଶିକ୍ଷକ ସଂଗଠ.ସିଆରସିସି ପ୍ରମୁଖ ସହଯୋଗ କରିଥିଲେ ।

# ରାଜଭବନରେ ସମ୍ମାନ ସମାରୋହ ଏବଂ କବି ସମ୍ମେଳନ ୨ରେ



ଭୁବନେଶ୍ୱର,(ସବ୍ୟୁ) : ଭାଷାର ସମୃଦ୍ଧିକୁ ବିସ୍ତାର କରି, ବିଶ୍ୱ ହିନ୍ଦୀ ପରିଷଦ, ଓଡ଼ିଶା ପ୍ରଦେଶ ଦ୍ୱାରା ହିନ୍ଦୀ ଭାଷାର ବିକାଶ ଏବଂ ପ୍ରଚାର ପାଇଁ ତା ୨ ନଭେମ୍ବର,୨୦୨୫ ରିଖ ଅପରାହ୍ନ ୩ଘ ୩୦ମି ସମୟରେ ଓଡିଶାର ରାଜଭବନରେ ହିନ୍ଦୀ-ଓଡିଆ ଲେଖକ, ସମାଜସେବୀ, ରାଜଭାଷା କର୍ମୀ ତଥା ହିନ୍ଦୀ ଭାଷାର ପ୍ରଚାର ଏବଂ ପ୍ରସାରଣରେ ଅତୁଳନୀୟ ଯୋଗଦାନ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କବି ସମ୍ମିଳନୀର ଆୟୋଜନ କରାଯାଉଅଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ, ପଦ୍ମଭୂଷଣ ଶ୍ରୀ ୟାର୍ଲଗଡ୍ଡା ଲକ୍ଷ୍ମୀ ପ୍ରସାଦ ଅଧକ୍ଷତା କରିବେ ବୋଲି ବିଶ୍ୱ ହିନ୍ଦୀ ପରିଷଦ ଓଡ଼ିଶା ଶାଖା ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପରିଷଦ କର୍ମକର୍ତ୍ତାମାନେ ସୂଚନ । ଦେଇଛନ୍ତି।

ଏହି କାର୍ଯ୍ୟକ୍ରମ ଦୁଇଟି ଅଧିବେଶନରେ ଅନୁଷ୍ଠିତ ହେବ । ପ୍ରଥମ ଅଧିବେଶନରେ ଅତିଥିମାନଙ୍କୁ ସ୍ୱାଗତ, ସେମାନଙ୍କର ମନ୍ତବ୍ୟ, ମାର୍ଗଦର୍ଶନ ଏବଂ ସମ୍ବର୍ଦ୍ଧନା ସମାରୋହ ଅନ୍ତର୍ଭୁକ୍ତ ହେବ। ୨ୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କବି ସମ୍ମିଳନୀ ଅନୁଷ୍ଠିତ ହେବ ।

ଏହି ସ୍ୱତନ୍ତ୍ରଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଞ୍ଚଳିକ ଭାଷା ସହିତ କାମ କରି ହିନ୍ଦୀର ଆନ୍ତର୍ଜାତୀୟ ପରିଚୟକୁ ସୁଦୃଢ଼ କରିବା । କାରଣ ହିନ୍ଦୀ ହେଉଛି ଭାରତର ଆତ୍ମାର ଭାଷା - ଏକ ଭାଷା ଯାହା ବିଭିନ୍ନ ଅଞ୍ଚଳ, ସଂସ୍କୃତି ଏବଂ ସମ୍ପ୍ରଦାୟକୁ ସଂଯୋଗ କରେ । ଏହା ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ଭାରତକୁ ଏକ ଭାବପ୍ରବଣ ଏକତା ପ୍ରଦାନ କରିଛି । ହିନ୍ଦୀ ସର୍ବଦା ଆମକୁ ଶିଖାଇଛି ଯେ ଆମର ବିବିଧତା ହେଉଛି ଆମର ସର୍ବବୃହତ ଶକ୍ତି । ।ଜିର ଯୁଗରେ, ଯେତେବେଳେ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱସ୍ତରୀୟ ଭାଷାଗୁଡ଼ିକ ଆମ ଜୀବନରେ ସ୍ଥାନ ପାଉଛନ୍ତି, ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ ଯେ ଆମର ମାତୃଭାଷା ଏବଂ ହିନ୍ଦୀ ଭାଷା - ଉଭୟ ସମାନ ଭାବରେ ସ୍ପନ୍ଦନଶୀଳ ଏବଂ ପ୍ରାସଙ୍ଗିକ ହୋଇ ରହିବ । ବିଦ୍ୟାଳୟ, ପ୍ରଶାସନିକ କାର୍ଯ୍ୟ, ସାହିତ୍ୟ, ସମ୍ବାଦିକତା ଏବଂ ବୈଷୟିକ ଗଣମାଧ୍ୟମରେ ହିନ୍ଦୀର ପ୍ରାକୃତିକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଆମର ଜାତୀୟ ଦାୟିତ୍ୱ ବୋଲି ପରିଷଦର ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

# ଆଜି ଅନନ୍ତ ବଳିଆ ସେବାଶ୍ରମ ବାର୍ଷିକ ଉତ୍ସବ



ଫୁଲନଖରା ,(ସବ୍ୟୁ): କଟକ - ଭୁବନେଶ୍ୱର ଜାତୀୟ ରାଜପଥ ତେଲଙ୍ଗାପେଣ୍ଠ ନିକଟସ୍ଥ ନୂଆଗଡ ଗ୍ରାମରେ ଗଢି ଉଠିଥିବା ଅନନ୍ତ ବଳିଆ ସେବାଶ୍ରମ ଓ ମା' ଦୁଲାଦେବୀଙ୍କ ପୀଠରେ ୧୬ ତମ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଶ୍ରୀମଦ ବଳିଆ ବାବା ସାମ୍ବାଦିକ ସମ୍ମିଳନୀ କରି ସୂଚନା ପ୍ରଦାନ କରି କହିଥିଲେ ଯେ, ବର୍ତ୍ତମାନ ବିଶ୍ୱରେ ଅହଂଭାବ,ବିଭୀଷିକା, ରକ୍ତପାତ ଜନ ଜୀବନକୁ ଅଶାନ୍ତ ସୃଷ୍ଟି କରୁଛି । ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡିଛି । ସଂସ୍କାର ନ ମିଳିଲେ ସମାଜ ବିଗିଡିଯିବ ,ପରିବାର ଧ୍ୱଂସକୁ ଚାଲିଯିବ । ନିଶା,ମାଦକ ଆଜି ଯୁବଗୋଷ୍ଠୀଙ୍କୁ କବଳିତ କରିବାରେ ଲାଗିଛି । ଯେଉଁ ସମାଜ ଅତିଷ୍ଠ ସେଠାରେ ପ୍ରଗତିର ଆଶା ହାସ୍ୟାସ୍ପଦ ଯେଉଁ ମାନଙ୍କ ତ୍ୟାଗରେ ଆମ ଦେଶ ସତ୍ତ୍ୱାଧିକାର ପାଇଲା ସେମାନେ କେବଳ କ'ଣ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ରେ ମନେ ପଡନ୍ତି । ଏହା ଅତ୍ୟନ୍ତ ଦୁଃଖର ବିଷୟ । ଦେଶ ସ୍ୱାଧୀନରେ ପବିତ୍ର ଆତ୍ମାମାନଙ୍କର ଆଶିଷ ଭିକ୍ଷା କରି ଆମ ଭିତରେ ଦେଶପ୍ରେମ ଓ ତ୍ୟାଗ ସୃଷ୍ଟି ହେବା ନିମନ୍ତେ ନଭେମ୍ବର ୦୧ ତାରିଖ ସନ୍ଧ୍ୟାରେ ରେ ଏକ ପୂଜ୍ୟପୂଜା କାର୍ଯ୍ୟକ୍ରମ ଏହି ଅନନ୍ତ ବଳିଆ ସେବାଶ୍ରମରେ କାର୍ଯ୍ୟକ୍ରମ ଚାଲୁ କରାଯିବ ।ଏଥିରେ ଆଚାର୍ଯ୍ୟ ହରିହର ଦାସ,ପ୍ରଚାରକ ଅନନ୍ତ ମିଶ୍ର, ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର, ବିପ୍ଳବୀବୀର ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର,ଚାଖି ଖୁଣ୍ଟିଆ,ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳର ପ୍ରାଣ ବ୍ରଜସୁନ୍ଦର ଦାସ, ସରଳା ଦେବୀ,ଡାକ୍ତର ଜ୍ୟୋତ୍ସ୍ନା ଦେବୀ,କର୍ମବୀର ଗୌରୀଶଙ୍କର ରାୟ,ମା ରମା ଦେବୀ, ଶହୀଦ ବାଜି ରାଉତ, ନାରାୟଣ ବୀରବର ସାମନ୍ତ, ରତ୍ନମାଳୀ ଜେମା, ଠାକୁର ଅଭିରାମ ପରମହଂସ ,ବାଇମୁଣ୍ଡି ,କଟକ,ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପଣ୍ଡିତ ନୀଳକଣ୍ଠ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ,ରାଜେନ୍ଦ୍ର ପ୍ରସାଦ ସିଂ, ମଣି ସାହୁ ପ୍ରମୁଖଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନାଗରିକ ପୀତବାସ ମହାପାତ୍ର, ମନୁ ବାବା, ଚତୁର୍ଭୁଜ ମହାପାତ୍ର,ଡଃ ଅରବିନ୍ଦ ନନ୍ଦ, ତୁଷାରକାନ୍ତ ମହାପାତ୍ର, ବଟକୃଷ୍ଣ ସ୍ୱାଇଁ,ସନ୍ତୋଷ ଦାସ,ମନୋଜ ମହାପାତ୍ର,ଶିଶିର ରାଉତରାୟ,ଡାକ୍ତର ଶରତ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୭୭)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ)

**ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍ଭୁତଂ ହରେଃ ।**
**ବିସ୍ମୟୋ ମେ ମହାନ୍‌ରାଜନ୍ ! ହୃଷ୍ୟାମି ଚ ପୁନଃ ପୁନଃ ।। ୭୭ ।।**

ହେ ରାଜନ୍ ! ହରେଃ ତଦ୍ ଅଦ୍ଭୁତଂ ରୂପଂ ସଂସ୍ମୃତ୍ୟ ରୂପଂ ସଂସ୍ମୃତ୍ୟ ସଂସ୍ମୃତ୍ୟ ଚ ମେ (ମମ) ମହାନ୍ ବିସ୍ମୟଶ୍ଚ (ଭବତି): ଅହଂ ପୁନଃ ପୁନଃ ହୃଷ୍ୟାମି ।। ୭୭ ।।

# ଓଡ଼ିଶାରେ ରେଳବାଇର ବିକାଶ

ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷକରି ସହର ବା ବଜାରର ଜନଗହଳିପୂର୍ଣ୍ଣ ରାସ୍ତାରେ ଯେଉଁ ସବୁ ଲେଭଲ କ୍ରସିଂ ରହିଛି, ସେ ସବୁ କେବଳ ରେଳବାଇର ବିକାଶ କ୍ଷେତ୍ରରେ ନୁହେଁ, ଆମ ଭୂପୃଷ୍ଠ ପରିବହନର ବିକାଶ କ୍ଷେତ୍ରରେ ମଧ୍ୟ ଅନ୍ତରାୟ ସୃଷ୍ଟି କରି ଆସିଛି । ଏହାଛଡା ଲେଭଲ କ୍ରସିଂ ଦେଇ ଯାଉଥିବା ଯାତ୍ରୀମାନେ ଯେତେ ଜରୁରୀ କାମ ଥିଲେ ବି ଅଟକି ରହିବାକୁ ପଡ଼ିଥାଏ । ଅନେକ ସମୟରେ ଦୁର୍ଘଟଣା ଘଟି ଲୋକେ ମୃତାହତ ହଉଥିବା ଦେଖା ଯାଇଥାଏ । ସ୍ୱାଧୀନତାର ୭୮ ବର୍ଷରେ ହୁଏ ତ ଆମେ ଏ ସବୁ ଅସୁବିଧାରୁ ମୁକ୍ତି ପାଇବା । କାରଣ ଓଡ଼ିଶାରେ ଲେଭଲ କ୍ରସିଂଗୁଡ଼ିକ ଉପରେ ୯୨ଟି ଓଭର ବ୍ରିଜ ନିର୍ମାଣ ହେବ ଏବଂ ରେଳବାଇ ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ବହନ କରିବ ବୋଲି ଯାହା ନିଷ୍ପତ୍ତି ହୋଇଛି, ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରୀୟ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଦୁଃଖର କଥା, ଦୀର୍ଘ ଦିନ ଧରି ଓଡ଼ିଶାକୁ ଅତୀତରେ ରେଳବାଇ ପକ୍ଷରୁ ଅବହେଳା କରା ଯାଇଥିଲା । କେବଳ କୋଲକାତା (ପୂର୍ବର କଲିକତା) ଓ ମାଡ୍ରାସ ମହାନଗରୀ ସହିତ ରେଳ ସଂଯୋଗର ଆବଶ୍ୟକତା ଦେଖା ଦେବାରୁ ଓଡ଼ିଶା ମାଟି ଉପର ଦେଇ ରେଳପଥ ନିର୍ମାଣ କରିବାକୁ ରେଳ କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ । ତାହା ପୁଣି ଉପକୂଳ ଓଡ଼ିଶାରେ ।

ଅତୀତର ଇତିହାସକୁ ଅନୁଧ୍ୟାନ କଲେ ଜଣା ଯାଇଥାଏ ଯେ ଓଡ଼ିଶାର ପ୍ରଥମ ପ୍ରକାଶିତ ସମ୍ବାଦପତ୍ର 'ଉତ୍କଳ ଦୀପିକା' ଓଡ଼ିଶାରେ ରେଳପଥର ବିକାଶ ଲାଗି ଉଦ୍ୟମ କରି ଆସିଥିଲା । ଏହାର ତତ୍କାଳୀନ ସମ୍ପାଦକ ଗୌରୀଶଙ୍କର ରାୟଙ୍କୁ କେହି ମନେ ପକାଉ ବା ନ ପକାଉ ପଛେ, ଆମେ ଆଜି ତାଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରୁଛୁଁ । ସେତେବେଳେ ଭାରତର ସୀମିତ ଅଞ୍ଚଳରେ ରେଳପଥର ନିର୍ମାଣ କାର୍ଯ୍ୟ ଚାଲିଥାଏ । ତେଣୁ ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା' ଜରିଆରେ ଓଡ଼ିଶାରେ ରେଳପଥ ପ୍ରତିଷ୍ଠା ପାଇଁ ନେତୃତ୍ୱ ନେଇଥିଲେ । ବିଭିନ୍ନ ଆବେଦନପତ୍ରକୁ ମୁଦ୍ରିତ କରାଇ ତତ୍କାଳୀନ ସରକାରଙ୍କ ନିକଟକୁ ସେ ପଠାଇଥିଲେ । ଶେଷରେ ଓଡ଼ିଶାବାସୀଙ୍କ ବହୁ ପ୍ରତୀକ୍ଷିତ ସ୍ୱପ୍ନ ସାକାର ହୋଇଥିଲା । 'କଟକରୁ ମେଦିନପୁର (ପଶ୍ଚିମବଙ୍ଗ) ଯାଏଁ ଅସ୍ଥାୟୀ ରେଳ ବିଛା ହେବା ପ୍ରାୟ ଶେଷ ହେଲାଣି, ବୋଲି 'ଉତ୍କଳ ଦୀପିକା' ସେତେବେଳେ ଲେଖିଥିଲେ । ଓଡ଼ିଶାରେ ମହାବାତ୍ୟା ହେବାର ୨୬ ବର୍ଷ ପୂର୍ତ୍ତି ହୋଇଛି । କିନ୍ତୁ ମହାବାତ୍ୟା ଆସିବାର ଶହେ ବର୍ଷ ପୂର୍ବେ ୧୮୯୯ ମାର୍ଚ୍ଚ ମାସରେ କଟକକୁ ରେଳଗାଡି ଆସିଗଲା । 'ଉତ୍କଳ ଦୀପିକା' ଲେଖିଥିଲେ- ଚଳିତ ମାସ ଛଅ ତାରିଖ ସୋମବାରଠାରୁ ଲୋକମାନେ ରେଳଦ୍ୱାରା କଟକରୁ କୋଲା (କୋଲାଘାଟ) ପର୍ଯ୍ୟନ୍ତ ଯିବା ଆସିବା କରୁ ଅଛନ୍ତି । (୨୪୭) ଓଡ଼ିଶା ରେଳ ବ୍ୟବସ୍ଥାର ଇତିହାସରେ ଏ ତାରିଖଟା ଆମ ପାଇଁ ସ୍ମରଣୀୟ ନିଶ୍ଚୟ । ସେମିତି ରେଳବାଟର ଏ ଅସ୍ଥାୟୀ ବ୍ୟବସ୍ଥା ସମୟରେ ଚାଉଳିଆଗଞ୍ଜଠାରେ ରେଳ ଷ୍ଟେସନ ଖୋଲିଥାଏ ।' (ପୃଷ୍ଠା ୩୭୧, ଶତାବ୍ଦୀ ପୁରୁଷ, ଡକ୍ଟର ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନସିଂହ) କୌତୁହଳବଶତଃ ସ୍ୱୟଂ ଗୌରୀଶଙ୍କର ସେଠାରେ ଷ୍ଟେସନ ଦେଖିବାକୁ ଯାଇଥିଲେ । ସ୍ଥାୟୀ ଷ୍ଟେସନ ନ ହୋଇ କାଠ ଘରେ ସେତେବେଳେ ଷ୍ଟେସନ ଚାଲିଥିଲା ଏବଂ ତାଟି ମଧ୍ୟରେ ଝରକା କଟା ହୋଇ ଟିକେଟ ଦିଆଯାଉଥାଏ । ଅତୀତର ସେ କଥାକୁ ସ୍ମରଣ କଲେ ମନରେ ଆନନ୍ଦ ଆସେ ।

ଏବେ ତ ୨୦୨୫-୨୬ ରେଳ ବଜେଟରେ ଓଡ଼ିଶା ପାଇଁ ୧୦, ୫୯୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦, ୫୮୬ କୋଟି ଟଙ୍କାର ବ୍ୟୟବରାଦ ଓଡ଼ିଶା ପାଇଁ କରାଯାଇ ତାହା ସର୍ବାଧିକ ବୋଲି କୁହାଯାଇଥିଲା । ସେହିପରି ଆଦିବାସୀ ଅଞ୍ଚଳକୁ ଗୁରୁତ୍ୱ ଦେଇ ୧୯,୦୦୦ କୋଟି ଟଙ୍କାରେ ୮ଟି ନୂତନ ରେଳପ୍ରକଳ୍ପ ଅନୁମୋଦିତ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ଅବଶ୍ୟ ଅତ୍ୟାଧୁନିକ 'ବନ୍ଦେ ଭାରତ ଏକ୍ସପ୍ରେସ' ମଧ୍ୟ ଓଡ଼ିଶାକୁ ଦିଆଯାଇଛି । ସେହି ଚାରିଟି ବନ୍ଦେ ଭାରତ ଏକ୍ସପ୍ରେସ ଏବେ କେନ୍ଦୁଝରଗଡ଼ ଦେଇ ବ୍ରହ୍ମପୁର-ଟାଟାନଗର ମଧ୍ୟରେ, ହାଓଡାରୁ ପୁରୀ ମଧ୍ୟରେ, ପୁରୀରୁ ରାଉରକେଲା ମଧ୍ୟରେ ଏବଂ ଭୁବନେଶ୍ୱରରୁ ବିଶାଖାପାଟଣା ମଧ୍ୟରେ ଚଳାଚଳ କରୁଛି । କିନ୍ତୁ ବରିଷ୍ଠ ନାଗରିକଙ୍କ ସକାଶେ ରେଳ ଟିକଟରେ କିଛିଟା ସ୍ଥାନ ସଂରକ୍ଷଣର ସୁବିଧା ଥିଲେ ମଧ୍ୟ ପୂର୍ବରୁ ଯେଉଁ ରିହାତି ବ୍ୟବସ୍ଥା ଥିଲା, ତାହାର ପୁନଃ ପ୍ରଚଳନ କରାଯିବା ଦରକାର । ଓଡ଼ିଶାର ଦୁଇ ପୂର୍ବତନ ରେଳମନ୍ତ୍ରୀ କାହ୍ନୁଚରଣ ଲେଙ୍କା ଓ ଭକ୍ତ ଚରଣ ଦାସ ଏ ବିଷୟରେ ଦାବି କରିବା ଆବଶ୍ୟକ ।

## ଅନ୍ତର୍ଚେତନା

**ଯିଏ ଅନ୍ତଃଚେତନାରେ ଅନ୍ତଃମୁଖୀ ହୋଇ ନିଜ ଭିତରେ ଈଶ୍ୱରଙ୍କ ଦିବ୍ୟ ସ୍ୱରୂପକୁ ଦେଖେ, ସେତେବେଳେ ତା' ଭିତରେ ସବୁ ଦେବତ୍ୱ ଗୁଣର ପରିପ୍ରକାଶ ଘଟେ ।**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭୟ



**ପ୍ରଫେସର ଡ. ମୃଣାଳ ଚାଟାର୍ଜୀ**

ଭୟ ଆମର ସବୁଠୁ ଅନ୍ତରଙ୍ଗ ଭାବନା ମଧ୍ୟରୁ ଗୋଟିଏ । ହୁଏତ ଜୀବ-ଜୀବନର ଆରମ୍ଭ ସହିତ କିମ୍ବା ପରେ ପରେ ଭୟ ତା' ସହିତ ରହିଛି । କୋଟି କୋଟି ବର୍ଷର ବିକାଶ ପ୍ରକ୍ରିୟାରେ ବିଲୁପ୍ତିରୁ ବଞ୍ଚି ଯାଇଥିବା ସମସ୍ତ ଜୀବ ଜାତିର ଗୁଣସୂତ୍ରରେ ଏହା ପ୍ରୋଥିତ ହୋଇଯାଇଛି । ହୁଏତ ବଞ୍ଚି ରହିବା ପାଇଁ ଏହାର ଆବଶ୍ୟକତା ଥିଲା । ସଭ୍ୟତାର ଅଗ୍ରଗତି ସହିତ ଭୟକୁ ବିଭିନ୍ନ କ୍ଷେତ୍ରରେ, ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଗଲା ।

କୌତୁହଳର କଥା, ବିଶେଷଜ୍ଞମାନେ କହନ୍ତି ମଣିଷ ତା' ଜନ୍ମ ସୂତ୍ରରେ ମାତ୍ର ଦୁଇଟି ସହଜାତ ଭୟ ନେଇ ପୃଥିବୀକୁ ଆସେ । ଏ ଦୁଇଟି ଭୟ ହେଲା: ଉଚ୍ଚ ଶବ୍ଦର ଭୟ (ଫୋନୋଫୋବିଆ ଗ୍ରୀକ୍ ଭାଷାରେ 'ଫୋନୋ' ଅର୍ଥ ଶବ୍ଦ ଆଉ 'ଫୋବିଆ' ହେଲା ଭୟ ) ଏବଂ ଉଚ୍ଚତାର ଭୟ (ଏକ୍ରୋଫୋବିଆ ଗ୍ରୀକ ଭାଷାରେ 'ଏକ୍ରୋ' ଅର୍ଥ ହେଲା ଶିଖର ବା ଉଚ୍ଚତମ ସ୍ଥାନ । ଅନେକେ ଏହାକୁ 'ଭର୍ଟିଗୋ' ବୋଲି କହନ୍ତି । ତାହା ଭୁଲ । ଭର୍ଟିଗୋ ହେଲା ଏକ୍ରୋଫୋବିଆର ଏକ ଲକ୍ଷଣ) । ଏଗୁଡିକ ଜୀବ ବୈଜ୍ଞାନିକ ପ୍ରତିକ୍ରିୟା ଯାହା ମଣିଷ ବଞ୍ଚି ରହିବାର ପ୍ରାଥମିକ ପ୍ରବୃତ୍ତି (survival instinct ) ର ଅଂଶ ।

ଏହାକୁ ଛାଡି ବାକି ଯେତେ ଭୟ- ଭୂତ ଭୟ, ଈଶ୍ୱରଙ୍କର କ୍ରୋଧର ଭୟ, ପାପପୁଣ୍ୟର ଭୟ, ଜନ୍ମମୃତ୍ୟୁ ଚକ୍ରର ଭୟ, ଜୀବଜନ୍ତୁଙ୍କ ଭୟ- ଏସବୁ ମଣିଷ ଶିଖେ ତା' ପରିବାର ଏବଂ ସମାଜରୁ ମଣିଷ ଯେଉଁ ସାମାଜିକ ସାଂସ୍କୃତିକ ପରିବେଶରେ ଜନ୍ମ ନେଇଛି, ବଢ଼ିଛି-ତା'ର ମଧ୍ୟ ଏଥିରେ ବଡ଼ ଭୂମିକା ରହିଛି ।

ଗୋଟେ ଶିଶୁ ଜାଣେ ନାହିଁ ଭୂତ ବୋଲି କିଛି ଅଛି ବୋଲି । ଜଣେ ଶିଶୁ ଈଶ୍ୱର ରାଗିଯିବେ ଏମିତି ଭାବିପାରେ ନାହିଁ । ତାକୁ ଏସବୁ ଶିଖା ହୁଏ । ତାକୁ କୁହା ହୁଏ ଯେ ଏମିତି କରନା ପାପ ହବ, ସେମିତି କହନା ଈଶ୍ୱର ରାଗିଯିବେ । ରାତିରେ ଏକା ବାହାରକୁ ବାହାରିବୁ ନାହିଁ । ଭୂତ ଧରିନେଇ ଯିବ । କିଛି ଭୟ ଶିଶୁକୁ ଶୃଙ୍ଖଳିତ କରିବା ପାଇଁ ତା' ଭିତରେ ପୁରେଇ ଦିଆଯାଏ, ଆଉ କିଛି ଭୟ ତାକୁ ନିୟନ୍ତ୍ରଣ କରିବା ପାଇଁ । ଏହିସବୁ ଭୟରୁ କିଛି ଭୟ ସେ ବଡ଼ ହେଲେ ଆପେ ଆପେ ଭାଙ୍ଗିଯାଏ ଆଉ କିଛି ଶିଶୁ ମନରେ ଧୀରେ ଧୀରେ ଗୁଣ୍ଠି ହୋଇଯାଏ ଏବଂ କ୍ରମଶଃ ମହୀରୁହ ପରି ବଞ୍ଚେ ।

**ଗୋଟେ ଶିଶୁ ଜାଣେ ନାହିଁ ଭୂତ ବୋଲି କିଛି ଅଛି ବୋଲି । ଜଣେ ଶିଶୁ ଈଶ୍ୱର ରାଗିଯିବେ ଏମିତି ଭାବିପାରେ ନାହିଁ । ତାକୁ ଏସବୁ ଶିଖା ହୁଏ । ତାକୁ କୁହା ହୁଏ ଯେ ଏମିତି କରନା ପାପ ହବ, ସେମିତି କହନା ଈଶ୍ୱର ରାଗିଯିବେ । ରାତିରେ ଏକା ବାହାରକୁ ବାହାରିବୁ ନାହିଁ । ଭୂତ ଧରିନେଇ ଯିବ । କିଛି ଭୟ ଶିଶୁକୁ ଶୃଙ୍ଖଳିତ କରିବା ପାଇଁ ତା' ଭିତରେ ପୁରେଇ ଦିଆଯାଏ, ଆଉ କିଛି ଭୟ ତାକୁ ନିୟନ୍ତ୍ରଣ କରିବା ପାଇଁ । ଏହିସବୁ ଭୟରୁ କିଛି ଭୟ ସେ ବଡ଼ ହେଲେ ଆପେ ଆପେ ଭାଙ୍ଗିଯାଏ ଆଉ କିଛି ଶିଶୁ ମନରେ ଧୀରେ ଧୀରେ ଗୁଣ୍ଠି ହୋଇଯାଏ ଏବଂ କ୍ରମଶଃ ମହୀରୁହ ପରି ବଞ୍ଚେ ।**

ଉଦାହରଣ ସ୍ୱରୂପ ଭୂତ, ପ୍ରେତ, ରାକ୍ଷସ ଅଶରୀରୀ ଆତ୍ମାର ଭୟ । ଏମାନଙ୍କୁ କେବେ କେହି ଦେଖି ନାହାନ୍ତି, କେହି ଏମାନଙ୍କ ଅବସ୍ଥିତି ପ୍ରମାଣ କରିପାରି ନାହାନ୍ତି । ତଥାପି ସମାଜ ତାକୁ କଳ୍ପନାରେ ଏମିତି ଭାବରେ ସଜେଇଛି ଯେମିତି ଏଗୁଡିକ ହେଲା ବାସ୍ତବ ଏବଂ ଏ ଭୟକୁ ପୁଞ୍ଜି କରି ଏକ ବିଶାଳ ବାଣିଜ୍ୟ ଗଢି ଉଠିଛି ।

ପ୍ରସଙ୍ଗତଃ କହିଦିଏ ବଜାର, ରାଜନୀତି ଏବଂ ଧର୍ମ ସବୁଠୁଁ ଅଧିକ ଭୟ ସୃଷ୍ଟି କରନ୍ତି । ଉଦ୍ଦେଶ୍ୟ ପାଖାପାଖି ସମାନ ଭୟ ନିୟନ୍ତ୍ରଣର ଏକ କାର୍ଯକାରୀ ହତିଆର ଲକ୍ଷ୍ୟ କରନ୍ତୁ- ବଜାର, ରାଜନୀତି ଏବଂ ଧର୍ମ ଏ ତିନୋଟି ଯାକ ଅନୁଷ୍ଠାନ (ଇନ୍ସଟିଚ୍ୟୁସନ) ନିୟନ୍ତ୍ରଣ କରିବାକୁ ଭଲ ପାଆନ୍ତି । ବସ୍ତୁତଃ ସେମାନଙ୍କ ଅଭିବୃଦ୍ଧି ନିୟନ୍ତ୍ରଣ ଉପରେ ନିର୍ଭର କରେ ।

ଧର୍ମ ଏବଂ ରାଜନୀତିରେ ନିୟନ୍ତ୍ରଣର ହତିଆର ଭାବରେ 'ଭୟ'ର ସବୁଠୁଁ ଅଧିକ ବ୍ୟବହାର ହୁଏ । ଧର୍ମ ଯେତେବେଳେ ଏକ ସାମାଜିକ ଇନଷ୍ଟିଚ୍ୟୁସନ ହୋଇ ଉଠେ, ସେତେବେଳେ ନିୟନ୍ତ୍ରଣ ଆବଶ୍ୟକ ପଡ଼େ । ଲକ୍ଷ୍ୟ କଲେ ଜାଣିବେ, ବ୍ୟବହାରିକ ସ୍ତରରେ ଭକ୍ତି ନୁହେଁ, ଭୟ ସବୁଠୁଁ କାର୍ଯ୍ୟକରୀ ନିୟାମକ । ଈଶ୍ୱରଙ୍କର ଅସ୍ତିତ୍ୱ ପ୍ରମାଣ କରିହୁଏ ନାହିଁ କିନ୍ତୁ ଈଶ୍ୱରଙ୍କର ଶାସ୍ତିର ଗଳ୍ପରେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଜନ୍ମେଇ ହୁଏ । ତେବେ ଏହା ଫଳରେ ଈଶ୍ୱର ଆଉ କରୁଣାମୟ, ରକ୍ଷାକର୍ତ୍ତା ହୋଇ ରହନ୍ତି ନାହିଁ । ସେ ହୋଇ ଉଠନ୍ତି ଜଣେ ଅଦୃଶ୍ୟ ପୋଲିସ୍ ଯାହାଙ୍କ ହାତରେ ଗୋଟେ ଲାଠି ଅଛି, ସେ ଚାହିଁଲେ ଜଣକୁ ଦଣ୍ଡ ଦେଇପାରନ୍ତି । ତାଙ୍କ ହାତରେ ଗୋଟେ ଚାବିକାଠି ଅଛି, ଯାହା ଜଣେ ଲୋକକୁ ସ୍ୱର୍ଗ କିମ୍ବା ନରକକୁ ଜଣକୁ ପଠେଇ ପାରେ ।

ରାଜନୀତି କ୍ଷେତ୍ରରେ ବି ଭୟ ତିଆରି କରାଯାଏ ନିୟନ୍ତ୍ରଣ ପାଇଁ । ଏହା ଦୁଇଟି ଉପାୟରେ ସୃଷ୍ଟି ଓ ବ୍ୟବହାର କରାଯାଏ । ଏ ଦୁଇଟିଯାକ ମଣିଷ ଭିତରେ ଥିବା ଆଦିମ ଜୈବିକ (biological) ଏବଂ ମନସ୍ତାତ୍ତ୍ୱିକ (psychological) ପ୍ରବୃତ୍ତିକୁ ବ୍ୟବହାର କରେ ।

ପ୍ରଥମ: ଭୟ ମଣିଷକୁ ଏମିତି କାମ କରିବାକୁ ବାଧ୍ୟ କରିଦିଏ, ଯାହା ସେ ସ୍ୱାଭାବିକ ଅବସ୍ଥାରେ କରନ୍ତା ନାହିଁ ।

ଦ୍ୱିତୀୟ: ଭୟ ମଣିଷକୁ ଯୂଥବଦ୍ଧ କରିଦିଏ ଏବଂ ଅନ୍ୟ ଦଳକୁ ଶତ୍ରୁ ବୋଲି ଭାବିବାକୁ ପ୍ରେରିତ କରେ ।

ଭୟ ମଣିଷର ସ୍ୱାଭାବିକ ଚିନ୍ତା କରିବାର, ଯୁକ୍ତି କରିବାର କ୍ଷମତା କମେଇ ଦିଏ ଆଉ ତାକୁ ଆଦିମ ମଣିଷ ସ୍ତରକୁ ନେଇଯାଏ । ସେତେବେଳେ ନିଜକୁ ଏବଂ ନିଜ ଦଳର ସଦସ୍ୟମାନଙ୍କୁ ଅନ୍ୟ ଦଳର ଆକ୍ରମଣରୁ ବଞ୍ଚେଇବା ଏବଂ ଅନ୍ୟ ଦଳର ସଦସ୍ୟମାନଙ୍କୁ ମାରିବା ହୋଇଉଠେ ତାର ପ୍ରାଥମିକତା । ସଭ୍ୟତା ମଣିଷର ଆରୋପିତ ଭୟକୁ ଜୟ କରିବାର ଦୀର୍ଘ ଯାତ୍ରା । ଭୟକୁ ଦୂର କରି, ପ୍ରଶ୍ନକରି, ଯୁକ୍ତିର ଆଲୋକରେ ପଥ ଖୋଜି ସତ୍ୟ ଆସେ । ସଭ୍ୟତାର ଅଗ୍ରଗତି ହୁଏ ।

ତେଣୁ ଭୟ ନୁହେଁ ପ୍ରଶ୍ନ କରନ୍ତୁ । ଶାସକ, ପ୍ରଶାସନ, ଧର୍ମ, ଈଶ୍ୱର, ପ୍ରଚଳିତ ଧାରଣା, ସମସ୍ତଙ୍କୁ, ସବୁକିଛିକୁ ପ୍ରଶ୍ନ କରନ୍ତୁ । ପ୍ରଶ୍ନରେ ହିଁ ଭୟ ଯିବ । ଯେଉଁମାନେ ପ୍ରଶ୍ନ କରନ୍ତି ନାହିଁ, ଭୟ ସେମାନଙ୍କୁ ଅଧିକ ଗ୍ରାସ କରେ ।

**ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନ (IIMC)**
**ଢେଙ୍କାନାଳ-୭୫୯୦୦୧, ଓଡ଼ିଶା**
**ମୋ-୯୧ ୯୪୩୭୦ ୨୬୧୯୪**
www.mrinalchatterjee.com

# ଅନନ୍ୟ କାର୍ଯ୍ୟକ୍ରମ 'ଅଦ୍ୱିକା'



**ଶୁଭନାରାୟଣ ଶତପଥୀ**

ଆମେ ସମସ୍ତେ ଜାଣୁଯେ କିଶୋରକିଶୋରୀ ଏକ ଅବସ୍ଥା । ଏହି ଅବସ୍ଥାରେ ସ୍ୱର, ଶରୀର, ଯୌନାଙ୍ଗ, ଚର୍ମ, ଭାବନାରେ ପରିବର୍ତ୍ତନ, ଋତୁସ୍ରାବ ଆରମ୍ଭ ହୋଇଥାଏ । ଶରୀରର କେଶ ବୃଦ୍ଧି ପାଇବା, ଗୋପନୀୟତାର ବର୍ଦ୍ଧିତ ଆବଶ୍ୟକତା ଆଦି ପ୍ରକାଶିତ ହୁଏ । ଆମେ ଜାଣୁ ଯେ କିଶୋର କିମ୍ବା କିଶୋର ବୟସର ପ୍ରବେଶ ବୟସ ୧୦ ବର୍ଷରୁ ଆରମ୍ଭ ହୋଇ ୧୯ ବର୍ଷରେ ଶେଷ ହୁଏ । ଏହା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଜୀବନର ଏପରି ଏକ ପାହାଚରେ ମାର୍ଗଦର୍ଶନ, ସମର୍ଥନ, ଶିକ୍ଷା, ମନୋରଞ୍ଜନ ଓ ସମ୍ପର୍କ ଅପରିହାର୍ଯ୍ୟ । ଯଦି କିଶୋରକିଶୋରୀମାନଙ୍କ ପାଇଁ ଏହି ସହଯୋଗୀ ସେବାଗୁଡ଼ିକ ଠିକ୍ ଭାବରେ ସୁନିଶ୍ଚିତ ନହୁଏ, ତେବେ ସେମାନେ ସେମାନଙ୍କର ଆତ୍ମସମ୍ମାନ, ଆତ୍ମମର୍ଯ୍ୟାଦା, ଆତ୍ମନିର୍ଭରଶୀଳତା ଏବଂ ସମାଜ ପ୍ରତି ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ଇତ୍ୟାଦି ହରାଇଥାନ୍ତି । ଏହି ବୟସରେ ଏଗୁଡ଼ିକୁ ବଜାୟ ରଖିବା ପାଇଁ ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା, ଶାରିରୀକ ଓ ବୌଦ୍ଧିକ ସ୍ୱାସ୍ଥ୍ୟ ସମେତ ସାମଗ୍ରିକ ବିକାଶ ବିପଦ ଏବଂ ଦୁର୍ବଳତାକୁ ହ୍ରାସ କରିବା ହେଉଛି ଅନିବାର୍ଯ୍ୟ ।

ଏହି ବୟସ ଗୋଷ୍ଠୀ ପାଇଁ କାର୍ଯ୍ୟ କରୁଥିବା ସରକାରୀ ଏବଂ ଅଣ-ସରକାରୀ ସଂସ୍ଥାଗୁଡ଼ିକ ବିଭିନ୍ନ ଯୋଜନାର ରୂପରେଖ ପ୍ରସ୍ତୁତ କରୁଛନ୍ତି ଏବଂ କାର୍ଯ୍ୟକାରୀ କରି ଆସୁଛନ୍ତି । ଯଦିଓ ଉଭୟ ଲିଙ୍ଗ କିଶୋର ଅବସ୍ଥାରେ ଦୁର୍ବଳ, ଅଧିକାଂଶ କ୍ଷେତ୍ରରେ ଝିଅମାନେ ଅଧିକ ବିପଦରେ ଥାଆନ୍ତି । ଓଡ଼ିଶା ସରକାରଙ୍କ 'ଅଦ୍ୱିକା- ପ୍ରତ୍ୟେକ ଝିଅ ଅନନ୍ୟ' ହେଉଛି ରାଜ୍ୟର ଏକ ମହାନ ପଦକ୍ଷେପ ଯାହା କିଶୋରୀମାନଙ୍କୁ ଶିକ୍ଷା, ନେତୃତ୍ୱ, ଜୀବନ କୌଶଳ ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ ମାଧ୍ୟମରେ ସଶକ୍ତ କରିବା ପାଇଁ ସେମାନଙ୍କୁ ଆତ୍ମନିର୍ଭରଶୀଳ କରି ବାଲ୍ୟବିବାହ ରୋକିବା, ହିଂସା ବନ୍ଦ କରିବା ପାଇଁ ଦୁର୍ବଳତା ହ୍ରାସ କରିବା ପାଇଁ ଲକ୍ଷ୍ୟ ସ୍ଥିର କରିବା ପାଇଁ କାର୍ଯ୍ୟ କରୁଛି । ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତି ଶନିବାର ଦିନ ଏହି ଅଦ୍ୱିକା ଦିବସ ପାଳନ କରାଯାଉଛି, ଯେଉଁଠି ମାସିକ ବିଷୟବସ୍ତୁଗୁଡ଼ିକର ଏକ ସୂଚୀ କିଶୋରୀ କ୍ୟାଲେଣ୍ଡର ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ବିଷୟବସ୍ତୁ ଅନୁଯାୟୀ ଜାନୁଆରୀ ପାଇଁ ପୁଷ୍ଟିସାର ଏବଂ ରକ୍ତହୀନତା, ଫେବୃଆରୀ ପାଇଁ ଜୀବନ କୌଶଳ ଏବଂ ମାନସିକ ସୁସ୍ଥତା, ମାର୍ଚ୍ଚ ପାଇଁ ଆପଣଙ୍କ ଅଧିକାର ଜାଣିବା ଏବଂ ଏ ସମ୍ବନ୍ଧିତ ଆଇନ ଇତ୍ୟାଦି ରହିଛି । ଏହି କାର୍ଯ୍ୟକ୍ରମ ଅଧୀନରେ କିଶୋରୀମାନଙ୍କ ଦକ୍ଷତା ନିର୍ମାଣ ଏବଂ ସେମାନଙ୍କୁ ବୃତ୍ତିଗତ ତାଲିମ ପ୍ରଦାନ କରାଯାଉଛି ଯାହା ଦ୍ୱାରା ସେମାନେ ବିଭିନ୍ନ ଆୟ ସୃଷ୍ଟିକାରୀ ବା ରୋଜଗାରଭିତ୍ତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବେ । କ୍ୟାଲେଣ୍ଡରରେ ଥିବା ବିଷୟବସ୍ତୁଗୁଡ଼ିକ ମାଧ୍ୟମରେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ଅସୁବିଧା ଓ ପ୍ରତିବନ୍ଧକକୁ ଦୂର କରିବା, ସୁସ୍ଥ ଜୀବନଯାପନ ନିମନ୍ତେ ମନୋବଳ ବୃଦ୍ଧି କରିବା ଏବଂ ଜୀବନର ଲକ୍ଷ୍ୟକୁ ବିଚ୍ୟୁତ ନକରି ସେମାନଙ୍କୁ ସଠିକ୍ ପଥରେ ଗତିଶୀଳ କରାଇବାର ଲକ୍ଷ୍ୟ ରଖାଯାଇଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ, ଏହି ବୟସରେ ଯେଉଁ ଶାରୀରିକ, ମାନସିକ ପରିବର୍ତ୍ତନ ହୁଏ, ତାହା ସ୍ୱାଭାବିକ ଏବଂ ସାଧାରଣ । ଏଣୁ କିଶୋର କିଶୋରୀଙ୍କ ଯତ୍ନ ନେଉଥିବା ବ୍ୟକ୍ତି, ପିତାମାତା ଏପରି ପ୍ରାକୃତିକ ଘଟଣା ଉପରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବା ଉଚିତ ନୁହେଁ । ଯଦି ଏହି ବୟସରେ ଏପରି ପରିବର୍ତ୍ତନ ଅନୁଭବ ହେଉନାହିଁ ତେବେ ଏହା ସୂଚାଇଥାଏ ଯେ କିଛି ବିଲକ୍ଷଣ ଅଛି ।

ସମ୍ପ୍ରତି ସମାଜରେ ଅପ୍ରାକୃତିକ ଧାରା ଦେଖିବାକୁ ମିଳୁଛି, ଯେପରିକି ଏକ ବିଶାଳ ସମାବେଶରେ ମହିଳାତ୍ୱରେ ପ୍ରବେଶ କରିବା ସମୟରେ ଝିଅମାନଙ୍କର ଯୌବନ କିମ୍ବା ପ୍ରଥମ ମାସିକ ଋତୁସ୍ରାବ ପର୍ବ ପାଳନ କରିବା । ଏଥିପାଇଁ ଅତିଥିମାନଙ୍କୁ ନିମନ୍ତ୍ରଣ କାର୍ଡ ପ୍ରଦାନ କରି ନିମନ୍ତ୍ରଣ କରିବା, ବିବାହ ପ୍ରସ୍ତାବ ଉପରେ ଆଲୋଚନା କରିବା ଏବଂ ଝିଅର ଭବିଷ୍ୟତ ଉପରେ ନିୟନ୍ତ୍ରଣ ରଖିବା ଇତ୍ୟାଦି । କିଛି ପିତାମାତା, ସମ୍ପର୍କୀୟ ଏକ ସଂକୀର୍ଣ୍ଣ ଦାୟିତ୍ୱ ଲଦି, ଘରର କାମରେ ନିୟୋଜିତ ହେବା ପାଇଁ ପରାମର୍ଶ ଦେଇ, ଛୋଟ ପିଲାମାନଙ୍କର ଯତ୍ନ ନେବା ପାଇଁ ପରାମର୍ଶ ଦେବା ସହିତ ଝିଅର ଜୀବନ ଉପରେ ନିୟନ୍ତ୍ରଣ ରଖିବାକୁ ଚାହାଁନ୍ତି । ଏହା ହେଉଛି ଦୁର୍ବଳତା । ଏପରି ନକରି କିଶୋରକିଶୋରୀଙ୍କ ଅଧିକାରର ସୁରକ୍ଷା ଏବଂ ଉପଯୁକ୍ତ ମାର୍ଗଦର୍ଶନ ସହିତ ବୌଦ୍ଧିକ, ସାମାଜିକ-ସାଂସ୍କୃତିକ, ବୃତ୍ତିଗତ, ଶିକ୍ଷାଗତ କଲ୍ୟାଣ କରି ପାରିଲେ ସେମାନଙ୍କର ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ହୋଇଥାଏ । ଯଦିଓ, କିଶୋରୀମାନଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଉଛି କିନ୍ତୁ କିଶୋରମାନେ ମଧ୍ୟ ଏହି ବୟସ ଅତିକ୍ରାନ୍ତ କରିବା ସମୟରେ ଅନେକ ଶାରୀରିକ ଓ ମାନସିକ ଭାବପ୍ରବଣତା ବାଧବାଧକତାର ସମ୍ମୁଖୀନ ହେଉଛନ୍ତି । ସେମାନେ ଅଧିକ ସମ୍ବେଦନଶୀଳ ହୋଇଥାନ୍ତି । ତେଣୁ କିଶୋର ଆଚରଣ ଏବଂ ଶିକ୍ଷା ଉପରେ ଅଭିଭାବକଙ୍କ ସମର୍ଥନ ଓ ମାର୍ଗଦର୍ଶନ ରହିବା ଜରୁରୀ । ଶାରୀରିକ ପରିବର୍ତ୍ତନକୁ ସାଧାରଣ ବୋଲି ବିବେଚନା କରି କିଶୋରମାନଙ୍କୁ ଉପଯୁକ୍ତ ସୁସ୍ଥ ଏବଂ ପରିଚ୍ଛନ୍ନତା ସହିତ ବିକଶିତ କରିବା ହେଉଛି ମୌଳିକ ଆବଶ୍ୟକତା । **ଅଦ୍ୱିକା ଅଧୀନରେ ୧୦ -୧୪ ବର୍ଷ ବୟସର କିଶୋରୀଙ୍କୁ ସଖୀ ଓ କିଶୋରଙ୍କୁ ସଖା ଏବଂ ୧୫ ରୁ ୧୯ ବର୍ଷ ବୟସର କିଶୋରୀଙ୍କୁ ସହେଲି ଓ କିଶୋରଙ୍କୁ ବନ୍ଧୁ ବୋଲି କୁହାଯାଉଛି । ଏମାନେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ । ନିଜେ ନେତୃତ୍ୱ ନେବା ସହିତ ପରିବର୍ତ୍ତନର ଏଜେଣ୍ଟ ସାଜନ୍ତି ।**

ଅଦ୍ୱିକାର ମୂଳମନ୍ତ୍ର ପ୍ରତ୍ୟେକ ଝିଅ ଅନନ୍ୟର ଉତ୍ତମ ସୁବିଧା ଏକ ସୁସ୍ଥ ନାରୀତ୍ୱ ଗଠନ କରାଯିବ । କିନ୍ତୁ ସମାଜରେ ଦେଖାଯାଉଛି ଯେ, ଶିଶୁମାନଙ୍କ ବିରୁଦ୍ଧରେ ହିଂସା କିଶୋର ବୟସରେ ହୋଇଥାଏ, ଯେପରିକି ବାଲ୍ୟବିବାହ, କିଶୋରୀମାନଙ୍କ ମଧ୍ୟରେ ଶିଶୁ ଚାଲାଣ/ପଳାୟନର ଧାରା, ଶିଶୁ ଶ୍ରମିକ, ଶିଶୁ ଯୌନ ନିର୍ଯାତନା, ଆତ୍ମଘାତକତା, ଆତ୍ମହତ୍ୟା ଇତ୍ୟାଦି । **ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ)ର ରିପୋର୍ଟ ଅନୁସାରେ ୨୪ ପ୍ରତିଶତ କିମ୍ବା ପ୍ରାୟ ୧୯ ନିୟୁତ କିଶୋରୀ ଯେଉଁମାନେ ସହଭାଗୀ ସମ୍ପର୍କରେ ଅଛନ୍ତି ସେମାନେ ୨୦ ବର୍ଷ ବୟସ ସୁଦ୍ଧା ଅନ୍ତରଙ୍ଗ ସାଥୀଙ୍କ ଦ୍ୱାରା ଶାରୀରିକ ଅଥବା ଯୌନ ସମ୍ବନ୍ଧୀୟ ହିଂସାର ସମ୍ମୁଖୀନ ହୋଇଛନ୍ତି । ଗତ ବର୍ଷଗୁଡ଼ିକରେ ପ୍ରାୟ ୬ ଜଣରେ ଜଣେ ଏପରି ହିଂସାର ସମ୍ମୁଖୀନ ହୋଇଛନ୍ତି । ତଥ୍ୟ ଅନୁଯାୟୀ ୧୫ ରୁ ୧୯ ବର୍ଷ ବୟସର କିଶୋରୀମାନେ ହିଂସା ପ୍ରତି ଅଧିକ ଦୁର୍ବଳ ହୋଇଥାନ୍ତି, ଯାହା ୧୦ରୁ ୧୪ ବର୍ଷ ବୟସର କିଶୋରୀଙ୍କ ତୁଳନାରେ ୩ ଗୁଣ ଅଧିକ ହିଂସାତ୍ମକ କାର୍ଯ୍ୟକଳାପର ଶିକାର ହୋଇ ମୃତ୍ୟୁବରଣ କରିଥାନ୍ତି । ଗତ ବର୍ଷ ୭୫.୩ ପ୍ରତିଶତ କିଶୋରୀ ସେମାନଙ୍କ ସାଥୀ ବା ସହଯୋଗୀଙ୍କ ହିଂସାର ରିପୋର୍ଟ କରାଯାଇଛି ।** ୪୦ଟି ବିକାଶଶୀଳ ଦେଶର ଏକ ଅଧ୍ୟୟନରୁ ଜଣାପଡିଛି ଯେ ହାରାହାରି ୪୨ ପ୍ରତିଶତ ପୁଅ ଏବଂ ୩୭ ପ୍ରତିଶତ ଝିଅ ନିର୍ଯାତନାର ଶିକାର ହୋଇଛନ୍ତି । ପୁଣି ପ୍ରତି ଚାରି ଜଣରେ ଜଣେ ଅର୍ଥାତ ୨୪.୮ ପ୍ରତିଶତ ସମସ୍ତ ବୟସର ଆନ୍ତଃବ୍ୟକ୍ତିଗତ ହିଂସା ଦ୍ୱାରା ମୃତ୍ୟୁ କିଶୋର ବୟସରେ ଘଟୁଛି । ୟୁନିସେଫ୍ ରିପୋର୍ଟ କୁହେ ବିଶ୍ୱର ପ୍ରତି ତିନି ଜଣରେ ଜଣେ ବାଳିକାବଧୂ ଭାରତରେ ବାସ କରନ୍ତି । ଏହା ଦେଖାଯାଇଛି ଯେ ଭାରତରେ ୧୫ ରୁ ୧୯ ବର୍ଷ ବୟସର କିଶୋର ବୟସ ଗୋଷ୍ଠୀ ମଧ୍ୟରେ ମୃତ୍ୟୁର ଚତୁର୍ଥ ପ୍ରମୁଖ କାରଣ ।

ଜାତୀୟ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ୨୦୨୧ ରିପୋର୍ଟ ଅନୁସାରେ ୧୮ ବର୍ଷରୁ କମ୍ ବୟସର ମୋଟ ୧୦,୭୩୦ ଜଣ କିଶୋର ଆତ୍ମହତ୍ୟା ଯୋଗୁଁ ମୃତ୍ୟୁବରଣ କରିଛନ୍ତି । ଏହିପରି କିଶୋରାବସ୍ଥା ପ୍ରତି ବିପଦ ହ୍ରାସ କରିବା ପାଇଁ, ଓଡ଼ିଶା ସରକାରଙ୍କ ସମେତ ୟୁନିସେଫ୍, ୟୁଏନଏଫପିଏ ଏବଂ ଆକ୍ସନ ଏଡ୍ ସଂସ୍ଥାର ମିଳିତ ପ୍ରୟାସରେ ଅନେକ କାର୍ଯ୍ୟ ହାତକୁ ନିଆଯାଉଛି । କେବଳ ଅଦ୍ୱିକା ନୁହେଁ ବରଂ ଅନେକ କିଶୋରୀ ସଶକ୍ତିକରଣ କାର୍ଯ୍ୟକ୍ରମ ଅଣ-ସରକାରୀ ସଂଗଠନ ଦ୍ୱାରା ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଛି । ସେମାନେ ଅଦ୍ୱିକା ସହିତ ସମନ୍ୱୟ ରଖି ପ୍ରତ୍ୟେକ ବିପଦକୁ ସମାପ୍ତ କରି କିଶୋରକିଶୋରୀମାନଙ୍କ ସାମଗ୍ରିକ ବିକାଶ ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି । ସ୍ଥାନୀୟ ଆହ୍ୱାନ, ନିଶା ପଦାର୍ଥର ଅପବ୍ୟବହାର, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ମାନସିକ ଅବସାଦ, ଚିନ୍ତା, ଯୌନ, ପ୍ରଜନନ ସ୍ୱାସ୍ଥ୍ୟ, ଶିକ୍ଷାଗତ ସମସ୍ୟା, ସହକର୍ମୀଙ୍କ ଚାପ, ସାଇବର ନିଶା, ହିଂସା ଇତ୍ୟାଦି ମୁକାବିଲା ପାଇଁ ଏହି ଅଂଶୀଦାରୀମାନେ କାର୍ଯ୍ୟ କରୁଛନ୍ତି । ତଥାପି ଅଜାଣତରେ କିଶୋରକିଶୋରୀମାନେ ଅନେକ ବିପଦ ଆଡ଼କୁ ଠେଲି ହୋଇଯାଉଛନ୍ତି । ଏହି ସମସ୍ୟାଗୁଡ଼ିକୁ କେବଳ ସମ୍ପୂର୍ଣ୍ଣ ଜୀବନ କୌଶଳ ଶିକ୍ଷା, ପରାମର୍ଶ, ମାର୍ଗଦର୍ଶନ, ସଚେତନତା ଦ୍ୱାରା ଦୂର କରାଯାଇପାରିବ, ଯେଉଁଥିରେ ତୃଣମୂଳ ସ୍ତରର କର୍ମୀ, ନେତା, ଅଭିଭାବକମାନେ ମୁଖ୍ୟ ଭୂମିକା ଗ୍ରହଣ କରିବା ଉଚିତ । ସେମାନେ ଏହି କାର୍ଯ୍ୟକ୍ରମ ସହିତ ଭଲ ଭାବରେ ପରିଚିତ ହୋଇ ଏହାର ସୁଫଳ ବିଷୟରେ ଜାଣିବା ଉଚିତ । ପ୍ରତିଷେଧକ ପଦ୍ଧତି ଉପରେ କାମ କରିବା ସହିତ ଶିଶୁ ସୁରକ୍ଷା ଅଧିକାରୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କ ତତ୍ତ୍ୱାବଧାନରେ କିଶୋରକିଶୋରୀମାନଙ୍କର ଦୁର୍ବଳତାଗୁଡିକର ଆଗୁଆ ଚିହ୍ନଟ ଓ ରିପୋର୍ଟିଂ ହିଂସାକୁ ପ୍ରତିହତ କରିବାରେ ସହାୟକ ହେବ । ସେମାନଙ୍କ ପ୍ରତି ବିପଦ, ଗ୍ରହଣ କରିବାକୁ ଥିବା ଉପଯୁକ୍ତ ପ୍ରତିକାର ଇତ୍ୟାଦି ଚିହ୍ନଟ କରିବା ପାଇଁ ଗ୍ରାମସ୍ତରରେ ସାମୟିକ ଅଭ୍ୟାସ ବା ମ୍ୟାପିଂ କରିବା, ଗୃହ ପରିଦର୍ଶନ, ଫୋକସ୍ ଗୋଷ୍ଠୀ ଆଲୋଚନା ସମେତ ଗୁଣାତ୍ମକ ମାନକ କାର୍ଯ୍ୟାନ୍ୱୟନ ରଣନୀତି ଯୋଡାଯିବା ଆବଶ୍ୟକ । ତୃଣମୂଳ ସ୍ତରର କର୍ମୀ, ପିତାମାତାଙ୍କ ଦକ୍ଷତା କିଶୋର କିଶୋରୀମାନଙ୍କ ପାଇଁ ନିରାପଦ ଏବଂ ଏହା ସୁରକ୍ଷିତ ପରିବେଶ ଗଠନ କରିପାରିବ । ଏହି ପରିପ୍ରେକ୍ଷୀରେ ଗ୍ରାମର ନେତାମାନେ ଓ ଅନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିପାରିବେ, ମାର୍ଗଦର୍ଶନ କରିପାରିବେ ଏବଂ ତଦାରଖ କରିପାରିବେ ଯାହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରିବ ।

ନିକଟ ଅତୀତରେ ଯେତେବେଳେ ଓଡିଶା ସରକାରଙ୍କ ସମେତ ୟୁନିସେଫ୍ ଏବଂ ଆକ୍ସନ ଏଡ୍ ଦ୍ୱାରା ପୁରୀରେ ସଖୀ ସହେଲି ସମ୍ମିଳନୀ ନାମରେ କିଶୋରୀମାନଙ୍କ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କିଶୋରୀ ପ୍ରତିନିଧିମାନଙ୍କର ଏକ ମହାସମାବେଶ ହୋଇଥିଲା । ଏହା ଆଶ୍ଚର୍ଯ୍ୟଜନକ ଥିଲା ଯେ ସର୍ବାଧିକ ପ୍ରତିନିଧିମାନେ ବାଲ୍ୟବିବାହର ଶିକାର ହୋଇଥିଲେ ଏବଂ ଏହି ଫାଶରୁ ବାହାରି ଆସି ଶିକ୍ଷା କିମ୍ବା ବୃତ୍ତିଗତ ତାଲିମରେ ନାମ ଲେଖାଇଥିଲେ । ସୁନ୍ଦର ପରିବେଶରେ ସେମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟି ଥିଲେ । ସେମାନେ ସମାଜ ଏବଂ ନିଜ ପାଇଁ କାର୍ଯ୍ୟ ଯୋଜନା ପ୍ରକାଶ କରିଥିଲେ ।

ସେମାନେ ପରିବର୍ତ୍ତନର ଏଜେଣ୍ଟ ଭାବରେ ସେମାନଙ୍କ ଅଞ୍ଚଳରେ ବାଲ୍ୟବିବାହ ରୋକିବା ପାଇଁ ଲକ୍ଷ୍ୟ ସ୍ଥିର କରିଥିଲେ । କିଶୋରୀଙ୍କ ସାମାଜିକ ଦାୟିତ୍ୱବୋଧର ସ୍ପନ୍ଦନ ଏବଂ ପାରଦର୍ଶୀ ଦୃଷ୍ଟିକୋଣ ଆତ୍ମପ୍ରେରଣାର ଏକ ଚାବିକାଠି ଥିଲା । ଏକକ ଅଭିନୟ, ନୃତ୍ୟ, ଗୀତ ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମିକ କାର୍ଯ୍ୟକଳାପରେ ସେମାନଙ୍କର ପ୍ରଦର୍ଶନ ପ୍ରଶଂସନୀୟ ଥିଲା । କିଶୋରକିଶୋରୀମାନଙ୍କୁ ଭୟରୁ ଉଦ୍ଧାର କରାଯାଇ ସାମଗ୍ରିକ ବିକାଶ ପଦ୍ଧତିର ସଂଗ୍ରହ ଜୀବନକୁ ଅଧିକ ସୁନ୍ଦର କରାଯାଇଥାଏ । ଏହା କିଶୋର କିଶୋରୀଙ୍କ ଅନନ୍ୟତାକୁ ପ୍ରୋତ୍ସାହିତ କରେ । ଏହା ଏକ ଉଦାହରଣ ଯେ ବୟସ ଅନୁସାରେ ଜୀବନର ପର୍ଯ୍ୟାୟଗୁଡ଼ିକୁ ବଜାୟ ରଖାଯାଇପାରିବ । କିଶୋର ବା ପୁଅମାନଙ୍କୁ ସହଭାଗୀ କରି ସଖା ବନ୍ଧୁ ସମ୍ମିଳନୀ ପାଳନ କରିବା ଜରୁରୀ । ଏହା ବ୍ୟତୀତ, ଅନେକ କିଶୋର କେନ୍ଦ୍ରିତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ଯେପରିକି ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ପୁଷ୍ଟିସାର, ଆଇଏଫଏ ପରିପୂରକ, ଜୀବନ କୌଶଳ ତାଲିମ, ମାଗଣା ବୈଷୟିକ ଶିକ୍ଷା ପାଇଁ ସୁଦକ୍ଷା ଇତ୍ୟାଦି । ଅଦ୍ୱିକା କେବଳ ଭବିଷ୍ୟତର ବିଶ୍ୱ ପାଇଁ ସମସ୍ତ ଯୋଜନାର ଏକତ୍ରୀକରଣ ନୁହେଁ ବରଂ ଅଙ୍ଗନବାଡି କେନ୍ଦ୍ରରେ କିଶୋରମାନଙ୍କ ଅନୁଭୂତିର ମତ ବିନିମୟ ମଧ୍ୟ ବାଲ୍ୟବିବାହକୁ ଦୂର କରିପାରିବାର ମୂଳଦୁଆ ହେବ । ଅନନ୍ୟ ଏବଂ ନବସୃଜନଶୀଳତାର ସୁଯୋଗ ସେମାନଙ୍କର ପ୍ରାପ୍ତବୟସ୍କତାକୁ ସଶକ୍ତ କରିବ । ଏଣୁ ଅଦ୍ୱିକା ପ୍ରତ୍ୟେକ ଅପହଞ୍ଚ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଉଚିତ । କିଶୋରାବସ୍ଥାର ସଶକ୍ତିକରଣ ପାଇଁ ପ୍ରତ୍ୟେକ ରାଜ୍ୟରେ ସମାନ ପ୍ରକାରର ପଦ୍ଧତି ଗ୍ରହଣ କରାଯିବା ଉଚିତ ଯାହାଦ୍ୱାରା ଏହା ପ୍ରାପ୍ତବୟସ୍କତାକୁ ସୁଦୃଢ଼ କରିବ । ତେଣୁ, ନିଃସନ୍ଦେହରେ କୁହାଯାଇପାରେ ଯେ ଅଦ୍ୱିକା ହେଉଛି କିଶୋରକିଶୋରୀମାନଙ୍କ ଶକ୍ତି, ଯାହା ସେମାନଙ୍କୁ ଏକ ସୁସ୍ଥ ଅଭିଜ୍ଞତାସମ୍ପନ୍ନ ପ୍ରାପ୍ତବୟସ୍କ କରି ଗଢି ତୋଳିବାରେ ସାହାଯ୍ୟ କରିପାରିବ । ଏଣୁ ଅଦ୍ୱିକା ଏକ ଅନନ୍ୟ କାର୍ଯ୍ୟକ୍ରମ ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ-୯୪୩୮୪୩୨୦୨୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦେଶପ୍ରେମ...

ବଳରେ ଆମେ ଆଜି ଭାରତ କୁ 'ଏକ' ଦେଖୁଛୁ ବୋଲି ସେ କହିଥିଲେ ।

ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ଯେ ଆମେ ସମସ୍ତେ ମିଳିମିଶି, ସଂଘବଦ୍ଧ ଭାବେ କାମ କଲେ ଖୁବ ଶୀଘ୍ର ଆମେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବା। ଏହି ଦୌଡ଼ ହେଉଛି ସେହି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ "ରନ୍ ଫର ୟୁନିଟି" କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ, ଏବଂ ୨୦୧୮ ମସିହାରେ ଗୁଜରାଟର କେଭାଡିଆ ଠାରେ ସର୍ଦ୍ଦାର ପଟେଲଙ୍କ ୧୮୨ ମିଟର ଉଚ୍ଚ "ଷ୍ଟାଚ୍ୟୁ ଅଫ୍ ୟୁନିଟ୍" ଅନାବରଣ ହୋଇଥିଲା ଯାହା ବିଶ୍ୱର ସର୍ବବୃହତ୍ ପ୍ରତିମା ଭାବେ ଭାରତୀୟ ଗୌରବର ପ୍ରତୀକ ହୋଇଉଠିଛି ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଯେ ଏହି ଦୌଡ଼ ଆମକୁ ମନେପକାଇ ଦେଉଛି ଯେ ଏକଜୁଟ ରହିବା ହେଉଛି ଆମର ସାମୂହିକ ଇଚ୍ଛା ଓ ଆମର ଶକ୍ତି। ସର୍ଦ୍ଦାର ପଟେଲଙ୍କ ଜୀବନରୁ ପ୍ରେରିତ ହୋଇ ଆମେ ଭାଇଚାରା, ଶାନ୍ତି ଓ ସମୃଦ୍ଧିର ବନ୍ଧନକୁ ସୁଦୃଢ଼ କରିବା ଓ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଢିବା ପାଇଁ ଏକଜୁଟ ହେବା ଆବଶ୍ୟକ।

ଏହି ଅବସରରେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଏହି ଦୌଡ଼ ମାଧ୍ୟମରେ ଆମେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନାକୁ ଜାଗ୍ରତ କରିବା ଓ ଏକ ସଶକ୍ତ ଭାରତ ଗଢିବାରେ ନିରନ୍ତର ଅଗ୍ରସର ହେବା ଆମ ସମସ୍ତଙ୍କ ଦାୟିତ୍ୱ। ପରିଶେଷରେ ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଦବ ଧନ୍ୟବାଦ ଦେଇଥିଲେ।

ସୂଚନା ଯୋଗ୍ୟଯେ ଏହି ଗଣଦୌଡ଼, କଳିଙ୍ଗ ଷ୍ଟାଡିଅମରୁ ଆରମ୍ଭ ହୋଇ ପାୱାର ହାଉସ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ରନ ଫର ୟୁନିଟି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ, ଖେଳାଳି ଓ ସାହସ୍ରାଧିକ ନାଗରିକ ଅଂଶଗ୍ରହଣ କରିଥିଲେ।

## ଶ୍ରୀରାଧା ପାଦ...

ଯାଇ ମାଙ୍କର ପାଦ ଦର୍ଶନ କରିଥିଲେ । ସାକ୍ଷୀଗୋପାଳ ଠାକୁର ଉତ୍ତର ଭାରତ ଅଞ୍ଚଳରୁ ଆସିଥିବାରୁ ଠାକୁରାଣୀ ଶ୍ରୀ ଶ୍ରୀ ରାଧାରାଣୀ ଉତ୍ତର ଭାରତୀୟ ବେଶଭୂଷା ପରିଧାନ କରିଥାନ୍ତି । ଫଳରେ ବର୍ଷ ସାରା ଠାକୁରାଣୀଙ୍କ ପାଦପଦ୍ମ ପିନ୍ଧା ବସନରେ ଆବୃତ୍ତ ହୋଇ ରହିଥାଏ । ପବିତ୍ର ଅଁଳା ନବମୀ ତିଥିରେ ଗୋଟିଏ ଦିନ ନିମନ୍ତେ ଠାକୁରାଣୀ ଶ୍ରୀ ଶ୍ରୀ ରାଧାରାଣୀ ଓଡ଼ିଆଣୀ ବେଶ ହୋଇ କାଣୀଆ କଛା ମାରିଥାନ୍ତି । ଯାହା ଫଳରେ ଠାକୁରାଣୀଙ୍କ ପିନ୍ଧା ବସନ ପାଦପଦ୍ମ ଉପରକୁ ଉଠି ରହିଥାଏ। ଭକ୍ତମାନଙ୍କୁ ଠାକୁରାଣୀଙ୍କ ପାଦପଦ୍ମ ଦେଖିବାର ସୁଯୋଗ ମିଳିଥାଏ । ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଠାକୁରାଣୀଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା । ବେଶରେ ଠାକୁରାଣୀ ନୂତନ ପାଟବସ୍ତ୍ର ପରିଧାନ କରି କାଣୀଆ କଛା ମାରିଥିଲେ । କାନିରେ ଅରୁଆ ଚାଉଳ, ଦୁବ ଓ ଗୁଆ ବନ୍ଧା ଯାଇଥିଲା ।ଠାକୁରାଣୀ . ପାଦରେ ଅଳତା ଓ ଆଖିରେ କଜ୍ଜ୍ୱଳ ଲଗାଇଥିଲେ । .

ଠାକୁରାଣୀଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳ ମାଳ, ଓ ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆ ମାଳ, ସୁବର୍ଣ୍ଣ ଚକି ମାଳ, ସୁବର୍ଣ୍ଣ କମରପଟି ସୁବର୍ଣ୍ଣ ଚାରି ସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ଡେଉଁରୀଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ, ହାତରେ ସୁବର୍ଣ୍ଣ ବାଘନଖି ମାଳ, ପାଦରେ ସୁବର୍ଣ୍ଣ ନୂପୁର, ଘୁଙ୍ଗୁର, ବାଙ୍କୀ, ପାପଦ୍ମ, ଓ ଚୁଟୁଲି ଶୋଭା ପାଉଥିଲା ।. ସେହିପରି ଠାକୁର ଶ୍ରୀ ଶ୍ରୀ ଗୋପାଳ ଜୀଉଙ୍କର ମନୋରମ ନଟବର ବେଶ ହୋଇଥିଲେ ।ଭକ୍ତ ମାନଙ୍କ ଦର୍ଶନ ନିମନ୍ତେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୧୧ ଥାକିଆ ଷ୍ଟିଲ ନିର୍ମିତ ଛାୟାପ୍ରଦ ବ୍ୟାରିକେଡ଼ ନିର୍ମାଣ ହୋଇଥିଲା । ଭକ୍ତ ମାନେ ଧାଡିରେ ଆସି ବ୍ୟାରିକେଡ଼ ମଧ୍ୟରେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ ସିଂହ ଦ୍ୱାର ସମ୍ମୁଖରେ ମେଟାଲ ଡିଟେକଟର ଦ୍ୱାରା ଯାଞ୍ଚ ପରେ ଭକ୍ତ ମାନେ ମନ୍ଦିର ପ୍ରବେଶ କରିଥିଲେ । ଚଳିତ ବର୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ପ୍ରତ୍ୟେକ ବର୍ଷ ସିଂହଦ୍ୱାର ଠାରୁ ସାକ୍ଷୀଗୋପାଳ ବଜାର ରେଳ ଫାଟକ ପର୍ଯ୍ୟନ୍ତ ପ୍ରାୟ ୨କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଧାଡି ହୋଇଥାଏ । ଚଳିତ ବର୍ଷ ସିଂହଦ୍ୱାର ଠାରୁ ସାକ୍ଷୀଗୋପାଳ ବଜାର ରେଳ ଫାଟକ ପାର୍ଶ ଦେଇ ସାକ୍ଷୀଗୋପାଳ ରେଳ ଷ୍ଟେସନ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ବ୍ୟାପି ଏହି ଧାଡିରେ ଆସି ଠାକୁରଙ୍କୁ ଦର୍ଶନ କରିବା ନିମନ୍ତେ ପ୍ରାୟ ୪ ଘଣ୍ଟା ସମୟ ଲାଗିଥିଲ ।। ଭକ୍ତ ମାନଙ୍କ ସୁବିଧା ନିମନ୍ତେ ଅସ୍ଥାୟୀ ଆଶ୍ରୟ ସ୍ଥଳ ଓ ଅସ୍ଥାୟୀ ପରିସ୍ରାଗାର ବ୍ୟବସ୍ଥା ହୋଇଥିଲା । ସାକ୍ଷୀଗୋପାଳ ମନ୍ଦିର, ମନ୍ଦିର ଚାରିପଟ ଓ ବଜାର ରାସ୍ତାରେ ଆଲୋକ ବ୍ୟବସ୍ଥା ହୋଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଏନ୍‌ଡିଏ...

ସଭାପତି ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, କେନ୍ଦ୍ରମନ୍ତ୍ରୀ ଜିତେନ ରାମମାଝୀ, ଚିରାଗ ପାଶୱାନ, ଆରଏଲଏମ ମୁଖ୍ୟ ଉପେନ୍ଦ୍ର ଖୁସୱା ଉପସ୍ଥିତ ଥିଲେ। ଇସ୍ତାହାର ଅନୁଯାୟୀ ମହିଳାମାନଙ୍କୁ ସଶକ୍ତିକରଣ କରିବା ପାଇଁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯିବ। ପଛୁଆ ବର୍ଗକୁ ଆର୍ଥିକ ଓ ସାମାଜିକ ଭାବେ ସଶକ୍ତି କରିବା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଆର୍ଥିକ ଦିଆଯିବ। କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ବାର୍ଷିକ ୯ ହଜାର ଟଙ୍କା ମିଳିବ। ରାସ୍ତା ଓ ରେଳ ଭିତ୍ତିଭୂମିର ବିକାଶ କରାଯିବା ସହ ୪ ସହରରେ ମେଟ୍ରୋ ସେବା ଆରମ୍ଭ ହେବ। ପାଟନାକୁ ଗ୍ରୀନଫିଲ୍ଡ ସହର କରାଯିବ। ଦରଭଙ୍ଗା ଓ ପୂର୍ଣ୍ଣିଆ ପାଟନାରେ ଆନ୍ତର୍ଜାତୀୟ ବିମାନବନ୍ଦର କରାଯିବ। ଶିଳ୍ପ ବିକାଶ ପାଇଁ ୧୦ ଶିଳ୍ପ ପାର୍କ ପ୍ରସ୍ତୁତ ହେବ। ମାଗଣା ରାସନ, ପିଏମ ଆବଶ ଯୋଜନାରେ ୫୦ ଲକ୍ଷ ଘର, ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ, ୫ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯିବ। ମଧ୍ୟାହ୍ନ ଭୋଜନ ସହ ସ୍କୁଲରେ ଜଳଖିଆ ମିଳିବ। ଏଆଇ ହବ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ, ବିହାରରେ କ୍ରୀଡା ସହର ଏସି ଛାତ୍ରଙ୍କୁ ମାସିକ ୨ ହଜାର ସହାୟତା, ଅଟୋ, ଟ୍ୟାକ୍ସି ଓ ଇ-ରିକ୍ସା ଡ୍ରାଇଭରଙ୍କୁ ୪ ଲକ୍ଷ ଯାଏ ଜୀବନ ବୀମା ଆଦି କରାଯିବ। ପର୍ଯ୍ୟଟନର ବିକାଶ କରାଯିବ। ଏହାଛଡା ବିହାରକୁ ବନ୍ୟା ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଇସ୍ତାହାରରେ ଘୋଷଣା କରାଯାଇଛି।

## ଆଜିଠୁ...

ପଞ୍ଜୀକରଣ ପାଇଁ ସୁଭଦ୍ରା ପୋର୍ଟାଲ ଖୋଲିବ ବୋଲି କହିଛନ୍ତି। ନଭେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ଆବେଦନ କରିହେବ। କେବଳ ନୂଆପଡ଼ା ଜିଲ୍ଲା ବ୍ୟତୀତ ଅନ୍ୟ ସବୁ ଜିଲ୍ଲାରେ ଏହା ଖୋଲାଯିବ। ଯେଉଁ ମହିଳାମାନଙ୍କ ବୟସ ୨୦୨୫ ଏପ୍ରିଲ୍ ୧ ସୁଦ୍ଧା ୨୧ ବର୍ଷ କିମ୍ବା ଅଧିକ ହୋଇଥିବ ଓ ଏହି ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବେ, ସେମାନେ ଆବେଦନ କରିପାରିବେ। ଗତ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ଥାଇ ଆବେଦନ କରିପାରି ନଥିଲେ ସେମାନେ ପୁଣି ଥରେ ଚଳିତବର୍ଷ ଆବେଦନ ପାଇଁ ସୁଯୋଗ ଦିଆଯାଇଛି। ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନା ଦେୟରେ ଆବେଦନ ପତ୍ର ମିଳିବ। ଏତଦ୍ ବ୍ୟତୀତ ନିକଟସ୍ଥ ଆମ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ମଧ୍ୟ ଦେୟମୁକ୍ତ ପଞ୍ଜୀକରଣ କରାଯାଇ ପାରିବ। ଏଥିପାଇଁ ନିଜର ଆଧାର ନମ୍ବର ଓ ଆଧାର ସହ ଲିଙ୍କ୍ ଥିବା ମୋବାଇଲ ନମ୍ବର ପ୍ରଦାନ କରି ଜଣେ ହିତାଧିକାରୀ ଆବେଦନ କରିପାରିବେ। ନିୟମାବଳି ଅନୁଯାୟୀ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ୨୦୨୫-୨୬ ବର୍ଷ ପାଇଁ ଦୁଇଟି କିସ୍ତି ପ୍ରଦାନ କରାଯିବ।

ତେବେ ଯେଉଁ ଛାତ୍ରୀମାନେ ବାର୍ଷିକ ୧୮ ହଜାର ଟଙ୍କା ଅଧିକ ଛାତ୍ର ବୃତ୍ତି ପାଉଛନ୍ତି ସେମାନେ ଏହି ଯୋଜନା ପାଇଁ ଅଯୋଗ୍ୟ ରହିବେ। ଏହାଛଡା ଯଦି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଠାରୁ ୧୮ ହଜାର ଟଙ୍କା ଓ ଏହାଠାରୁ ଅଧିକ ଟଙ୍କା ଆର୍ଥିକ ସହାୟତା ଆକାରରେ ପାଉଛନ୍ତି। ସେମାନେ ମଧ୍ୟ ବାଦ ପଡିବେ। ଉଚ୍ଚଶିକ୍ଷା ବିଭାଗ ଓ ଅନୁସୂଚିତ ଜାତି ଜନଜାତି ଓ ସଂଖ୍ୟାଲଘୁ ବିଭାଗକୁ ମହିଳା ଓ ଶିଶୁ ବିକାଶ ପକ୍ଷରୁ ଚିଠି ଲେଖାଯାଇଛି। ସୁଭଦ୍ରା ନିୟମାବଳୀ ଅନୁସାରେ ଏହି ଯୋଜନାରେ ହିତାଧିକାରୀଙ୍କ ବୟସ ୨୧ ବର୍ଷ ଏବଂ ୬୦ ବର୍ଷରୁ କମ ହେବା ଆବଶ୍ୟକ। ଅନ୍ୟ କୌଣସି ସରକାରୀ ଯୋଜନାରେ ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ ପାଉଥିବା ମହିଳା ଅଯୋଗ୍ୟ ଘୋଷିତ ହେବେ। ସେହିଭଳି ଛାତ୍ରୀମାନଙ୍କ ବୃତ୍ତିପ୍ରଦାନ କରାଯାଇଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବେୟ ହେଉଛି ଏହାକୁ ଅତିରିକ୍ତ ସହାୟତା ଭାବେ ହିସାବକୁ ନିଆଯାଇପାରୁନାହିଁ। ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩- ୨୦୨୪ ଓ ୨୦୨୪-୨୦୨୫ ଆର୍ଥିକ ବର୍ଷ ଅଧିକ ବୃତ୍ତି ନେଇଛନ୍ତି ତାହା ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି।

# ଡ୍ରେନ ନିର୍ମାଣରେ ଦୁର୍ନୀତି ଅଭିଯୋଗ, କାର୍ଯ୍ୟ ନହୋଇ ସରିଛି ବିଲ୍

ଗଣିଆ,(ସବ୍ୟ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଗଣିଆ ଗ୍ରାମପଞ୍ଚାୟତ ତେଲିସାହିରେ ଡ୍ରେନ ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏପରିକି କାର୍ଯ୍ୟ ନହୋଇ ଡ୍ରେନ ନିର୍ମାଣର ବିଲ ପୈଠ କରାଯାଇଥିବା ଗଣିଆ ପଞ୍ଚାୟତ ସମିତିସଭ୍ୟ ଫକୀର ମୋହନ ଡାକୁଆ ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ନୀତି ହୋଇଥିବା ଡ୍ରେନ କାର୍ଯ୍ୟର ସାତଦିନ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେବୋଲି ସମିତି ସଭ୍ୟ ଶ୍ରୀଯୁକ୍ତ ଡାକୁଆ ଦର୍ଶାଇଛନ୍ତି । ମିଳିଥିବା ସୂଚନା ଅନୁଯାଇ ଗଣିଆ ପଞ୍ଚାୟତ ଗଣିଆ ଗ୍ରାମ ତେଲିସାହିର ୫ ଓ୍ୱାର୍ଡ ପଛ ପାଖରେ ଡ୍ରେନ ନିର୍ମାଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କର ପଞ୍ଚଦସତମ ଈଏଇ ପାଣ୍ଠିରୁ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ହେଲେ କାର୍ଯ୍ୟନହୋଇ ମଞ୍ଜୁର ଅର୍ଥକୁ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଗଣିଆ ସରପଞ୍ଚ ଗିରିଧାରୀ ସେଠୀଙ୍କୁ ପଚାରିବାରୁ ଗଣିଆ ତେଲିସାହିର ୪ ଓ ୫ ନମ୍ବର ୱାର୍ଡର ପଛ ପାଖରେ ଡ୍ରେନ ନିର୍ମାଣପାଇଁ ସିଏଫସି ପାଣ୍ଠିରୁ ୮୦ ହଜାର ଲେଖାଏଁ ଅର୍ଥ ମଞ୍ଜୁର କରାଯାଇଥିଲା । ୪ ନମ୍ବର ୱାର୍ଡରେ ନିର୍ମାଣ କାର୍ଯ୍ୟ ସାରିଥିବାବେଳେ ୫ ନମ୍ବର ୱାର୍ଡରେ କାର୍ଯ୍ୟ ହୋଇନାହିଁ ।ମାତ୍ର ୪ ନମ୍ବର ୱାର୍ଡ ନିର୍ମାଣ କାର୍ଯ୍ୟର ବିଲ ପରିବର୍ତ୍ତେ ଭୁଲ ବଶତଃ ୫ ନମ୍ବର ୱାର୍ଡର ଫାଇଲରେ ବିଲ ହୋଇଯାଇଛି ।ଏହା ଜାଣିବାପରେ ମୁଁ ବିଲ ପୈଠ କରିନାହିଁ ବୋଲି ସେ କହିଛନ୍ତି । ସେହିପରି ଏ ସମ୍ପର୍କରେ ଗଣିଆ ବିଡ଼ିଓ ପ୍ରତିବାଳା ରାଣାଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ ପାଇଁ ଦାଇତ୍ୱ ଦେଇଛି ତଦନ୍ତପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ତେବେ ନିର୍ମାଣ କାର୍ଯ୍ୟକୁ ତଦାରଖ ନକରିବା ଓ ବିଲ ଫାଇଲିକୁ ସଠିକ ଭାବେ ଯାଞ୍ଚ ନକରି ବିଭାଗୀୟ ଅଧିକାରୀମାନେ ଆଖିବୁଜି ବିଲ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟ କରିଛି ।

## ମୋନ୍ଥା ପ୍ରଭାବରେ ବଜ୍ରପାତ, ମୋ ସେବା କେନ୍ଦ୍ରରେ ବ୍ୟାପକ କ୍ଷୟକ୍ଷତି

ଖଣ୍ଡପଡ଼ା,(ସବ୍ୟ) : ଖଣ୍ଡପଡ଼ା ବ୍ଲକ ଅଧିନ ଜଗନ୍ନାଥପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ମୋ ସେବା କେନ୍ଦ୍ରର ସମସ୍ତ ମୂଲ୍ୟବାନ ସାମଗ୍ରୀ ବଜ୍ରପାତ ପ୍ରଭାବରେ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ବାତ୍ୟା ମନ୍ଥାର ପ୍ରଭାବରେ ମଙ୍ଗଳବାର ରାତିରେ ବଜ୍ରପାତ ସାଙ୍ଗକୁ ମୂଷଳଧାରାରେ ବର୍ଷା ହୋଇଥିଲା । ବଜ୍ରପାତର ପ୍ରଭାବରେ ମୋ ସେବା କେନ୍ଦ୍ର ପରିସରରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର, ଲାପଟପ ସମେତ ଆନୁସଙ୍ଗିକ ମୂଲ୍ୟବାନ ସାମଗ୍ରୀ ଗୁଡ଼ିକ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ଖବରପାଇ ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ବୁଧବାର ଭୋର ସମୟରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ବଜ୍ରପାତରେ ଲକ୍ଷାଧିକ ଟଙ୍କା କ୍ଷୟକ୍ଷତି ହୋଇଥିବା ଜଣାପଡିଛି ।କ୍ଷତିଗ୍ରସ୍ତ ମୋ ସେବା କେନ୍ଦ୍ର ପରିଚାଳକଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି । ଅପରପକ୍ଷେ ମୋ ସେବା କେନ୍ଦ୍ର ପୋଡି ନଷ୍ଟ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଡିଜିଟାଲ ସେବାରୁ ବଞ୍ଚିତ ହୋଇଛନ୍ତି ।

## ଜଳେଶ୍ୱର ସର୍ଦ୍ଦାରବନ୍ଧରେ ଅଭାବନୀୟ ଘଟଣା

ବାଲେଶ୍ୱର, (ସବ୍ୟ):ପଶ୍ଚିମବଙ୍ଗର ସୀମାନ୍ତବର୍ତ୍ତୀ ଅଞ୍ଚଳ ଜଳେଶ୍ୱର ସର୍ଦ୍ଦାରବନ୍ଧ ଅଞ୍ଚଳରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ପଶ୍ଚିମବଙ୍ଗର କାଠ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ଆଜି ପଶ୍ଚିମବଙ୍ଗର ସଂଗଠିତ ମାଫିଆ ମାନେ ସର୍ଦ୍ଦାରବନ୍ଧ ଜଙ୍ଗଲରୁ ୨୦୦ ରୁ ଉର୍ଦ୍ଧ୍ୱ ବଡ଼ ବଡ଼ ଆକାଶୀ ଗଛ କାଟି ପଶ୍ଚିମବଙ୍ଗ ନେଉଥିବା ସମୟରେ ସ୍ଥାନୀୟ ଲୋକ ବିରୋଧ କରିଥିବାରୁ ତାଙ୍କ ଯୋଜନା ଭଣ୍ଡୁର ହୋଇଥିଲା । ହେଲେ ସେମାନେ ପୁନରାୟ ରାତିରେ ଆସି କଟା ଗଛଗୁଡ଼ିକୁ ନେବାର ଆଶଙ୍କା ଥିବାରୁ ସ୍ଥାନୀୟ ଲୋକଙ୍କ ପାଖରୁ ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତୁରନ୍ତ ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରି ବିହିତ ପଦକ୍ଷେପ ନେଇଛନ୍ତି ।

## ବଦଳିଲା ଶ୍ରୀରାଧାଙ୍କ ପୁରୁଣା ଚାନ୍ଦିପ୍ରଭା

ସାକ୍ଷୀଗୋପାଳ ,(ସବ୍ୟ) :ଚଳିତ ବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀରାଧାଙ୍କ ବିଗ୍ରହ ସହ ରହିଥିବା ପୁରୁଣା ଚାନ୍ଦିରୁପା ପ୍ରଭା ପରିବର୍ତ୍ତନ କରାଯାଇ ନୂତନ ପ୍ରଭା ଲାଗି କରାଯାଇଛି । ନବ ନିର୍ମିତ ପ୍ରଭାରେ ଓଡ଼ିଆ ସ୍ୱର୍ଣ୍ଣ ରୈପ୍ୟା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ଫୁଟିତ ପଦ୍ମଫୁଲ, ମୟୂର, ସେବତିଫୁଲ, ଲତା ଓ କଳସ ପ୍ରଭାରେ ଶୋଭାପାଉଛି । ପୂର୍ବରୁ ରନିସିଂହାସନ ରେ ଶ୍ରୀରାଧା ରାଣୀ ଙ୍କ ବିଗ୍ରହ ପଛକୁ ଲାଗିରହିଥିବା ପୁରୁଣା ପ୍ରଭା ଅପସାରଣ କରାଯାଇ ନୂଆ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରଭା ରଖାଯାଇଛି । ଅଁଳା ନବମୀ ତିଥିରେ ଓଡ଼ିଆଣୀ ବେଶରେ ନୂଆ ପ୍ରଭା ଅଧିକ ଆକର୍ଷଣ ସାଜିବ ବୋଲି ସ୍ଥାନୀୟ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି ୯ ଠାକୁରଙ୍କୁ ମିଳିଥିବା ଦାନ ରୁପାକୁ ମିଶାଇ ପ୍ରାୟ ୫ କିଲୋଗ୍ରାମ ଓଜନର ପ୍ରଭା ତିଆରି କରିବାକୁ ମନ୍ଦିର ପ୍ରଶାସନ ଆନୁମାନିକ ୭୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ଜଣାପଡିଛି ।

# ପ୍ଲାଷ୍ଟିକ ପାଇପ ଚୋର କୋର୍ଟଚାଲାଣ

ବେତନଟୀ (ସବ୍ୟ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ମେଗା ଜଳ ପ୍ରକଳ୍ପ ପାଇଁ ଗଚ୍ଛିତ ପ୍ଲାଷ୍ଟିକ ପାଇପ ଚୋରି କରିବା ମାମଲାରେ ଗୁରୁବାର ଅଭିଯୁକ୍ତ ଗିରଫ ହେବା ସହ ତାଙ୍କ ଘରୁ ୧୮ ପିସ ପାଇପ ଜବତ କରିଛି ପୁଲିସ । ଅଭିଯୁକ୍ତ ଜଣକ ହେଲେ ଜଡିଦା ଗ୍ରାମର ମନୋରଞ୍ଜନ ବେହେରାର ପୁଅ ନିଲୁ ଊରଫ ସୁବାସ ଚନ୍ଦ୍ର ବେହେରା ।ମେର୍ଦ୍ଦାନୂଆଗାଁ ଗ୍ରାମର ଜନୈକ ଠିକାଦାର ମେଗା ପାନୀୟ ଜଳ ପ୍ରକଳ୍ପରେ କାମ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉକ୍ତ କାମରେ ବ୍ୟବହୃତ ପ୍ଲାଷ୍ଟିକ ପାଇପ ସବୁ ଗଚ୍ଛିତ ରଖିଛନ୍ତି । ତେବେ କିଛିଦିନ ଧରି ଜଡିଦା ଅଞ୍ଚଳରେ ଗଚ୍ଛିତ ଥିବା ପାଇପ ଗୁଡିକ ମଧ୍ୟରୁ ବାରମ୍ବାର ପାଇପ ଚୋରି ହେଉଥିବାର ସେ ଜାଣିବାକୁ ପାଇଥିଲେ । ଏନେଇ ରାଜକିଶୋର ଥାନାରେ ଲିଖିତ ଅଭିଯୋଗ ଦେବାପରେ ଏଏସଆଇ ଲମ୍ବୋଦର ବାରିକ ୫୫୩/୨୫ନଂ ରେ ଏକ ମାମଲା ରୁଜୁ କରି ତଦନ୍ତ ପୂର୍ବକ ନିଲୁ ଘର ଛାତ ଉପର ସମେତ ସେ ବିଲରେ ପୋତି ଲୁଚେଇ ରଖିଥିବା ୧୮ ଗୋଟି ପାଇପ ଜବତ କରିଥିଲେ ।

## ଖୁଣ୍ଟା ପୋଷିରେ ମା' ଜଗଦ୍ଧାତ୍ରୀଙ୍କ ପୂଜା

ଠାକୁରମୁଣ୍ଡା,(ସବ୍ୟ): ଠାକୁରମୁଣ୍ଡା ବ୍ଲକ ଦିଗିଧର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟପୋଷି ଗ୍ରାମର ସାହୁ ପରିବାରରେ ପାଳିତ ହୋଇ ଆସୁଥିବା ମା ଜଗଦ୍ଧାତ୍ରୀଙ୍କ ପୂଜା ୩୦ ବର୍ଷରେ ପଦାର୍ପଣ କରିଛି ।ଏହି ଗ୍ରାମରେ ମାଙ୍କ ପୂଜା ପ୍ରଥମେ ସୁରଥ ସାହୁ ଆରମ୍ଭ କରିଥିଲେ ଏବଂ ବଡ ପୁଅ ସତିନ ସାହୁ ଏହି ପୂଜା ପ୍ରତିବର୍ଷ କରି ଆସୁଛନ୍ତି । ଏହି ବର୍ଷ ମାଙ୍କ ପୂଜାରେ ପୁଅ ବିଶ୍ୱଜିତ ସାହୁ ଓ ବୋହୁ ମଧୁସ୍ମିତା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି । ପୂଜକ ନିରାକର ତ୍ରିପାଠୀ, ବିଶ୍ୱଜିତ ପଣ୍ଡା ଓ ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ପୂଜା ବିଧି କାର୍ଯ୍ୟ ତୁଲାଇ ଥିଲେ ।ମା ଜଗଦ୍ଧାତ୍ରୀଙ୍କ ଏହି ପୂଜା କାର୍ଯ୍ୟକ୍ରମରେ ଖୁଣ୍ଟାପୋଷି ଗ୍ରାମ ପଞ୍ଚାୟତ ବାସୀ ସହଯୋଗ କରିଥିଲେ । ମା 'ଙ୍କ ପୂଜାରେ ପ୍ରତିଦିନ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା ।

## ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ, ୨ଗିରଫ

ବାଲୁଗାଁ ,(ସବ୍ୟ) :ଗୁରୁବାର ବିଳମ୍ବିତ ରାତ୍ରିରେ ବାଲୁଗାଁ ଚିଲିକା ରୋଡ଼ ସ୍ଥିତ ଏକ ସୁନା ଅଳଙ୍କାର ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମ ବେଳେ ପୋଲିସ ହାତରେ ୨ ଲୁଟେରା ଧରାପଡିଛନ୍ତି । ସେମାନେ ହେଲେ ସ୍ଥାନୀୟ ବିଦ୍ୟାଧରପୁର ସାହିରେ ରହୁଥିବା କାଳିଆ ଦାସ ଏବଂ ବଙ୍ଗୀୟ ତାଳପଟି ସାହିର ରାହୁଲ ବିଶ୍ୱାସ । ଗୁରୁବାର ବିଳମ୍ବିତ ରାତ୍ରି ପ୍ରାୟ ୨ ଟା ହେବ ଉପୋରକ୍ତ ଦୁଇ ଦୁର୍ବୃତ୍ତ ଉକ୍ତ ଅଳଙ୍କାର ଦୋକାନ ଗ୍ରିଲ ତାଲା ଭାଙ୍ଗି ଲୁଟ ଉଦ୍ୟମ କରୁଥିଲେ । ପୋଲିସ ସେମାନଙ୍କୁ ପିଛା କରି କାବୁ କରିବାରେ ସଫଳ ହୋଇଥିଲେ । ଦୋକାନ ମାଲିକଙ୍କ ଅଭିଯୋଗ କ୍ରମେ ବାଲୁଗାଁ ପୋଲିସ ୩୫୮/୨୫ ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି ।

## ଯୁବ ଆଇନଜୀବୀଙ୍କ ପରଲୋକ

ଖଣ୍ଡପଡ଼ା ,(ସବ୍ୟ):ଖଣ୍ଡପଡ଼ା ସହର ୧ ନଂ ଓ୍ୱାର୍ଡର ଯୁବ ଆଇନଜୀବୀ ରଶ୍ମିରଞ୍ଜନ ପଣ୍ଡା (୪୨) ଙ୍କର ଗୁରୁବାର ଦିନ ଭୁବନେଶର ଠାରେ ପରଲୋକ ହୋଇଯାଇଛି । ଦୀର୍ଘ ମାସ ଧରି ଯକୃତ ଜନିତ ରୋଗରେ ସେ ପୀଡିତ ଥାଇ ସେଠାରେ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡ଼ା ସହରରେ ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ଆଇନଜୀବୀ ପଣ୍ଡା ଭୁବନେଶର ଠାରେ ରହି ଓକିଲାତି କରୁଥିଲେ ।ସେ ଖଣ୍ଡପଡ଼ା ସହରର ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ପଣ୍ଡାଙ୍କ ସାନପୁଅ ଅଟନ୍ତି ।

BHAIRABI CLUB
At-Kurumpada, Po-Hadapada
Dist-Khordha, ODISHA-752018
Ref. No. ..................BC
Date ..............................

VACANCIES

Applications invited from the candidates eligible for the following contractual posts in Open shelter project at Bhairabi Club, Samantarapur, Khordha.

1-OUTREACH WORKER: (MALE CANDIDATE)
(Preferable Graduation with Minimum 2 yrs experience in child care and Protection Sector).

AGE LIMIT : Not below 22 yrs and above 45 yrs at the time of application. The above post is fully residential.

The applicants must sent their documents and it must be accompany with self attested photocopy of all the educational Certificate including mark sheets, Professional qualification and experience certificates along with one recent self attested passport size colour photo (3.5") and a character certificate from a Gazetted Officer to the E-mail address given below within 15 days from the date of advertisement.

E-mail- bhairabi_27@yahoo.co.in
Openshelter.bhairabi@gmail.com

Sd/- Secretary

AFFIDAVIT

I, Suneeta Agarwal, W/O- Ravi Kumar Agarwal Resident Qr No-I/10, Civil Township, Rourkela Dist- Sundergarh, Odisha, Pin code - 769004 Declare by this Affidavit No - 34064, Date - 31/10/2025, that now onwards I shall be known as SUNITA AGARWAL for all Future purposes.

AFFIDAVIT

By virtue of an affidavit sworn before the Notary Public, Cuttack dtd. 27.10.2025 No. 55609 I Smt Pranati Samantaray, W/o Sangram Keshari Pradhan resident of Vill- Madhapur, P.O. : Salagaon, P.S- Tangi, Dist : Cuttack-754025 do hereby state that my real name is Pranati Samantaray. But in my daughter's (Prangya Priyadarshini) Matriculation Certificate my name has mentioned as Pranati Samantray instead of Pranati Samantaray. Hence now onwards I shall be known as Pranati Samantaray for all purposes.

ଜିଲ୍ଲା ପରିଷଦ, ନୟାଗଡ

ଜରୁରୀ ସୂଚନା

ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନଙ୍କୁ ସରକାରଙ୍କ ନିୟମ ଅନୁସାରେ ଚୟନ କରାଯାଇଅଛି । ଉକ୍ତ ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଯଦି କୌଣସି ଅସାମାଜିକ ବ୍ୟକ୍ତି ଆପଣଙ୍କୁ ପ୍ରଲୋଭିତ କରୁଥାନ୍ତି କିମ୍ବା କୌଣସି ଅର୍ଥ ମାଗୁଥାନ୍ତି, ତେବେ ସେହି ବ୍ୟକ୍ତିଙ୍କ ବିରୋଧରେ ସ୍ଥାନୀୟ ବ୍ଲକ କିମ୍ବା ଥାନାରେ ଅଭିଯୋଗ କରନ୍ତୁ ।

ଜିଲ୍ଲା ପ୍ରଶାସନ, ନୟାଗଡ

AFFIDAVIT

By virtue of an affidavit in the court of Executive Magistrate,Talcher ,TRIPURA GARANAYAK, S/o- Bichitra Garanayak,At/ ,Po- Gandamala Ps-Rengali Dam Site,Dist-Angul , Odisha-759105. Declare that this affidavit no.216, dated. 23.07.2025. I have changed my name from TRIPURA PATRA to TRIPURA GARANAYAK .Hence forth,He shall be known as TRIPURA GARANAYAK for all purposes.

Sd/- TRIPURA GARANAYAK

AFFIDAVIT

By virtue of an affidavit in the Notary of ,Talcher ,PARBATI GARANAYAK, W/o-Tripura Garanayak,At/ Po-Gandamala Ps-Rengali Dam Site,Dist-Angul, Odisha-759105. Declare that this affidavit no.1555, dated. 30.10.2025. I have changed my name from PARBATI PATRA to PARBATI GARANAYAK .Hence forth,She shall be known as PARBATI GARANAYAK for all purposes.

Sd/-PARBATI GARANAYAK

AFFIDAVIT

I, Shaikh Nishar Mohammed, S/o-Late Sk Hasan Mohammed, resident of Nalipur (Shaikh Mohalla), Po-Charinangal, Ps-Balichandrapur , Dist-Jajpur, Pin-754292, Odisha declare by this affidavit No-14202 dtd.-18.10.2025 that now onwards I shall be known as Sk Nishar Mohammed for all future purposes.

AFFIDAVIT

I, Mumesa Bano, W/o- Sk Nishar Mohammed, resident of Nalipur (Shaikh Mohalla), Po-Charinangal, Ps-Balichandrapur , Dist-Jajpur, Pin-754292, Odisha declare by this affidavit No-14201 dtd.-18.10.2025 that now onwards I shall be known as Monesa Begum for all future purposes.

# ବନ୍ଧନ ବ୍ୟାଙ୍କର ବ୍ୟବସାୟ ୯% ବୃଦ୍ଧି

କୋଲକାତା: ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଆର୍ଥିକଫଳାଫଳ ଘୋଷଣା କରାଯାଇଛି । ବ୍ୟାଙ୍କର ମୋଟ ବ୍ୟବସାୟ ଏହି ସମୟରେ ୯ ପ୍ରତିଶତ ବୃଦ୍ଧି ପାଇ ୨.୯୮ ଲକ୍ଷ କୋଟି ଟଙ୍କା ହୋଇଛି । ମୋଟ ଜମାରେ ବ୍ୟାଙ୍କର ରିଟେଲ୍ ଭାଗ ଏବେ ପ୍ରାୟ ୭୧ ପ୍ରତିଶତ ରହିଛି । ବିତରଣରେସମ୍ପ୍ରସାରଣ, ବ୍ୟବସାୟରେ ଦକ୍ଷତା ଓ ଅନୁକୂଳ ପରିଚାଳନା ପରିବେଶକୁ ନେଇ ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ଭାରତର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୩୫ଟିରେ ବ୍ୟାଙ୍କ ୬୩୫୦ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଜରିଆରେଏହାର ୩.୨୩ କୋଟି ଗ୍ରାହକମାନଙ୍କୁ ସେବା ପ୍ରଦାନ କରୁଛି । ବନ୍ଧନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମୋଟକର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୭୩,୫୦୦ ରହିଛି ।୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟତ୍ରୈମାସିକରେବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ୧୧% ବୃଦ୍ଧି ପାଇଛି ଏବଂ ମୋଟ ଜମା ଏବେ ୧.୫୮ ଲକ୍ଷ କୋଟି ଟଙ୍କା ରହିଛି । ମୋଟ ଅଗ୍ରୀମ ପରିମାଣ ୧.୪୦ଲକ୍ଷ କୋଟି ଟଙ୍କା ହୋଇଛି । (କରେଂଟ୍) ଚଳନ୍ତୀ ଓ ସଂଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୨୮ ପ୍ରତିଶତ ରହିଛି । ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପୁଞ୍ଜି ସ୍ୱଚ୍ଛତା ଅନୁପାତ (ସିଏଆର୍) ସୁଦୃଢ଼ ୧୮.୬ପ୍ରତିଶତ ରହିଛି ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି ।ଫଳାଫଳ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଏମ୍‌ଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, ଏକ ଅଧିକ ବିବିଧ ପୋର୍ଟଫୋଲିଓ ଆଡ଼କୁ ଆମେ ସମନ୍ୱୟ ଜାରି ରଖିଥିବା ବେଳେ ବନ୍ଧନ ବ୍ୟାଙ୍କର ଚଳନ୍ତୀ ତ୍ରୈମାସିକ ପ୍ରଦର୍ଶନ ବ୍ୟାଙ୍କ ପାଇଁ ଏକ ପରିବର୍ତ୍ତନ ପର୍ଯ୍ୟାୟକୁ ଦର୍ଶାଉଛି । ଆମେ ଏହି ରୂପାନ୍ତରଣ ଜାରି ରଖିଥିବା ବେଳେ ଆମ ଅଂଶୀଦାରମାନଙ୍କ ପାଇଁ ସ୍ଥାୟୀ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ଲାଗି ଏକ ସନ୍ତୁଳିତ ଲାଭଜନକ ଅଭିବୃଦ୍ଧି ହାସଲକରିବାକୁ ଲକ୍ଷ୍ୟ ରଖିଛୁ ।

ପୌର ପରିଷଦ, ନୟାଗଡ଼
ସ୍ୱଚ୍ଛ ଭାରତ
ଦୁଇ ପାଦ ସ୍ୱଚ୍ଛତା ଆଡ଼କୁ...
ଆସନ୍ତୁ ସହଯୋଗ କରିବା ଆମ ସହରକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା
ସହରବାସୀ ସମସ୍ତେ ମିଳିମିଶି ନୟାଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ନିମ୍ନଲିଖିତ ସ୍ୱଚ୍ଛତା ଏବଂ ନୀତିନିୟମକୁ ମାନି ଚଳିବା ।
୧. ପ୍ରତିଦିନ ଘରୁ ବାହାରୁଥିବା ଅଳିଆ ବା ବର୍ଜ୍ୟବସ୍ତୁକୁ ପୃଥକୀକରଣ ଭାବରେ 'ଡଷ୍ଟବିନ'ରେ ରଖି ନିୟମିତ ଯାଉଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ଗୃହପାଳିତ ପଶୁ ଓ ଗାଈଗୋରୁଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ । ରାସ୍ତାକଡ଼ରେ ମାଛ, ମାଂସ ଦୋକାନ କରି କାଟନ୍ତୁ ନାହିଁ ।
୩. ସହରରେ ଥିବା ଡ୍ରେନଗୁଡିକୁ ଅବରୋଧ କରନ୍ତୁ ନାହିଁ, ଡ୍ରେନ ଭିତରକୁ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଓ ପୋଖରୀଗୁଡିକୁ ସଫା ସୁତରା ରଖନ୍ତୁ ।
୪. ପୌର ପରିଷଦରେ ଘର କରିବା ପାଇଁ ପ୍ଲାନ୍ ଅନୁମୋଦନ କରାଇ ନିଅନ୍ତୁ ଏବଂ Holding Tax ଠିକ ସମୟରେ ପଇଠ କରନ୍ତୁ । ମ୍ୟୁନିସିପାଲିଟିର ସମସ୍ତ ସୁବିଧା ସୁଯୋଗ ପାଇବା ପାଇଁ SUJOG App କୁ ବ୍ୟବହାର କରନ୍ତୁ ।
୫. ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିୟମିତ ଭାବେ ଟ୍ରେଡ ଲାଇସେନ୍ସ ପଞ୍ଜୀକୃତ କରାଇ ନିଅନ୍ତୁ ଓ ପ୍ରତିବର୍ଷ ନବୀକରଣ କରନ୍ତୁ ।
୬. ନିଜ ଘରେ ଥିବା ପାଇଖାନା ଟାଙ୍କିକୁ ୩ ବର୍ଷରେ ଥରେ ସଫା କରନ୍ତୁ । ପୌରସଂସ୍ଥା ଦ୍ୱାରା ତାଲିମ ପ୍ରାପ୍ତ GARIMA ସଫେଇ କର୍ମଚାରୀଙ୍କ ଦ୍ୱାରା ସଫା କରାନ୍ତୁ ।
୭. ଘରକାମ କରିବା ସମୟରେ ଇଟା, ମାଟି, ପଥର, ଗୋଡ଼ି ଓ ବାଲି ଇତ୍ୟାଦି ଜମା କରି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ ।
ସ୍ୱା/- ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା
ଉପାଧ୍ୟକ୍ଷ
ସ୍ୱା/- ଶ୍ରୀମତୀ ନିରୁପମା ଖଟେଇ
ପୌରାଧ୍ୟକ୍ଷା
ଓ ସମସ୍ତ କାଉନସିଲର ବୃନ୍ଦ, ପୌର ପରିଷଦ, ନୟାଗଡ଼

ADVERTISEMENT
Manikeswari Degree College
G-Tumulia, Sundargarh, 770024

In pursuant to the government notification No. HE-NCETI-POLICY-0002-2023 / 57203 DT. 23/10/2025 for re-engagement of retired lecturers as a guest faculty in Economics and Education, age limit 60 to 69 years may apply online through HIMS portal within 7 days of publication of the advertisement. The detail information will be intimated after online in the portal and selection will be made.

Contact No. 7205195224

Sd/- Principal
Manikeswari Degree College
G-Tumulia, Sundargarh

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୭୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୦୯୦୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୫୧୨୮ ।

# ଭାବା ଛାତ୍ରାବାସରେ ହୋମି ଜାହାଙ୍ଗୀର ଭାବାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ସ୍ଥିତ ଭାବା ଛାତ୍ରାବାସରେ ହୋମି ଜାହାଙ୍ଗୀର ଭାବାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ପ୍ରତିଷ୍ଠାନ ସ୍ଥିତ ପୂରାତନ ଛାତ୍ର ସଂଗଠନ ଦ୍ୱାରା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ନିମନ୍ତେ ଛାତ୍ର ଛାତ୍ରୀ ମାନଙ୍କୁ ଯୁଗ ନିର୍ମାତା ବର ପୁତ୍ର ମାନଙ୍କ ଠାରୁ ବଞ୍ଚିବାର କଳା ସହିତ ପ୍ରେରଣା ଲାଭ ପାଇଁ ପ୍ରତ୍ୟେକ ଛାତ୍ରାବାସ ରେ ପ୍ରତିମୂର୍ତ୍ତି ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଛି ଏବଂ ଚାରୋଟି ଛାତ୍ରାବାସ ରେ ପୁରାତନ ଛାତ୍ର ମାନଙ୍କ ସହାୟତାରେ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି। ଏହି ଲକ୍ଷ୍ୟ ପ୍ରାପ୍ତି ହେତୁ (୧୯୬୪-୬୮ ବ୍ୟାଚ) ପୂରାତନ ଛାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ସୌଜନ୍ୟରେ ହୋମି ଭାବା ଛାତ୍ରାବାସ ପରିସରରେ ମହାନ ପଥ ପ୍ରଦର୍ଶକ ହୋ ମୀ ଜାହାଙ୍ଗୀର ଭାବାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀଙ୍କ କର କମଳରେ ଉନ୍ମୋଚିତ ହୋଇପାରିଛି।

ଏହି ଉତ୍ସବରେ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ, ଛାତ୍ର ଛାତ୍ରୀ ଓ କାର୍ଯ୍ୟାଳୟ ମୁଖ୍ୟ ଯୋଗ ଦେଇଥିଲେ। ପୂରାତନ ଛାତ୍ର ସଂଗଠନ ତରଫରୁ ସଭାପତି ଡା. ହାଡିବନ୍ଧୁ ପଟ୍ଟନାୟକ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ ସହିତ ହୋମି ଭାବାଙ୍କ ମାତୃଭୂମି ପ୍ରତି ଅବଦାନ ସମ୍ବଧରେ ବିବରଣୀ ପ୍ରଦାନ କରିଥିଲେ।



ତାଙ୍କ ବାର୍ତ୍ତାରେ ନୈତିକ ଶିକ୍ଷାର ଅଧୋଗତି ଏବଂ ନୂତନ ଶିକ୍ଷା ନୀତିରେ ଭାରତକୁ ବିଶ୍ୱଗୁରୁ ହେବା ନିମନ୍ତେ ସଂସ୍କାର, ପରମ୍ପରା ଏବଂ ପ୍ରତିଷ୍ଠା ସହିତ ପୂର୍ବ ଗୌରବ ଫେରାଇ ଆଣିବାକୁ ଯୋଜନା କରାଯିବା ନମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ କରି ଥିଲେ।

ଡ଼. ନିରଞ୍ଜନ ପାଢ଼ୀ,ଉପ ସଭାପତି, ଭାବା ଙ୍କ ଜୀବନୀ ଉପରେ ସାଧାରଣ ସମୀକ୍ଷା ସହିତ ବିଶ୍ୱ ଶାନ୍ତି ପ୍ରତଷ୍ଠାରେ ଭାରତର ସହଯୋଗ ର ଆବଶ୍ୟକତା ସଂମ୍ବଧ ରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରି ସଦସ୍ୟ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ଅନୁଦାନ ଏବଂ ପ୍ରେରଣା ରେ ଏହି କାର୍ଯ୍ୟକ୍ରମ ଲୋକାର୍ପଣ ହୋଇଛି । ବରପୁତ୍ରଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ ସହିତ ଶିକ୍ଷା ଖସଡ଼ା ରେ ପ୍ରତିଷ୍ଠିତ ଯୁଗପୁରଷ୍ ମାନଙ୍କ ଜୀବନୀ ଅନ୍ତର୍ଭୁକ୍ତ ହେବା ଆବଶ୍ୟକତା ସମ୍ବନ୍ଧ ରେ ସେ ଦୃଢ଼ ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ତଥା ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ତାଙ୍କ ଅଭିଭାଷଣରେ ହୋମି ଭାବାଙ୍କ ଦେଶର ସୁରକ୍ଷା ନିମନ୍ତେ ଯୋଗଦାନ ଅତୁଳନୀୟ ବୋଲି କହିଥିଲେ। ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ, ପୁରାତନ ଛାତ୍ର ସଂଗଠନ ର ସଭପତି ଡ. ହାଡିବନ୍ଧୁ ପଟ୍ଟନାୟକ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହ ଙ୍କୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ତରଫ ରୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଏନସିଇଆରଟି ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଲକ୍ଷ୍ମୀଧର ବେହେରା, ଡ଼. କଳିଙ୍ଗ କେତକୀ, ସମସ୍ତ ଛାତ୍ରାବାସ ର ତତ୍ତ୍ୱାବଧାରକ ଅଧ୍ୟାପିକା ରଶ୍ମୀ ରେଖା ସେଠୀ, ପ୍ରଫେସର ରିତାଞ୍ଜଳି ଦାଶ, ପାଠାଗାର ଅଧିକାରୀ ଡ. ପୁଷ୍ପ ଲତା ନେଗୀ ଏବଂ ପ୍ରତିଷ୍ଠାନର ବହୁ ମାନ୍ୟଗଣ୍ୟ ଅତିଥି ଯୋଗ ଦେଇଥିଲେ।

ପୁରାତନ ଛାତ୍ର ସଂଗଠନ ତରଫରୁ ଗୁରୁ କଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ, ସମୟ , କୋଷାଧକ୍ଷ ବିଜୟ କୁମାର ରାଉତ,ସହ ସମ୍ପାଦିକା ଜ୍ୟୋସ୍ନା ରାଣୀ ଦାଶ ,ପୂର୍ବତନ ସମ୍ପାଦକ ଓ କାର୍ଯ୍ୟକାରି ସଦସ୍ୟ ଚକ୍ରଧର ଦାଶ, ଡ. ଧ୍ରୁବାନନ୍ଦ ବେହେରା, ବିଭୂତି ଭୂଷଣ ମିଶ୍ର, ରାମ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର କୁମାର ପଣ୍ଡା , ପ୍ରଶାନ୍ତ କୁମାର ଜେନା ଏବଂ ସନ୍ତୋଷ କୁମାର ଶତପଥୀ, ଉତ୍ସବ ରେ ସହାୟତା କରିଥିଲେ ଏବଂ ବରପୁତ୍ର ମାନଙ୍କ ଜୀବନୀ ପ୍ରେରଣା ଏକ ସ୍ରୋତ ଏବଂ ଏକ ସୁସ୍ଥ ସମାଜ ଗଠନ ରେ ସହାୟକ ହେବ ବୋଲି ମତ। ପ୍ରକାଶ କରିଥିଲେ। ଶେଷ ରେ ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଶୋଧ ପାଇଁ ଡକାୟତି, ୮ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଡ୍ରାଇଭରକୁ ଚାକିରିରୁ ବିଦା କରିବା ପରେ ସେ ପ୍ରତିଶୋଧ ନେବା ପାଇଁ ଅନ୍ୟମାନଙ୍କ ସହାୟତାରେ ଡକାୟତି କରିଥିବା ପୋଲିସ ଜାଣିବା ପରେ ୮ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ କାର୍, ଖେଳନା ବନ୍ଧୁକ, ୭୦ ହଜାର ଟଙ୍କା ଓ ୭ଟି ମୋବାଇଲ ଫୋନ୍ ଜବତ ହୋଇଥିବା ଏସିପି ସାମ୍ବାଦିକମାନଙ୍କୁ କହିଛନ୍ତି ।

ନୂଆପଲ୍ଲୀ ଥାନା ଅଞ୍ଚଳରେ ଫୋଟିଜ୍ କେମିକାଲ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ କମ୍ପାନୀ ଅଛି । ଯାହାର ଜେନେରାଲ ମ୍ୟାନେଜର କେ.ବାଲୁଙ୍କେଶ୍ୱର ପଟ୍ଟନାୟକ । ତାଙ୍କ ଏତଲା ଆଧାରରେ ପୋଲିସ ଡକାୟତକୁ ଗିରଫ କରିବା ପରେ ପ୍ରତିଶୋଧରୁ ଏପରି ହୋଇଥିବା ଚାକିରିରୁ ବିଦା ହୋଇଥିବା ଡ୍ରାଇଭର ରମାକାନ୍ତ ପାତ୍ର କହିଛନ୍ତି । ସେ ଯିବା ପରେ ନୂଆ ଡ୍ରାଇଭର ନିରଞ୍ଜନ ନନ୍ଦକୁ ହାତ କରି ଡକାୟତି ଯୋଜନା ପ୍ରସ୍ତୁତ କରିଥିଲେ । ଯୋଜନା ଅନୁଯାୟୀ ଅଢେଇ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଅଧିକ ଟଙ୍କା କାରବାର ହେଉଥିବାରୁ ଗଚ୍ଛିତ ଥିବା ବହୁକୋଟି ଟଙ୍କା



ଡକାୟତି ପାଇଁ ସେମାନେ ପ୍ରସ୍ତୁତ ହୋଇଥିଲେ । ହେଲେ ଡ୍ରୟାର ଭିତରୁ ମାତ୍ର ଅଢେଇ ଲକ୍ଷ ଟଙ୍କା ପାଇଥିଲେ । ସେହି ଟଙ୍କାକୁ ନେଇ ପରସ୍ପର ମଧ୍ୟରେ ବାଣ୍ଟିଥିବା ଏସିପି କହିଛନ୍ତି ।

ଗିରଫ ଡକାୟତମାନେ ହେଲେ ଡ୍ରାଇଭର ରମାକାନ୍ତ ପାତ୍ର, ଡ୍ରାଇଭର ନିରଞ୍ଜନ ନନ୍ଦ, ବିକାଶ ସ୍ୱାଇଁ, ରାଜେନ୍ଦ୍ର ରାଉତ, ସାଗର କୁମାର ସାହୁ, ହର୍ଷ ରାଉତ, ବିପିନ ବେହେରା ଓ କାଳୁଚରଣ ପ୍ରଧାନ । ୮ ଜଣଙ୍କ ମଧ୍ୟରୁ ୫ଜଣଙ୍କ ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବା ବେଳେ ଅନ୍ୟ ୩ଜଣଙ୍କ ଘର ଖୋର୍ଦ୍ଧା ଜିଲ୍ଲାରେ । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଟଙ୍କା, କାର୍ ଓ ଖେଳନା ବନ୍ଧୁକ ଜବତ କରାଯିବା ପରେ ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ସଶ୍ରମ ଜେଲଦଣ୍ଡାଦେଶ

# ଦୀର୍ଘ ୪ ବର୍ଷ ପରେ କଠୋର ଦଣ୍ଡ ଶୁଣାଇଲେ କୋର୍ଟ

ବେତନଟୀ (ସବ୍ୟୁ) : ୨୦୨୧ ମସିହାରେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳର ସନ୍ତରା ପଞ୍ଚାୟତ ଅଧୀନ ହୋତାପୁର ଗ୍ରାମରେ ହୋଇଥିବା ନାବାଳିକା ଦୁଷ୍କର୍ମ ଘଟଣାରେ ଶୁକ୍ରବାର ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ କମ୍ ପୋକ୍ସୋ କୋର୍ଟରେ ମାମଲାର ରାୟ ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତ ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି କ୍ଷ ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧୀନ ସନ୍ତରା ପଞ୍ଚାୟତ ଅଧୀନ ହୋତାପୁର ଗ୍ରାମରେ ଘଟିଥିବା ଅମାନବୀୟ ଘଟଣାକ୍ରମରେ ଉକ୍ତ ଗ୍ରାମର ପ୍ରଫୁଲ ମହାନ୍ତ(୫୦) ର ନିଜର ଛୋଟ ନାତୁଣୀ ସହ ଖେଳୁଥିବା ତାର ୮ ବର୍ଷିଆ ନାବାଳିକା ସାଙ୍ଗକୁ ଅନ୍ୟତ୍ର ଉଠାଇ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ଏହି ଘଟଣା ବାବଦର ସେହି ଛୋଟ ପିଲାଟି ତାର ମା ଆଗରେ କହିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ଉକ୍ତ ଘଟଣା ହୋତାପୁର ଗ୍ରାମରେ ଚହଳ ସୃଷ୍ଟି କରିଦେଇଥିଲା। ସେହି ଘଟଣାକୁ ନେଇ ଗ୍ରାମରେ ଏକ ବୈଠକ ବସାଇ ସମାଧାନ କରିବାର ବ୍ୟବସ୍ଥା କରାଯାଇଥିଲା। ମାମଲା ସମାଧାନ ନ ହେବାରୁ ଛୋଟ ନାବାଳିକାର ମାଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା। ଉକ୍ତ ଅଭିଯୋଗକୁ ଆଧାର ୨୦୫/୨୦୨୧ ନମ୍ବରରେ ଏକ ମାମଲା ରୁଜୁ କରି ବୈଶିଙ୍ଗା ଥାନା ଅଧିକାରୀ ବେଦପ୍ରକାଶ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତଅଧିକାରୀ ମହିଳା ସବଇନସ୍ପେକ୍ଟର ଅନୀତା ସ୍ୱାଇଁ ତଦନ୍ତ ଚଳାଇଥିଲେ । ଥାନାରେ ମାମଲା ରୁଜୁ ହେବା ବେଳକୁ ଅଭିଯୁକ୍ତ ପ୍ରଫୁଲ୍ଲ ଫେରାର ହୋଇଯାଇଥିଲା । ଘଟଣାର କିଛି ଦିନ ପରେ ବୈଶିଙ୍ଗା ପୁଲିସ ଫେରାର ଥିବା ବୃଦ୍ଧ ପ୍ରଫୁଲ୍ଲ ମହାନ୍ତ ଡୁକୁରା ଥାନା ଅଞ୍ଚଳରୁ ଧରିଥିଲା। ହୋଇଥିବା ମାମଲା ମୂଳେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ବିଭିନ୍ନ ପୋକ୍ସୋ ଆକ୍ଟରେ ତାଙ୍କୁ ବାରିପଦା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆ ଯାଇଥିଲା। ଦୀର୍ଘ ୪ ବର୍ଷ ପରେ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ କମ୍ ପୋକ୍ସୋ କୋର୍ଟ ର ମାନ୍ୟବର ବିଚାରପତି ନାବାଳିକା ଦୁଷ୍କର୍ମକାରୀ ଅଭିଯୁକ୍ତ ପ୍ରଫୁଲ୍ଲ ମହାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇ ଥିବା ଜଣାଯାଇଛି ।

# ଏମ୍ଏସ୍ଏମ୍ଇ ଶିଳ୍ପ ଲାଗି କିସମ ପରିବର୍ତ୍ତନ ଦେୟ ଛାଡ

ଭୁବନେଶ୍ୱର,(ସବ୍ୟୁ): କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ୍ୟ ପାଇଁ କିଷମ ପରିବର୍ତ୍ତନ ଲାଗି ଆଉ ଦେୟ ଦେବାକୁ ପଡିବନି। ଯେଉଁ ଉଦ୍ଦେଶ୍ୟରେ ଜମି ନିଆଯାଇଛି ସେଥିରୁ ବିଚ୍ୟୁତ ହେଲେ ଜମି ଫେରସ୍ତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ କିଷମ ପରିବର୍ତ୍ତନ ପାଇଁ ଜମି ବେଞ୍ଚ ମାର୍କ ଭାଲ୍ୟୁର ୧% ଦେବାକୁ ପଡୁଥିଲା। ଆଉ କିଷମ ପରିବର୍ତ୍ତନ ପାଇଁ ଯେତିକି ଦେୟ ଦେବାକୁ ପଡୁଥିଲା ତାହାର ୧% ଭଡା ମଧ୍ୟ ଦେବାକୁ ପଡୁଥିଲା। ଏବେ ଦୁଇଟି ଯାକ ସରକାର ଛାଡ କରିଛନ୍ତି। ଯେଉଁ କ୍ଷୁଦ୍ର, ଲଘୁ, ମଧ୍ୟମ ଉଦ୍ୟୋଗ କେନ୍ଦ୍ର ସରକାରଙ୍କ ଉଦ୍ୟୋଗ୍ୟ ପୋର୍ଟାଲରେ ଥିବେ ଓ ଜିଲ୍ଲା କମିଟି ଅନୁମୋଦିତ ହୋଇଥିବ ସେମାନେ ଏହି ସୁବିଧା ପାଇପାରିବେ। ସଂରକ୍ଷିତ ଅଞ୍ଚଳ, ପ୍ରତିରକ୍ଷା ଜମି, ଉପକୂଳ ନିୟମିତ ଅଞ୍ଚଳ, ପ୍ରତ୍ନତ୍ତିକ ଜମି ଯେଉଁଠି ଅନ୍ୟ ଆଇନ ବଳବତ୍ତର ଅଛି ସେଠି ଏହି ସୁବିଧା ଲାଗୁ ହେବ ନାହିଁ। ଉଦ୍ୟୋଗୀମାନେ ଯେଉଁ ଲକ୍ଷ୍ୟ ନେଇ ଜମି ନେଇଥିବେ ତାହା ନକଲେ ଏହି ସୁବିଧାରୁ ବଞ୍ଚିତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

# ଭିତ୍ତିଭୂମି ସୃଷ୍ଟି କରି ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍ ଲାଗୁ କରାଯାଉ : ପ୍ରାଥମିକ ଶିକ୍ଷକ ସଂଘ

ଖୋର୍ଦ୍ଧା, (ସବ୍ୟୁ): ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍ ର ପୁନଃବିଚାର ପାଇ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୮ ଜଣିଆ ପ୍ରତିନିଧି ମଣ୍ଡଳୀ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସଂଧ୍ୟାବତୀ ଲେଙ୍କାଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରିଛନ୍ତି। ସ୍କୁଲଗୁଡ଼ିକରେ ଶୈକ୍ଷିକ ପରିବେଶର ସାମଗ୍ରିକ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ପରିଲକ୍ଷିତ ହେଉନାହିଁ । ଭିତିଭୂମି ନ ସଜାଡ଼ି ଜାତୀୟ ଶିକ୍ଷା ନୀତି ଲାଗୁ କରାଯାଇଛି। ଶିକ୍ଷକ ସଙ୍କଟ ଦୂର କରିବା ପାଇଁ ଆନ୍ତରିକତା ନାହିଁ ବଦଳରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକରେ ଶିଶୁ ବାଟିକା ଖୋଲାଯାଇଛି। ଅଣ ଶିକ୍ଷା କାର୍ଯ୍ୟରେ ନିୟୋଜିତ ଯୋଗୁଁ ଶିକ୍ଷକମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଆବଶ୍ୟକ ଭିତିଭୂମି ନ ଯୋଗାଇ ବିଦ୍ୟାଳୟସ୍ତରରେ ନୂତନ ଭାବେ ଲାଗୁ କରାଯାଉଥିବା ୟୁ ଏସ୍ ପୋଟାଲ ବା ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍ ବ୍ୟବସ୍ଥାକୁ ପ୍ରାଥମିକ ଶିକ୍ଷକ ସଂଘ ତୀବ୍ର ବିରୋଧ କରୁଛି। ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ଭିତିଭୂମି ଯଥା ଆବଶ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ଯୋଗାଇ ୟୁ ଏସ୍ ପୋର୍ଟାଲ ବ୍ୟବସ୍ଥା ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରାଥମିକ ଶିକ୍ଷକ ସଂଘ



ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ବିଦ୍ୟାଳୟରେ ସ୍ତରରେ ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଦୈନିକ ଉପସ୍ଥାନ ପକାଇବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସବୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍ ପାଇଁ ମୋବାଇଲ କିମ୍ବା ଇଣ୍ଟରନେଟ୍ ଯୋଗାଇ ଦେଇ ନାହାନ୍ତି। ଇଣ୍ଟରନେଟ୍ ସୁବିଧା ନ ଯୋଗାଇ ସେଥିପାଇଁ ଆର୍ଥିକ ବ୍ୟବସ୍ଥା ନ କରି ଏବଂ ସର୍ବୋପରି ଶିକ୍ଷକମାନଙ୍କର ସମସ୍ୟା ସମାଧାନ ନ କରି ଏହି ବ୍ୟବସ୍ଥା ଲାଗୁ କରାଯାଉଥିବାରୁ ଶିକ୍ଷକମାନେ ମାନସିକସ୍ତରରେ ଚାପଗ୍ରସ୍ତ ହେବେ ବୋଲି ସଂଘ ତରଫରୁ ଅବଗତ କରାଯାଇଛି।

# ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ଦୌଡ

ପୁରୀ, (ସବ୍ୟୁ): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ଦେଶପ୍ରେମ, ବୀରତ୍ୱ,ସାହସ ଓ ବୁଦ୍ଧିମତା ତାଙ୍କୁ ଚୀର ଅମର କରି ରଖିଥିବ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ।ଆଜି ପୂର୍ବାହ୍ନରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ଜୟନ୍ତୀ ବା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଏକ ଏକତା ଦୌଡ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡା ପାତ୍ର ସ୍ୱାଧୀନତା ଆନ୍ଦୋଳନରେ ଲୌହ ମାନବ ଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ବିଭିନ୍ନ ରାଜା ରାଜୁଡା ଶାସନ କୁ ଅଖଣ୍ଡ ଭାରତ ରେ ଯୋଡିବା ଉଦ୍ୟମ ତାଙ୍କୁ ମହାନ କରିଥିଲା ।୫୬୫ ଟି ଏହି ଭଳି ରାଜା ଶାସିତ ଅଞ୍ଚଳ କୁ ସେ ଭାରତ ବର୍ଷ ରେ ମିଶାଇ ଥିଲେ ।ତାଙ୍କ ଅବଦାନ କୁ କୃତଜ୍ଞ




ଦେଶ ସର୍ବଦା ମନେ ରଖିଥିବ ବୋଲି ସେ କହିଥିଲେ ।ପରେ ସାଂସଦ ଡା ପାତ୍ର ପତାକା ଦେଖାଇ ଏହି ଏକତା ଦୌଡ ର ଶୁଭାରମ୍ଭ କରିଥିଲେ ।କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ବିଭିନ୍ନ କ୍ରୀଡା କୋଚ ଓ କ୍ରୀଡାବିତ ମାନେ ଯୋଗ ଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ଓଇଆର୍‌ସି ଅଧକ୍ଷ ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ୍

# ସଭାପତି ହେବାକୁ ବିରୋଧ କରି ହାଇକୋର୍ଟରେ ମାମଲା

କଟକ,(ସବ୍ୟୁ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ର ଅଧକ୍ଷ ଥିବା ଆଇଏଏସ୍ ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ୍‌ର ସଭାପତି ପଦଲାଗି ଲଢ଼ି ବିଜୟ ଲାଭ କରିଛନ୍ତି। ଗୋଟେ ଆୟୋଗର ଅଧକ୍ଷ ପଦରେ ଥିଲାବେଳେ ସେ ଭୁବନେଶ୍ୱର କ୍ଲବ୍ ସଭାପତି ପଦଲାଗି ଲଢ଼ିବା କଥା ନୁହେଁ । ସେ ଏହି ପଦଲାଗି ଲଢ଼ି ବେଆଇନ କାର୍ଯ୍ୟ କରିଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଜଣେ ସାମାଜିକ କର୍ମୀ ସୁବ୍ରତ ତ୍ରିପାଠୀ ଏହି ମାମଲା ରୁଜୁ କରିଥିଲାବେଳେ ତାଙ୍କ ସଭାପତି ପଦ ରଦ୍ଦ ପାଇଁ ପ୍ରାର୍ଥନା କରିଛନ୍ତି। ଆଇଏଏସ୍ ପ୍ରଦୀପ ଜେନା ମୁଖ୍ୟ ଶାସନସଚିବ ପଦରୁ ଅବସର ଗ୍ରହଣ କରିବା ପରେ ତାଙ୍କୁ ଓଇଆରସିର ଅଧକ୍ଷ ପଦରେ ନିଯୁକ୍ତି ମିଳିଥିଲା। ଓଇଆରସି ଏକ ବିଦ୍ୟୁତ୍ ନିୟାମକ ସଂସ୍ଥା। ଏହି ସଂସ୍ଥାରେ ଥାଇ ସେ ଭୁବନେଶ୍ୱର କ୍ଲବ୍ ଭଳି ଏକ ଲାଭଜନକ ସଂସ୍ଥାର ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେହି ପଦରେ ସେ ନିର୍ବାଚିତ ମଧ୍ୟ ହୋଇଛନ୍ତି । ଗୋଟେ ସଂସ୍ଥାର ମୁଖ୍ୟ ପଦରେ ଥାଇ ଆଉ ଏକ ସଂସ୍ଥାରେ ଲଢ଼ିବା ସମ୍ପୂର୍ଣ୍ଣ ବେଆଇନ ବୋଲି ଆବେଦନକାରୀ ଶ୍ରୀ ତ୍ରିପାଠୀ ଅଭିଯୋଗ କରିଛନ୍ତି । ତେଣୁ ତାଙ୍କ ସଭାପତି ପଦ ରଦ୍ଦ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଆବେଦନକାରୀ ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନସଚିବ, ରାଜ୍ୟ ବିଦ୍ୟୁତ୍ ବିଭାଗ ସଚିବ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଛନ୍ତି।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଲାଗି ୬୨ ସ୍ନାତକ ଓ ୬ ସ୍ନାତକତ୍ତର ଅତିରିକ୍ତ ସିଟ୍‌କୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏହି ଅନୁମୋଦନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଚିଠି ଲେଖି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି ଅନୁମୋଦନ ରାଜ୍ୟରେ ମେଡିକାଲ ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ଼ କରିବ। ବିଶେଷକରି ପଶ୍ଚିମଓଡ଼ିଶାରେ ସ୍ୱାସ୍ଥ୍ୟସେବା ଉନ୍ନତ ହୋଇପାରିବ। ଅତିରିକ୍ତ ପିଜି ଆସନ ବୃଦ୍ଧି, ଗୁଣାତ୍ମକ ମେଡିକାଲ ଶିକ୍ଷାକୁ ପ୍ରୋତ୍ସାହିତ କରିବ ଓ ଏହି ଅଞ୍ଚଳରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ମିଳିପାରିବ। ରାଜ୍ୟ ସରକାର ଜାତୀୟ ମହିଳା କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସମସ୍ତ ମାନଦଣ୍ଡକୁ ପୂରଣ କରିବାକୁ ପଦକ୍ଷେପ ନେଇଛନ୍ତିଏବଂ ସ୍ୱାସ୍ଥ୍ୟର ଉତ୍କର୍ଷତା କେନ୍ଦ୍ର ଗଠନ ପାଇଁ ଯେଉଁ ସହାୟତା ଦରକାର ତାହା ରାଜ୍ୟ ସରକାର ଯୋଗାଇ ଦେବେ। ପୁନର୍ବାର ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସମଗ୍ର ଦେଶରେ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନେଇଥିବା ପଦକ୍ଷେପକୁ ସେ ସ୍ୱାଗତ କରୁଛନ୍ତି।

## ବେଦାନ୍ତ ଆଲୁମିନିୟମ ଝାରସୁଗୁଡା

# ପ୍ରଗତିକୁ ଆଗେଇ ନେଉଥିବା ଜନ-ମୁଖ୍ୟ ସଂସ୍କୃତି ଗଠନ କରିଛି

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ, ଲୋକମାନେ ପ୍ରଗତିରେ କେନ୍ଦ୍ରବିନ୍ଦୁ, ନୂତନତ୍ୱ, କାର୍ଯ୍ୟଦକ୍ଷତା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେଉଛନ୍ତି। କମ୍ପାନୀର ଲୋକ-ପ୍ରଥମେ ଦର୍ଶନ ଏହାର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଏହାର ସାମାଜିକ ପ୍ରଭାବକୁ ଆକାର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଲିଙ୍ଗ ବିବିଧତା ଏବଂ ଏଲଜିବିଟିକ୍ୟୁ+ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସ୍ୱଚ୍ଛ କ୍ୟାରିଅର ଗତିଶୀଳତା ଏବଂ ଅନ୍ତର୍ଭୁକ୍ତିମୂଳକ ନେତୃତ୍ୱ ସୁନିଶ୍ଚିତ କରିବା ପର୍ଯ୍ୟନ୍ତ, ବେଦାନ୍ତ ଝାରସୁଗୁଡ଼ା ବିଶ୍ୱାସ କରେ ଯେ ଯେତେବେଳେ ଲୋକମାନେ ଆଗକୁ ବଢ଼ନ୍ତି ସେତେବେଳେ ବ୍ୟବସାୟଗୁଡ଼ିକ ଉନ୍ନତି ପାଆନ୍ତି। ଏହାର ପ୍ରାୟ ୩୦ ପ୍ରତିଶତ କର୍ମଚାରୀ ଯୁବ ବୃତିଗତଙ୍କ ସହିତ, ବେଦାନ୍ତ ଝାରସୁଗୁଡ଼ା ସେମାନେ ଆଣୁଥିବା ଶକ୍ତି, ମହତ୍ୱାକାଂକ୍ଷା ଏବଂ ନୂତନ ଦୃଷ୍ଟିକୋଣରେ ଉନ୍ନତି ପାଏ। ଯୁବ ସିଇଓ କାର୍ଯ୍ୟକ୍ରମ ନେତୃତ୍ୱ ଭୂମିକା ପାଇଁ ଉଚ୍ଚ-ସମ୍ଭାବ୍ୟ ପ୍ରତିଭାକୁ ଚିହ୍ନଟ ଏବଂ ପୋଷଣ



କରେ, ଚପଳତା, ଉଦ୍ଦେଶ୍ୟ ଏବଂ ସଶକ୍ତିକରଣର ଏକ ସଂସ୍କୃତି ସୃଷ୍ଟି କରେ। ନିରନ୍ତର ଡିଜିଟାଲ୍ ମତାମତ ଚ୍ୟାନେଲଗୁଡ଼ିକ ଏହି ପରିବେଶକୁ ଆହୁରି ମଜବୁତ କରେ, କର୍ମଚାରୀମାନଙ୍କୁ ସେମାନଙ୍କର ଅଭିଜ୍ଞତା ବାଂଟିବାକୁ ଅନୁମତି ଦିଏ ଏବଂ ନେତାମାନଙ୍କୁ ବିଶ୍ୱାସ ଏବଂ ଦାୟିତ୍ୱ ବୃଦ୍ଧି କରୁଥିବା ଅର୍ଥପୂର୍ଣ୍ଣ କାର୍ଯ୍ୟରେ ଅନ୍ତର୍ଦୃଷ୍ଟିକୁ ଅନୁବାଦ କରିବାକୁ ସକ୍ଷମ କରିଥାଏ। ବେଦାନ୍ତ ଝାରସୁଗୁଡ଼ାରେ, ଲୋକମାନଙ୍କ ବିକାଶ ଏବଂ ଶିକ୍ଷା କମ୍ପାନୀର ଅଭିବୃଦ୍ଧି ଦର୍ଶନର କେନ୍ଦ୍ରବିନ୍ଦୁ। ନିରନ୍ତର ଶିକ୍ଷା ଏବଂ ଦକ୍ଷତା ନିର୍ମାଣ ଉପରେ ଧ୍ୟାନ ବ୍ୟକ୍ତିଗତ ଏବଂ ସଂଗଠନିକ ସଫଳତାକୁ ଆଗେଇ ନେଇଥାଏ। ଭିଏଲଡିପି ପରିଚାଳନା ପ୍ରଶିକ୍ଷାର୍ଥୀଙ୍କ ପାଇଁ ଘୂର୍ଣ୍ଣନ ମଡେଲ ଭଳି ପଦକ୍ଷେପଗୁଡ଼ିକ କ୍ରସ୍-ଫଙ୍କସନ୍ଲ୍ ଏକ୍ସପୋଜର୍ ଏବଂ ପ୍ରାରମ୍ଭିକ ନେତୃତ୍ୱ ଅଭିଜ୍ଞତା ପ୍ରଦାନ କରେ, ଯେତେବେଳେ ଏଆଇ-ଆଧାରିତ ପ୍ରତିଭା ମୂଲ୍ୟାଙ୍କନ, ଲକ୍ଷ୍ୟ ଟ୍ରାକିଂ ଏବଂ ମତାମତ ବ୍ୟବସ୍ଥା ନ୍ୟାୟ ଏବଂ ଯୋଗ୍ୟତାକୁ ପ୍ରୋତ୍ସାହିତ କରେ।

# ତମାଳିଲତା ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତମାଳିଲତା ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ସରପଞ୍ଚ ନିର୍ମଳକୁମାର ସାହୁଙ୍କ ଅଧକ୍ଷତାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ କୃଷକ ସମବାୟ ସମିତି ସଭାପତି ଦ୍ୱାରିକାନାଥ ଦାଶ, ସମିତି ସଭ ପବିତ୍ରମୋହନ ସ୍ୱାଇଁ, ସମାଜସେବୀ ରମା ପ୍ରଧାନ, ଅଶୋକ ସାମନ୍ତରାୟ, ପ୍ରମୋଦ ବେଉରା, ଶ୍ରୀଧର ବେହେରା, ନୃସିଂହ ସ୍ୱାଇଁ ପ୍ରମୁଖ ଯୋଗଦେଇ ତମାଳିଲତାଙ୍କ ନିଷ୍ଠାପର କାର୍ଯ୍ୟ ଓ ଦକ୍ଷତା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମରଣିକା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଶିଳ୍ପ-ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ସହଭାଗିତା ନିମନ୍ତେ

# ସୋଆ ଏବଂ ଏସ୍ଏମ୍ଏସ୍ ଇଣ୍ଡିଆ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସହଭାଗିତାକୁ ସୁଦୃଢ଼ କରିବା ନିମନ୍ତେ ଏସ୍ଏମ୍ଏସ୍ ଗ୍ରୁପ୍ ଅଫ୍ ଇଣ୍ଡିଆର ଏକ ସହାୟକ କମ୍ପାନୀ ଏସ୍ଏମ୍ଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଏବଂ ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ୍ ବିଶ୍ୱବିଦ୍ୟାଳୟ (ସୋଆ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ନିକଟରେ ହୋଇଥିବା ବୁଝାମଣା ଅନୁଯାୟୀ ଜ୍ଞାନର ଆଦାନ ପ୍ରଦାନ, ନବୀକରଣକୁ ପ୍ରୋତ୍ସାହନ, ଶିକ୍ଷା ଏବଂ ପ୍ଲାଂଟ ଇଞ୍ଜିନିୟରିଂ କ୍ଷେତ୍ରରେ ଥିବା ସମ୍ପର୍କକୁ ଦୃଢ଼ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ନିଜର ଉନ୍ନତ ବୈଷୟିକ କୌଶଳ ଓ ଧାତୁ ଶିଳ୍ପ କ୍ଷେତ୍ରରେ ଉଚ୍ଚକୋଟୀର କାର୍ଯ୍ୟ ନିମନ୍ତେ ଏସ୍ଏମ୍ଏସ୍ ଗ୍ରୁପ୍ ବିଶ୍ୱ ସ୍ତରରେ ବେଶ ପ୍ରସିଦ୍ଧ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଏସ୍ଏମ୍ଏସ୍ ଇଣ୍ଡିଆ, ଭୁବନେଶ୍ୱର




ଫ୍ୟାସିଲିଟିର ପ୍ଲାଂଟ ହେଡ୍ ଗିରିଶ ଚନ୍ଦ୍ରପ୍ରକାଶ ମାନ୍ଧାନେଙ୍କ ମଧ୍ୟ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଏସ୍ଏମ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ପ୍ରତିନିଧି ପ୍ରତ୍ୟାୟ ଅମ୍ରିତ ଏବଂ ଶ୍ରୀମତି ନିବେଦିତା ଦାସ ଉପସ୍ଥିତ ଥିବା ବେଳେ ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଟ୍ରେନିଂ ଆଣ୍ଡ ପ୍ଲେସ୍‌ମେଂଟ ସେଲ୍‌ର ଫ୍ୟାକଲ୍ଟି ଇନଚାର୍ଜ ଡକ୍ଟର ମହମ୍ମଦ ଅବ୍‌ଦୁଲ ରଜାକ ଏବଂ ପ୍ଲେସ୍‌ମେଂଟ ଅଫିସର ଶ୍ରୀମତି ରୋହିଣୀ ବାରିକ ଉପସ୍ଥିତ ଥିଲେ।

ବୁଝାମଣା ଅନୁଯାୟୀ ଏସ୍ଏମ୍ଏସ୍ ଇଣ୍ଡିଆ ଏବଂ ସୋଆ ମିଳିତ ଭାବରେ ଛାତ୍ରଛାତ୍ରୀଙ୍କ ପାଇଁ ବଜାରର ଆବଶ୍ୟକତା ଅନୁଯାୟୀ ଶିଳ୍ପ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବେ। ଉଭୟେ ମିଳିତ ଭାବରେ କର୍ମଶାଳା, ସମ୍ମିଳନୀ ଏବଂ ବକ୍ତୃତାର ଆୟୋଜନ କରିବେ। ମୁଖ୍ୟ ଉଦ୍ଦେଶ୍ୟ ରହିବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଯୁକ୍ତିର ସୁଯୋଗ। ଏହି ଅବସରରେ ଶ୍ରୀ ମାନ୍ଧାନେ କହିଛନ୍ତି ଯେ ସୋଆ ଛାତ୍ରଛାତ୍ରୀଙ୍କୁ ବ୍ୟବହାରିକ ତାଲିମ ପ୍ରଦାନ କରାଯିବ। ପ୍ରଫେସର ନନ୍ଦ କହିଛନ୍ତି ଯେ ଏହି ବୁଝାମଣା ଅନୁଯାୟୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଯୁକ୍ତିର ସୁଯୋଗ ବୃଦ୍ଧି ପାଇବା ସହ ପାଠ୍ୟକ୍ରମରେ ମଧ୍ୟ ସହାୟକ ହେବ।





ଗୁଜରାଟର ଅହମ୍ମଦାବାଦଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆୟୋଜିତ ଏକତା ଦିବସର ପରେଡ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିବାଦନ ଗ୍ରହଣ କରୁଛନ୍ତି ।

## ରାଷ୍ଟ୍ରୀୟ ଏକତା ଦିବସରେ ମୋଦୀଙ୍କ ଉଦ୍‌ବୋଧନ

# ‘ଏକ ଭାରତ, ଶ୍ରେଷ୍ଠ ଭାରତ’ ଥିଲା ସର୍ଦ୍ଦାରଙ୍କ ମନ୍ତ୍ର

**ଅହମ୍ମଦାବାଦ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଗୁଜରାଟର କେଭାଡିଆରେ ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଏକ ଐତିହାସିକ ଅବସର । ଏକତା ନଗରର ସକାଳକୁ ଦିବ୍ୟ ଏବଂ ମନୋରମ ଦୃଶ୍ୟକୁ ଆଶ୍ଚର୍ଯ୍ୟଜନକ ବୋଲି ବର୍ଣ୍ଣନା କରି ମୋଦୀ ସର୍ଦ୍ଦାର ପଟେଲଙ୍କ ପାଦତଳେ ସାମୂହିକ ଉପସ୍ଥିତି ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ଦେଶ ଏକ ମହାନ ମହତ୍ତ୍ୱ ପୂର୍ଣ୍ଣ ମୁହୂର୍ତ୍ତର ସାକ୍ଷୀ ହେଉଛି ।

ସେ ଦେଶବ୍ୟାପୀ ଏକତା ଦୌଡ଼ ଏବଂ କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ନୂତନ ଭାରତର ସଂକଳ୍ପ କର୍ତ୍ତବ୍ୟ ଭାବରେ ଅନୁଭବ କରାଯାଉଛି।



ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟକ୍ରମ ଏବଂ ପୂର୍ବ ସନ୍ଧ୍ୟାର ଉଲ୍ଲେଖନୀୟ ଉପସ୍ଥାପନାକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ଅତୀତର ପରମ୍ପରା, ବର୍ତ୍ତମାନର ଶ୍ରମ ଏବଂ ବୀରତ୍ୱ ଏବଂ ଭବିଷ୍ୟତର ସଫଳତାର ଏକ ଝଲକକୁ ପ୍ରତିଫଳିତ କରେ । ସେ ସୂଚନା ଦେଇଥିଲେ ଯେ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଏକ ସ୍ମାରକୀ ମୁଦ୍ରା ଏବଂ ଏକ ସ୍ୱତନ୍ତ୍ର ଡାକ ଟିକେଟ ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ଜନ୍ମବାର୍ଷିକୀ ଏବଂ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଦେଶର ସମସ୍ତ ୧୪୦ କୋଟି ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ ସର୍ଦ୍ଦାର ପଟେଲ ବିଶ୍ୱାସ କରୁଥିଲେ ଯେ ଇତିହାସ ଲେଖିବାରେ ସମୟ ନଷ୍ଟ କରାଯିବା ଉଚିତ ନୁହେଁ ବରଂ ଇତିହାସ ସୃଷ୍ଟି କରିବା ପାଇଁ ପ୍ରୟାସ କରାଯିବା ଉଚିତ । ସେ ଜୋର ଦେଇ କହିଥିଲେ ଯେ ଏହି ଦୃଢ଼ ବିଶ୍ୱାସ ସର୍ଦ୍ଦାର ପଟେଲଙ୍କ ଜୀବନ କାହାଣୀରେ ସ୍ପଷ୍ଟ । ସେ ଉଲ୍ଲେଖ କରିଥିଲେ ଯେ ସର୍ଦ୍ଦାର ପଟେଲଙ୍କ ଦ୍ୱାରା ନିଆଯାଇଥିବା ନୀତି ଏବଂ ନିଷ୍ପତ୍ତି ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ସେ ସ୍ମରଣ କରିଥିଲେ ଯେ ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲ କିପରି ୫୫୦ ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଏକୀକୃତ କରିବାର ଅସମ୍ଭବ କାମକୁ ସଫଳ କରିଥିଲେଛ ସର୍ଦ୍ଦାର ପଟେଲଙ୍କ ପାଇଁ ’ଏକ ଭାରତ, ଶ୍ରେଷ୍ଠ ଭାରତ’ର ଧାରଣା ସର୍ବୋପରି ଥିଲା । ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ଏହି କାରଣରୁ ସର୍ଦ୍ଦାର ପଟେଲଙ୍କ ଜନ୍ମବାର୍ଷିକୀ ସ୍ୱାଭାବିକ ଭାବରେ ଜାତୀୟ ଏକତାର ଏକ ମହାନ ପର୍ବ ପାଲଟିଛି ।

ସର୍ଦ୍ଦାର ପଟେଲ ଜାତିର ସାର୍ବଭୌମତ୍ୱକୁ ସର୍ବୋପରି ସ୍ଥାନ ଦେଇଥିଲେ । ତଥାପି, ସେ ଦୁଃଖ ପ୍ରକାଶ କରିଥିଲେ ଯେ ସର୍ଦ୍ଦାର ପଟେଲଙ୍କ ଦେହାନ୍ତ ପରେ ବର୍ଷଗୁଡ଼ିକରେ, ପରବର୍ତ୍ତୀ ସରକାରଗୁଡ଼ିକ ଜାତୀୟ ସାର୍ବଭୌମତ୍ୱ ପ୍ରତି ସମାନ ଗମ୍ଭୀରତା ପ୍ରଦର୍ଶନ କରି ନଥିଲେ । ସେ କାଶ୍ମୀରରେ ହୋଇଥିବା ଭୁଲ, ଉତ୍ତର-ପୂର୍ବରେ ଚ୍ୟାଲେଞ୍ଜ ଏବଂ ଦେଶସାରା ନକ୍ସଲ-ମାଓବାଦୀ ଆତଙ୍କବାଦର ପ୍ରସାରକୁ ଭାରତର ସାର୍ବଭୌମତ୍ୱ ପ୍ରତି ସିଧାସଳଖ ବିପଦ ଭାବରେ ଦର୍ଶାଇଥିଲେ । ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ ସର୍ଦ୍ଦାର ପଟେଲଙ୍କ ନୀତି ଅନୁସରଣ କରିବା ପରିବର୍ତ୍ତେ, ସେହି ସମୟର ସରକାରମାନେ ଏକ ମେରୁଦଣ୍ଡହୀନ ଆଭିମୁଖ୍ୟ ବାଛିଥିଲେ, ଯାହାର ପରିଣାମ ହିଂସା ଏବଂ ରକ୍ତପାତ ରୂପରେ ଦେଶ ବହନ କରିଥିଲା ।

## ‘ରନ୍ ଫର୍ ୟୁନିଟି’ର ଶୁଭାରମ୍ଭ

**ନୂଆଦିଲ୍ଲୀ:** କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ-୨୦୨୫ ଅବସରରେ ନୂଆଦିଲ୍ଲୀରେ ‘ରନ୍ ଫର୍ ୟୁନିଟି’ କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତ । ଶ୍ରୀ ଶାହ ମଧ୍ୟ ଜନସାଧାରଣଙ୍କୁ ଏକତା ଶପଥ ପାଠ କରାଇଥିଲେ । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ଡ. ମନସୁଖ ମାଣ୍ଡଭିୟ, ଦିଲ୍ଲୀର ଉପରାଜ୍ୟପାଳ ଭି. କେ. ସାକ୍ସେନା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାରଙ୍କ ସମେତ ଅନ୍ୟ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶ୍ରୀ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଆଜି ଆମ ସମସ୍ତଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିନ । ୨୦୧୪ ମସିହାରୁ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ଆମେ ସର୍ଦ୍ଦାର ପଟେଲଙ୍କ ସମ୍ମାନାର୍ଥେ ’ରନ ଫର ୟୁନିଟି’ ର ଆୟୋଜନ କରୁଛୁ । ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଛି ଏବଂ ଏହାକୁ ଧ୍ୟାନରେ ରଖି ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ଯେ, ଏହାକୁ ସାରା ଦେଶରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବେ ପାଳନ କରାଯିବା ଉଚିତ । ସର୍ଦ୍ଦାର ପଟେଲ ଭାରତର ସ୍ୱାଧୀନତା ଆନ୍ଦୋଳନ ସହିତ ସ୍ୱାଧୀନ ଭାରତର ବର୍ତ୍ତମାନର ମାନଚିତ୍ରକୁ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଶ୍ରୀ ଶାହ କହିଥିଲେ




ଯେ, ସର୍ଦ୍ଦାର ପଟେଲ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ନିଜର ବାରିଷ୍ଟର କ୍ୟାରିୟରକୁ ତ୍ୟାଗ କରିଥିଲେ । କୃଷକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ଆରମ୍ଭ ହୋଇଥିବା ୧୯୨୮ ମସିହାର ବାରଡୋଲି ସତ୍ୟାଗ୍ରହ ସମୟରେ ସର୍ଦ୍ଦାର ପଟେଲଙ୍କ ନେତୃତ୍ୱର ଗୁଣ ସ୍ପଷ୍ଟ ହୋଇଥିଲା । ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ କୃଷକମାନେ ସେମାନଙ୍କର ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ଏକ ଛୋଟ ସହରରେ ଯାହା ଆରମ୍ଭ ହୋଇଥିଲା ତାହା ଖୁବ୍ ଶୀଘ୍ର ଦେଶବ୍ୟାପୀ କୃଷକ ଆନ୍ଦୋଳନରେ ପରିଣତ ହୋଇଥିଲା, ଯାହା ଇଂରେଜମାନଙ୍କୁ ସେମାନଙ୍କ ଦାବି ମାନିବାକୁ ବାଧ୍ୟ କରିଥିଲା । ସେ କହିଥିଲେ ଯେ ଏହି ଆନ୍ଦୋଳନ ପରେ ମହାତ୍ମା ଗାନ୍ଧୀ ବଲ୍ଲଭଭାଇ ପଟେଲଙ୍କୁ ସର୍ଦ୍ଦାର ଉପାଧି ପ୍ରଦାନ କରିଥିଲେ ଏବଂ ସେବେଠାରୁ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାବେ ପରିଚିତ ହୋଇଥିଲେ ।

## ରାଜସ୍ଥାନରେ ଲାଗୁ ହେଲା ଧର୍ମାନ୍ତରୀକରଣ ବିରୋଧୀ ଆଇନ

**ଜୟପୁର :** ଗତ ମାସରେ ରାଜସ୍ଥାନ ବିଧାନସଭା ଦ୍ୱାରା ଗୃହୀତ ଧର୍ମାନ୍ତରୀକରଣ ବିରୋଧୀ ଆଇନ କାର୍ଯ୍ୟକାରୀ ହୋଇଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗ ନୂତନ ଧର୍ମାନ୍ତରୀକରଣ ଆଇନର ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିଛି । ଏହି ବିଜ୍ଞପ୍ତି ପରେ, ଧର୍ମାନ୍ତରୀକରଣ ସହିତ ଜଡିତ ମାମଲାଗୁଡ଼ିକ ଏବେ ନୂତନ ଆଇନ ଅନୁଯାୟୀ ପଞ୍ଜୀକୃତ ହେବ । କାର୍ଯ୍ୟକାରୀ ହୋଇଥିବା ଏହି ଆଇନ ଅନୁଯାୟୀ ସ୍ୱେଚ୍ଛାକୃତ ଧର୍ମାନ୍ତରୀକରଣ ପାଇଁ ମଧ୍ୟ ପୂର୍ବରୁ ସରକାରୀ ଅନୁମୋଦନ ଆବଶ୍ୟକ ହେବ। ତଥାପି, ଏହି ଆଇନ ସେମାନଙ୍କର ମୂଳ ଧର୍ମ, ହିନ୍ଦୁ ଧର୍ମକୁ ଫେରିବା ଲୋକଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ।



ବ୍ୟାପକ ବିରୋଧୀ ହଟ୍ଟଗୋଳ ମଧ୍ୟରେ ଚଳିତ ବର୍ଷ ସେପ୍ଟେମ୍ବର ୯ ତାରିଖରେ ରାଜସ୍ଥାନ ବିଧାନସଭାରେ ଧର୍ମାନ୍ତରୀକରଣ ବିରୋଧୀ ବିଲ୍ (ରାଜସ୍ଥାନ ବେଆଇନ ଧାର୍ମିକ ଧର୍ମାନ୍ତରୀକରଣ ନିଷେଧ ବିଲ୍ ୨୦୨୫) ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଥିଲା । ଏଥିରେ ଅନେକ କଠୋର ବ୍ୟବସ୍ଥା ଅଛ । ଯେଉଁ କୋଠାରେ ଗଣ ଧର୍ମାନ୍ତରୀକରଣ ହେଉଥିବ ତାହାକୁ ବୁଲଡୋଜର ସାହାଯ୍ୟରେ ଭାଙ୍ଗି ଦିଆଯାଇପାରିବ। ଏହି ଆଇନ ମୂଳ ଧର୍ମକୁ ଫେରିବା ମାମଲାରେ ପ୍ରଯୁଜ୍ୟ ହେବ ନାହିଁ ।ଅର୍ଥାତ ଯଦି କାହାର ପୂର୍ବପୁରୁଷ ସନାତନୀ ଥିଲେ ଏବଂ ସେମାନେ ଅନେକ ପିଢ଼ି ଧରି ଅନ୍ୟ ଧର୍ମ ପାଳନ କରିଆସୁଛନ୍ତି, ତେବେ ଏହାକୁ ଗୃହପ୍ରତ୍ୟାବର୍ତ୍ତନ ବୋଲି ବିବେଚନା କରାଯିବ ।

## ମନ୍ତ୍ରୀ ହେଲେ ଆଝାରୁଦ୍ଦିନ

**ହାଇଦ୍ରାବାଦ:** ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ଆଝାରୁଦ୍ଦିନ ଆଜି ତେଲଙ୍ଗାନା କ୍ୟାବିନେଟରେ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ରାଜଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଆଝାରୁଦ୍ଦିନ ମନ୍ତ୍ରୀ ଭାବେ ଶପଥ ନେବା ସହ ଦୀର୍ଘ ସମୟ ଧରି କ୍ୟାବିନେଟରେ ଖାଲି ଥିବା ପଦ ପୂରଣ ହୋଇଛି । ସେହିପରି ତେଲଙ୍ଗାନାର କଂଗ୍ରେସ ସରକାର କ୍ୟାବିନେଟରେ ପ୍ରଥମ ମୁସଲିମ ଚେହେରାକୁ ମଧ୍ୟ ସାମିଲ କରିବାକୁ ସକ୍ଷମ ହୋଇଛନ୍ତି । ତେବେ ଏହା ଉପରେ ପ୍ରଶ୍ନ ଉଠାଇଛି ବିରୋଧୀ ବିଜେପି । ନଭେମ୍ବର ୧୧ରେ ଜୁବିଲୀ ହିଲ୍ସ ଆସନରେ ଉପ ନିର୍ବାଚନ ହେବ । ଏହି ଆସନରେ ମୁସଲିମ ଭୋଟରଙ୍କ ଭାଗ ୩୦% । ତେଣୁ କଂଗ୍ରେସ ଜାଣିଶୁଣି ଆଝାରୁଦ୍ଦିନଙ୍କୁ ମନ୍ତ୍ରୀ କରିଥିବା ବିଜେପି ଅଭିଯୋଗ କରିଛି ।ଏନେଇ ବିଜେପି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଚିଠି ଲେଖାଯାଇଛି ।



## ଭାରତ ଏକ ପରିବର୍ତ୍ତନ ଦେଇ ଗତି କରୁଛି: ଡୋଭାଲ୍

**ନୂଆଦିଲ୍ଲୀ :** ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ କହିଛନ୍ତି ଯେ ଭାରତ ଏକ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ଏହାକୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ । ସେ ପଡ଼ୋଶୀ ଦେଶଗୁଡ଼ିକରେ ହୋଇଥିବା ବିଦ୍ରୋହ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ ।ଡୋଭାଲ କହିଛନ୍ତି ଯେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ଏବଂ ଅନ୍ୟାନ୍ୟ ଦେଶରେ କ୍ଷମତାର ଅସାମ୍ବିଧାନିକ ପରିବର୍ତ୍ତନ କୁଶାସନ ଯୋଗୁଁ ଘଟିଛି। ଡୋଭାଲ କହିଛନ୍ତି, ଏକ ଦେଶ ଶକ୍ତିଶାଳୀ ହେଉ କି ଦୁର୍ବଳ, ଏହା ପ୍ରକୃତରେ ଏହାର ସରକାରଙ୍କ ଶକ୍ତି । ଯେତେବେଳେ ସରକାର ଦୁର୍ବଳ ଏବଂ ଆତ୍ମ-ପ୍ରେରିତ ହୁଅନ୍ତି, ଫଳାଫଳ ସମାନ । ସରକାର ସଂସ୍ଥା ମାଧ୍ୟମରେ କାମ କରନ୍ତି । ରାଷ୍ଟ୍ର ନିର୍ମାଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରକ ହେଉଛି ସେହି ଲୋକମାନେ ଯେଉଁମାନେ ଏହି ସଂସ୍ଥାଗୁଡ଼ିକୁ ସୃଷ୍ଟି କରନ୍ତି । ମହାନ ସାମ୍ରାଜ୍ୟ, ରାଜତନ୍ତ୍ର, ଅଭିଜାତତନ୍ତ୍ର କିମ୍ବା ଗଣତନ୍ତ୍ରର ଉତ୍ଥାନ ଏବଂ ପତନ ସରକାରଙ୍କ ଯୋଗୁଁ ହୁଏ । ଏନଏସଏ ଅଜିତ ଡୋଭାଲ କହିଛନ୍ତି, ମୁଁ ବିଶ୍ୱାସ କରେ ଯେ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଷ୍ଟ୍ରର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏହାର ଲକ୍ଷ୍ୟ ହାସଲ କରିବା ସରକାରଙ୍କ ଦାୟିତ୍ୱ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଆମେ ୨୦୨୫ରେ ସର୍ଦ୍ଦାର ପଟେଲଙ୍କୁ ପୁନଃନିର୍ମାଣ କରୁ । ଆଜି ଭାରତରେ ତାଙ୍କର ଦୃଷ୍ଟିକୋଣ ପୂର୍ବ ଅପେକ୍ଷା ଅଧିକ ଆବଶ୍ୟକ ।



## ଇସ୍ରାଏଲ ରକ୍ତମୁଖା: ୩୦ ମୃତଦେହ ପଠାଇଲା

**ଗାଜା:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଘୋଷିତ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ବିରତି ପୁଣି ଥରେ ଗାଜାରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି ଓ ବନ୍ଧୁକ ଗର୍ଜୁଛି । ହମାସ ପକ୍ଷରୁ ୨ ବନ୍ଧକଙ୍କ ମୃତଦେହ ପଠାଯିବା ପରେ ରକ୍ତମୁଖା ହୋଇପଡ଼ିଛି ଇସ୍ରାଏଲ । ମୃତଦେହ ଜବାବରେ ଇସ୍ରାଏଲ ୩୦ ପାଲେଷ୍ଟିନୀୟଙ୍କ ମୃତଦେହ ପଠାଇଛି ।ଏହା ପରିସ୍ଥିତିକୁ ଏକ ବିସ୍ଫୋରକ ମୋଡ଼ ଦେଇଛି । ଏହାକୁ ଦୁଇ ପକ୍ଷ ମଧ୍ୟରେ ଏକ ନୂତନ ମୃତଦେହ ଯୁଦ୍ଧ ଭାବରେ ଦେଖାଯାଉଛି ।

ହମାସ ଦ୍ୱାରା ବନ୍ଧକଙ୍କୁ ଫେରାଇବାରେ ବିଳମ୍ବ ହେବା ପରେ ଇସ୍ରାଏଲୀ ସେନା ସମ୍ପ୍ରତି ଗାଜା ଉପରେ ଏକ ବଡ଼ ଆକ୍ରମଣ ଆରମ୍ଭ କରିଥିଲା । ଶହ ଶହ ଲୋକ ନିହତ ହୋଇଥିଲେ । ଏହା ପରେ, ଗାଜା ଅସ୍ତ୍ରବିରତି ଭଙ୍ଗ ହୋଇଥିଲା । ଇସ୍ରାଏଲ ହମାସକୁ ଜାଣିଶୁଣି ବନ୍ଧକଙ୍କ ଫେରାଇବାରେ ବିଳମ୍ବ କରୁଥିବା ଅଭିଯୋଗ କରିଥିଲା । ଏହା ପରେ ମୃତଦେହ ଫେରାଇବା ପରେ ଇସ୍ରାଏଲ କ୍ଷୁବଧ ହୋଇଥିଲା । ଗାଜା ହସ୍ପିଟାଲର ଜଣେ ଅଧିକାରୀଙ୍କ ଅନୁଯାୟୀ, ହମାସର କାର୍ଯ୍ୟରେ ବିରକ୍ତ ହୋଇ ଇସ୍ରାଏଲ ୩୦ ଜଣ ପାଲେଷ୍ଟାଇନୀଙ୍କ ମୃତଦେହ ହମାସକୁ ହସ୍ତାନ୍ତର କରିଛି, ଯାହା ଗାଜାରେ ଉତ୍ତେଜନା ବୃଦ୍ଧି କରିଛି । ଗାଜାରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲକୁ ଦୁଇ ବନ୍ଧକଙ୍କ ମୃତଦେହ ହସ୍ତାନ୍ତର କରିବାର ଗୋଟିଏ ଦିନ ପରେ ମୃତଦେହ ହସ୍ତାନ୍ତର କରାଯାଇଛି ।




## ଝିଅ ବାହାଘରରେ କ୍ୟୁଆର୍ କୋଡ୍ ପିନ୍ଧି ବୁଲିଲେ ବାପା

**ତିରୁବନନ୍ତପୁରମ୍:** ଭାରତୀୟ ବିବାହର ସୌନ୍ଦର୍ଯ୍ୟ ହେଉଛି ସେହି ବାହାଘରରେ ପାଳନ ହେଉଥିବା ରୀତିନୀତି । ସେଇଥିପାଇଁ ତ ଅନେକ ବିଦେଶୀ ଆସି ଭାରତୀୟ ଶୈଳୀରେ ବିବାହ କରିବାକୁ ପସନ୍ଦ କରନ୍ତି । ଆମ ଦେଶର ବାହାଘରରେ ଅତିଥିମାନେ ଉପସ୍ଥିତ ରହି ଭୋଜି ଖାଇ ବର-କନ୍ୟାଙ୍କୁ ଆଶୀର୍ବାଦସ୍ୱରୁପ କିଛି ନା କିଛି ଉପହାର ଦେଇଥାନ୍ତ । କେହି କେହି ଲଫାପାରେ ପୂରାଇ ଟଙ୍କା ଦେଇଥାନ୍ତି । ମାତ୍ର ଯୁଗ ବଦଳୁଛି, ଯୁଗ ସହ ଲୋକଙ୍କ ଚିନ୍ତାଧାରା ବି ବଦଳୁଛ । ନିକଟରେ ଭାଇରାଲ୍ ହୋଇଥିବା ଏକ ଭିଡିଓ ବଦଳୁଥିବା ଯୁଗର ଜ୍ୱଳନ୍ତ ଉଦାହରଣ । କେରଳର ଜଣେ ବ୍ୟକ୍ତି ତାଙ୍କ ଝିଅର ବିବାହରେ ତାଙ୍କ ସାର୍ଟରେ ପେଟିଏମର କ୍ୟୁଆର କୋଡ ଷ୍ଟିକର ପିନ୍ଧିବାକୁ ନିଷ୍ପତ୍ତି ନେଇଥିଲେ । ଯାହାକୁ ଏକ ନୂତନ ବିବାହ



ଧାରା ବୋଲି କୁହାଯାଉଛ । ଏହି କ୍ଷେତ୍ରରେ ଲୋକମାନେ ନବବିବାହିତ ଦମ୍ପତିଙ୍କୁ ଡିଜିଟାଲ ଭାବରେ ’ସଗୁନ୍’ (ଆଶୀର୍ବାଦ) ହସ୍ତାନ୍ତର କରୁଥିବାର ଦେଖାଯାଇଥିଲା । ଏହା ଡିଜିଟାଲ୍ କାରବାର ଉପରେ ଭାରତର ବଢୁଥିବା ର୍ନିଭରଶୀଳତାକୁ ମଧ୍ୟ ଦର୍ଶାଏ । ଭାଇରାଲ୍ ଭିଡିଓଟି ଏକ ବିବାହ ଉତ୍ସବ ଦୃଶ୍ୟ ସହିତ ଆରମ୍ଭ ହୁଏ ଏବଂ ତା’ପରେ କ୍ୟାମେରା ଜଣେ ବ୍ୟକ୍ତିଙ୍କ ଉପରେ ପଡ଼େ । ଯିଏ ତାଙ୍କ ସାର୍ଟ ପକେଟରେ କ୍ୟୁଆର କୋଡ ପେଷ୍ଟ କରି ଠିଆ ହୋଇଛନ୍ତି । ବ୍ୟକ୍ତି ହସି ହସି ଅତିଥିମାନେ ଆସିବା ସମୟରେ କ୍ୟୁଆର କୋଡ ଆଡ଼କୁ ଇଙ୍ଗିତ କରନ୍ତି । ଭିଡିଓଟି ଇଣ୍ଟରନେଟରେ ମିଶ୍ରିତ ପ୍ରତିକ୍ରିୟା ସାଉଁଟିଛି ।କେତେକ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ହସିଥିଲେ ଏବଂ ଅନ୍ୟ କେହି କେହି ଏହାକୁ ସମାଲୋଚନା କରିଥିଲେ ।

## ହକିକୁ ୧୦୦ ବର୍ଷ




ଭୁବନେଶ୍ୱର,୩୧।୧୦(ସବ୍ୟୁ): ନଭେମ୍ବର ୭, ୨୦୨୫ରେ ଭାରତୀୟ ହକି ଏହାର ଶତବାର୍ଷିକୀ ପାଳନ କରିବ। ୧୯୨୫ ମସିହା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଫେଡେରେସନ ଆନ୍ତର୍ଜାତୀୟ ହକି ଫେଡେରେସନ ସହିତ ଜଡିତ ହୋଇଥିଲା। ଭାରତୀୟ ହକିର ଶତବାର୍ଷିକୀ ଅବସରରେ କାଲିକଟର ମାଲାବାର ଖ୍ରୀଷ୍ଟିଆନ କଲେଜର ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବଶିଷ୍ଟଙ୍କ ଦ୍ୱାରା ଏକ ପୁସ୍ତିକା ପ୍ରସ୍ତୁତ କରାଯାଇଛି।

ଏହି ପୁସ୍ତିକାଟି ଭାରତୀୟ ହକିର ଇତିହାସ ବିଷୟରେ ଏକ ଅନ୍ତର୍ଦୃଷ୍ଟି ପ୍ରଦାନ କରେ। ପୁସ୍ତିକାଟିରେ ଅଲିମ୍ପିକ୍ସ, ବିଶ୍ୱକପ୍, ଏସୀୟ କ୍ରୀଡ଼ା, ଏଚଆଇଏଲ ଲିଗ୍, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତ୍ୟାଦିରେ ଭାରତୀୟ ହକି ଦଳର ସଫଳତା ବିଷୟରେ ସୂଚନା ଦିଆଯାଇଛି। ପୁସ୍ତିକାଟି ମେଜର ଧ୍ୟାନ ଚାନ୍ଦଙ୍କଠାରୁ ଶ୍ରୀଜେଶଙ୍କ ପର୍ଯ୍ୟନ୍ତ ଭାରତୀୟ ହକିର କିମ୍ବଦନ୍ତୀମାନଙ୍କୁ ମନେ ପକାଯାଇଛି। 'ଜାତୀୟ ସମନ୍ୱୟ ପାଇଁ ହକି' ବାର୍ତ୍ତା ପ୍ରଚାର କରିବା ଲାଗି ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି।

## ମନ ଭାଙ୍ଗିଗଲା ଆଉ ବିଶ୍ୱକପ୍ ଖେଳିବେନି

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଅଷ୍ଟ୍ରେଲିଆକୁ ଧରାଶାୟୀ କରି ୮ ବର୍ଷ ଭାରତ ଫାଇନାଲରେ ପ୍ରବେଶ କରିଛି। ଭାରତର ଏହି ବିଜୟ ଅଷ୍ଟ୍ରେଲିଆ ଶକ୍ତ ଧକ୍କା ଦେଇଛି। ଦୁଇ ସିନିୟର ଖେଳାଳି ଏଲିସା ହେଲି ଓ ଏଲିସା ପେରି ଆଉ ବିଶ୍ୱକପ ଖେଳିବେ ନାହିଁ ବୋଲି କହିଛନ୍ତି। ସେମାନେ ପରୋକ୍ଷରେ ଅବସର ନେବା ସମ୍ପର୍କରେ ସୂଚନା ଦେଇଛନ୍ତି। ଭାରତ ବିପକ୍ଷରେ ଅନେକ ସୁଯୋଗ ଥିଲା। କିନ୍ତୁ ଏହାର ଫାଇଦା ଆମେ ଉଠାଇ ପାରିଲୁ ନାହିଁ ବୋଲି ହେଲି କହିଛନ୍ତି। ଆଗକୁ ଦିନକିଆ କ୍ରିକେଟ ଖେଳିବେ କି ନାହିଁ ତାହା ମଧ୍ୟ ସନ୍ଦେହରେ ରହିଛି। ହେଲି ୧୨୩ ମ୍ୟାଚରେ ୩,୫୬୩ ରନ୍ କରିଛନ୍ତି। ସେହିପରି ପେରିଙ୍କ ମଧ୍ୟ ଏହା ଶେଷ ବିଶ୍ୱକପ। ଫାଇନାଲକୁ ଯାଇନପାରିବା ନିଶ୍ଚିତ ଭାବେ ଦୁଃଖଦାୟକ ବୋଲି ସେ କହିଛନ୍ତି।

# ଆଞ୍ଜାଇଟ୍ ସହ ସଂଘର୍ଷ... କାନ୍ଦିଲେ କନ୍ଦାଇଲେ



ନୂଆଦିଲ୍ଲୀ, (ଶକ୍ତି ପ୍ରକାଶ ନନ୍ଦ): ଚାପ ସହ ସମାଲୋଚନା ପୁଣି ଦଳକୁ ଫେରିବା ନେଇ ଦ୍ୱନ୍ଦ୍ୱ। ଆଞ୍ଜାଇଟ୍ ରୋଗ ସହ ସଂଘର୍ଷ, ରିଲ ପାଇଁ ବାରମ୍ବାର ଟ୍ରୋଲ। ଏଭଳି ଅନେକ କଥା ଭିତରେ ଜେମିମାଙ୍କ ଜୀବନ ଯେମିତି ରୁଦ୍ଧି ହୋଇଯାଇଥିଲେ। କିନ୍ତୁ ସେ ହାର ମାନି ନଥିଲେ। ଗୋଟିଏ ଇନିଂସ ତାଙ୍କୁ କିମ୍ବଦନ୍ତୀ ସଜାଇ ଦେଇଛି। ଠିକ୍ ଯେମିତି କପିଲ ଦେବଙ୍କ ଭଳି। ସମସ୍ତଙ୍କ ମୁହଁରେ କେବଳ ଜେମିମାଙ୍କ ପ୍ରଶଂସା। ଦୁଇଟି ମ୍ୟାଚରେ ସେ ଖାତା ଖୋଲିପାରିନଥିଲେ। କିନ୍ତୁ ସେମିଫାଇନାଲରେ ଲୟକୁ ଫେରି ଭାରତକୁ ଫାଇନାଲରେ ପହଁଞ୍ଚାଇଦେଲେ। ଜେମିମାଙ୍କ ବ୍ୟାଟିଂ ବିଚକ୍ଷଣତା ଦେଖି ବିଶ୍ୱ କ୍ରୀଡାପ୍ରେମୀ ତାଜୁବ ହୋଇଯାଇଛନ୍ତି। ବିଶ୍ୱକପ ଦଳରେ ଅଛନ୍ତି କିନ୍ତୁ ଭଲ ଖେଳିପାରୁନାହାନ୍ତି। ଏଥିପାଇଁ ପ୍ରତିଦିନ ପ୍ରତି ମୂହୁର୍ତ୍ତରେ କାନ୍ଦୁ ଥିଲେ। କିନ୍ତୁ ପଛକୁ ଫେରିନଥିଲେ। ଏବେ ସବୁ କ୍ରୀଡାପ୍ରେମୀଙ୍କ ସେ ଆଇକନ ପାଲଟି ଯାଇଛନ୍ତି। ଗତ ଗୁରୁବାର ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ବିଶ୍ୱକପର ସେମିଫାଇନାଲ ମ୍ୟାଚ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳଯାଇଥିଲା। ୭ଥର ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ଦଳ ଉପରେ ଭାରତ ଝିଅ ଜେମିମା ରୋଡ୍ରିଗୁଏଜ ଏକାକୀ ଭାରି ପଡିଥିଲେ। ଏହା କେବଳ ଜେମିମାଙ୍କ ସଫଳତା ନଥିଲା ବରଂ ଅଦମ୍ୟ ସାହାସ ଆବେଗ ଓ ଆତ୍ମନିର୍ଭରରେ ଏକ ବଳିଷ୍ଠ ଉଦାହରଣ ହୋଇ ଦୀର୍ଘ ସମୟ ରହିବ।

ମହିଳା ବିଶ୍ୱକପ ସେମିଫାଇନାଲର ରୋମାଞ୍ଚକର ମ୍ୟାଚରେ ଭାରତୀୟ ମହିଳା ଦଳ ୫ ୱିକେଟରେ ଚମକପ୍ରଦ ବିଜୟ ହାସଲ କରି ଫାଇନାଲରେ ପହଞ୍ଚି ଯାଇଛି। ଏହି ମ୍ୟାରେ ଅଷ୍ଟ୍ରେଲିଆ ୫୦ ଓଭରରେ ୩୩୮ ରନର ବିଶାଳ ସ୍କୋର କରିଥିଲା। ୩୩୯ ରନର ବିଜୟଲକ୍ଷ୍ୟକୁ ଭାରତ ଆହୁରି ୯ଟି ବଲ ବାକିଥାଇ ପକେଟସ୍ଥ କରିନେଇଥିଲା। ବିଶ୍ୱକପ ଇତିହାସରେ ଏହା ସବୁଠାରୁ ବଡ଼ ରନକୁ ପିଛା କରି ବିଜୟ। ଭାରତ ପକ୍ଷରୁ ଜେମିମା ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ତେଣୁ ମ୍ୟାଚ ବିଜୟର ଅସଲ ନାଇକା ଏବେ ଜେମିମା।

ନିଜ ଜୀବନଶୈଳୀ ସମ୍ପର୍କରେ ଜେମିମା ଯାହା କହିଛନ୍ତି ତାହା ସମସ୍ତଙ୍କୁ ଚକିତ କରିଦେଲା। ଗତ ବିଶ୍ୱକପରେ ବାଦ ପଡିବା ପରେ ସେ ଆଞ୍ଜାଇଟି ସହ ସଂଘର୍ଷ କରିଥିଲେ। ପ୍ରତିଦିନ କାନ୍ଦୁ ଥିଲେ। ଜେମିମାଙ୍କୁ ରିଲ ଯୋଗ୍ୟ ଖେଳାଳି ବୋଲି ସୋସିଆଲ ମିଡ଼ିଆରେ ବହୁବାର ଟ୍ରୋଲ କରାଯାଇଛି। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ସେ ଯେଉଁଭଳି ବିସ୍ଫୋରକ ପ୍ରଦର୍ଶନ ଦେଖାଇଲେ ତାହା ତାଙ୍କ ପରିଚୟକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଭାରତକୁ ବିଶ୍ୱକପର ସବୁଠୁ ବଡ଼ ରନକୁ ପିଛା କରି ବିଜୟ ଦେବାରେ ସେ ସାଜିଥିଲେ ଲୌହ ମାନବୀ।

ଗତ ବିଶ୍ୱକପରେ ବାଦ ପଡିବା ପରେ ତାଙ୍କ ପରିସ୍ଥିତି ବାରମ୍ବାର ଖରାପ ହୋଇଥିଲା। ଚଳିତ ବିଶ୍ୱକପରେ ମଧ୍ୟ ଦୁଇଟି ମ୍ୟାଚରେ ସେ ଖାତା ଖୋଲିପାରିନଥିଲେ। ଏପରି ସ୍ଥିତିରେ ସେମିଫାଇନାଲରେ ପୁଣି ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଶତକୀୟ ଇନିଂସ ଖେଳିବା ତାଙ୍କ ଆତ୍ମବିଶ୍ୱସାକୁ ଦ୍ୱିଗୁଣିତ କରିବା ସହ ସ୍ୱତନ୍ତ୍ରତା ଦେଇଛି। ମ୍ୟାଚ ବିଜୟ ପରେ ଖରାପ ଫର୍ମ ଓ ମାନସିକ ଚାପ ପାଇଁ ନୁହେଁ ବରଂ ବିଜୟର ଉଲ୍ଲାସରେ ଢ଼େର କାନ୍ଦିଥିଲେ।



ବିଜୟ ପରେ ଜେମିମା ଭାବପ୍ରବଣ ହୋଇଯାଇଥିଲେ। ବାପା ମା, ପ୍ରଶିକ୍ଷକ ଏବଂ ମୋ ଉପରେ ବିଶ୍ୱାସ କରିଥିବା ସମସ୍ତଙ୍କ ପ୍ରତି ମୁଁ କୃତଜ୍ଞ।




ଗୋଟିଏ ମାସ ମୋ ପାଇଁ ଅତ୍ୟନ୍ତ କଷ୍ଟକର ଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ବିଜୟ ମୋ ପାଇଁ ସ୍ୱପ୍ନ ପରି ହୋଇଛି। ମୁଁ ଏବେ ବିଶ୍ୱାସ କରିପାରୁନାହିଁ ଯେ, ଆମେ ତୃତୀୟଥର ପାଇଁ ବିଶ୍ୱକପ ଫାଇନାଲ ଖେଳିବାକୁ ଯାଉଛୁ। ସେ ସେମିରେ ନଂ.୩ ବ୍ୟାଟିଂ କରିବେ ବୋଲି ଜାଣିନଥିଲେ। ପଡ଼ିଆରେ ରନ ପାଇଁ ନୁହେଁ, ଦଳକୁ ଜିତାଇବା ଲକ୍ଷ୍ୟ ନେଇ ଲଢ଼ି ଥିଲେ ଜେମିମା। ଦଳର ଐତିହାସିକ ବିଜୟ ପରେ ଜମିମାଙ୍କ ଏକ ଭିଡ଼ିଓ ଖୁବ୍ ଜୋରରେ ଭାଇରାଲ ହେଉଛି। ଏହି ଭିଡ଼ିଓରେ ଦେଖାଯାଇଛି ଯେ, ବାପାଙ୍କୁ ଜାବୁଡି ଧରି କୁନି ପିଲାଙ୍କ ପରି ଖୁବ୍ କାନ୍ଦୁ ଥିଲେ। କିନ୍ତୁ ଏହି ଲୁହ ଉଭୟ ବାପା ଓ ଝିଅଙ୍କର ଆନନ୍ଦର ଅଶ୍ରୁ ଥିଲା। ଜେମିମାଙ୍କ ବାପା ଝିଅକୁ ଜଣେ କ୍ରିକେଟର କରିଥିଲେ। ତାଙ୍କର ଆଶା ଥିଲା ଝିଅ ଦିନେ ଦେଶର ନାଁ ରଖିବ। ବାପାଙ୍କ ସ୍ୱପ୍ନ ବି ପୂରଣ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଝିଅ ଜେମିମା ବୋଲରଙ୍କୁ ଧରାଶାୟୀ କରି ଦଳ ମୁଣ୍ଡରେ ବିଜୟ ଶିଖା ପିନ୍ଧାଇଛି। ଝିଅର ସବୁ ସ୍ୱପ୍ନ ସାକାର ହୋଇଛି। ବାପା ଓ ଝିଅ ସେମାନଙ୍କ ଭାବନାକୁ ନିୟନ୍ତ୍ରଣ କରିପାରିନଥିଲେ। ମ୍ୟାଚ ପରେ ତାଙ୍କ କଥା ପ୍ରତ୍ୟେକ କ୍ରିକେଟ ପ୍ରଶଂସକଙ୍କ ହୃଦୟକୁ ଛୁଇଁ ଥିଲା। ଆଗାମୀ ରବିବାର ମୁମ୍ବାଇରେ ଭାରତ ଓ ଦ.ଆଫ୍ରିକା ମଧ୍ୟରେ ମହାଲଢ଼େଇ ହେବ। ୨୫ ବର୍ଷର ବ୍ୟବଧାନ ପରେ ଦୁନିଆ ଦେଖିବ ନୂଆ ବିଜେତା। ପୂର୍ବରୁ ଭାରତ ଦୁଇଥର ଫାଇନାଲ ଖେଳି ସାରିଛି। କିନ୍ତୁ ଚାମ୍ପିଅନ ହେବାର ସୌଭାଗ୍ୟ ମିଳିନି। ଦ.ଆଫ୍ରିକା ମଧ୍ୟ ପ୍ରଥମଥର ମହିଳା ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି। ତେଣୁ ରବିବାର ଭାରତ ହିଁ ଚାମ୍ପିଅନ ହେବ ବୋଲି କ୍ରୀଡାପ୍ରେମୀ ଆଶା ରଖିଛନ୍ତି।

# ମେଲବୋର୍ଣ୍ଣରେ ଇଣ୍ଡିଆ ଫ୍ଲପ

ମେଲବୋର୍ଣ୍ଣ,୩୧।୧୦(ଏଜେନ୍ସି): ମେଲବୋର୍ଣ୍ଣ ଟି-୨୦ରେ ଟିମ୍ ଇଣ୍ଡିଆ ଫ୍ଲପ୍ ମାରିଛି। ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ଧୋଇ ଯାଇଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚରେ ଭାରତୀୟ ଖେଳାଳିଙ୍କ ଦୟନୀୟ ପ୍ରଦର୍ଶନ ଦଳ ପରାଜୟର କାରଣ ସାଜିଛି। ଭାରତ ୧୮.୪ ଓଭରରେ ୧୨୫ ରନ୍ କରି ଅଲ୍ଆଉଟ୍ ହୋଇଥିଲା। ଏକମାତ୍ର ଖେଳାଳି ଭାବେ ଅଭିଶେକ ଶର୍ମା ୬୮ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହି ବିଜୟଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୧୩.୨ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ବିଜୟ ସହ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ୧୩ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆର ଜୋସ ହାଜଲେ ଉଡଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତେଣୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ଭାରତ। ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଭଲ ଖେଳିଥିବା ସୂର୍ଯ୍ୟ କୁମାର ଯାଦବ, ଶୁଭମନ ଗିଲ ଓ ଅଭିଶେକ ଶର୍ମାଙ୍କ ଉପରେ ସଭିଙ୍କ ନଜର ଥିଲା। କିନ୍ତୁ ଆରମ୍ଭରୁ ଭାରତୀୟ ବ୍ୟାଟରଙ୍କ ଦାୟିତ୍ୱହୀନ ପ୍ରଦର୍ଶନ ଦଳକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ୭.୩ ଓଭରରେ ଦଳୀୟ ସ୍କୋର ୪୯ ବେଳେ ଭାରତ ୫ ୱିକେଟ୍ ହରାଇଥିଲା। ଓପନର ଶୁଭମନ ଗିଲ, ସଞ୍ଜୁ ସାମସନ, ସୂର୍ଯ୍ୟ କୁମାର ଯାଦବ, ତିଲକ ବର୍ମା ଏବଂ ଅକ୍ଷର ପଟେଲ ପାଭିଲିୟନ ଫେରିଯାଇଥିଲେ। ଗିଲ ମାତ୍ର ୫ ରନ୍ କରିଥିବା ବେଳେ ହାଜଲେ ଉଡଙ୍କ ବଲରେ ମାର୍ସଙ୍କ ହାତରେ ଧରାପଡିଥିଲେ। ପରେ ପରେ ସଞ୍ଜୁ ସାମସନ ୨, ଅଧିନାୟକ ସୂର୍ଯ୍ୟ କୁମାର ୧, ତିଲକ ବର୍ମା ୦, ଅକ୍ଷର ପଟେଲ ୭ ରନ୍ କରି ଆଉଟ୍ ହୋଇଥିଲେ। ଏକାକୀ ଅଭିଶେକ ଶର୍ମା ଲଢ଼ି ଥିଲେ। ସେ ୩୭ ବଲର ସମ୍ମୁଖୀନ ହୋଇ ୮ଟି ଚୌକା ଓ ୨ଟି ଛକା ସହାୟତାରେ ୬୮ ରନ୍ କରିଥିଲେ। ଶେଷ ଭାଗରେ ହର୍ସିତ ରାଣା ୩୩ ବଲରୁ ୩୫ ରନ୍ କରିବାରୁ ଦଳୀୟ ସ୍କୋର ୧୨୫ ରନରେ ପହଞ୍ଚି ପାରିଥିଲା। ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ତିଲକ ବର୍ମା ବିନା ସ୍କୋରରେ ଆଉଟ ହୋଇଥିବା ବେଳେ କେବଳ ଦୁଇ ଜଣ ଖେଳାଳି ଦୁଇ ଅଙ୍କ ଟପି ଥିଲେ। ଦଳର ବ୍ୟାଟିଂ ବିଫଳତା ଯୋଗୁଁ ବଡ଼ ସ୍କୋର କରିବାକୁ ସମର୍ଥ ହୋଇନଥିଲା ଭାରତ। ବୋଲିଂରେ ଅଷ୍ଟ୍ରେଲିଆର ଜୋସ ହାଜଲେଉଡ ୪ ଓଭରରେ ୧୩ ରନ୍ ଦେଇ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜାଭିୟର ବାର୍ଟଲେଟ୍, ନାଥନ ଏଲିସ୍ ଦୁଇଟି ଲେଖାଏଁ ଏବଂ ମାର୍କସ ଷ୍ଟୋଇନିସଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା।

୧୨୬ ରନର ବିଜୟଲକ୍ଷ୍ୟ ଅଷ୍ଟ୍ରେଲିଆ ପାଇଁ ସହଜ ଥିଲେ ବି ୬ ୱିକେଟ୍ ହରାଇବାକୁ ପଡିଥିଲା। ଅବଶ୍ୟ ଆରମ୍ଭରୁ ହିଁ ଅଷ୍ଟ୍ରେଲିଆ ୪.୩ ଓଭରରେ ୫୧ ରନ୍ ସଂଗ୍ରହ କରିନେଇଥିଲା। ମିଚେଲ ମାର୍ସ ୨୬ ବଲରୁ ୪୬, ଟ୍ରେଭିସ ହେଡ ୧୫ ବଲରୁ ୨୮, ଜୋଶ ଇଂଲିଶ ୨୦ ଓ ମିଚେଲ ଓଏନ୍ ୧୪ ରନ୍ କରି ଦଳକୁ ଶୀଘ୍ର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥିଲେ। ଦ୍ରୁତ ବୋଲର ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ ଦୁଇଟି କରି ୱିକେଟ୍ ସଫଳତା ହାସଲ କରିଥିଲେ। ୫ ବର୍ଷ ପରେ ପ୍ରଥମଥର ଅଷ୍ଟ୍ରେଲିଆ ଭାରତକୁ ନିଜ ଘରୋଇ ମାଟିରେ ଟି-୨୦ ମ୍ୟାଚରେ ପରାସ୍ତ କରିଛି। ଶେଷଥର ପାଇଁ ୨୦୨୦ରେ ସିଡନୀରେ ଭାରତକୁ ହରାଇଥିଲା। ଏହା ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ଟି-୨୦ରେ ୧୨ତମ ବିଜୟ।




## କ୍ରୀଡାକୁ ଫେରିବା କର୍ମଶାଳାରେ ମୁକ୍ତି ପ୍ରସାଦ




ଭୁବନେଶ୍ୱର,୩୧।୧୦(ସବ୍ୟୁ): ତାମିଲନାଡୁର କ୍ରୀଡାବିକାଶ କର୍ତ୍ତୃପକ୍ଷ ଉଚ୍ଚପ୍ରଦର୍ଶନ ପରିଚାଳକ ଡ.ସାଜୁଙ୍କ ସହ ଜର୍ମାନୀର ପ୍ରଶିକ୍ଷକ ଜୋର୍ଗ ଟେକମ୍ୟାନଙ୍କ ଦ୍ୱାରା ପରିଚାଳିତ। କ୍ରୀଡାକୁ ଫେରିବା କର୍ମଶାଳାରେ ଯୋଗ ଦେଇଥିଲେ ଓଡ଼ିଶାର କ୍ରୀଡା ଫିଜିଓ ଥେରାପିଷ୍ଟ ମୁକ୍ତି ପ୍ରସାଦ ଦାସ। ସେ ଏହି ଜାତୀୟସ୍ତରର କାର୍ଯ୍ୟକ୍ରମରେ ଏକମାତ୍ର ଓଡ଼ିଆ ଅଂଶଗ୍ରହଣ ଥିଲେ। ତାଙ୍କ ପାଇଁ ଉତ୍କୃଷ୍ଟ ପ୍ରଶିକ୍ଷଣ ଅଭିଜ୍ଞତା ଏବଂ କ୍ରୀଡା ପୁର୍ନବାସ ଅଭ୍ୟାସରେ ଏକ ମୂଲ୍ୟବାନ ପଦକ୍ଷେପ ହୋଇସାରିଛି। ବିଶେଷକରି ଆଣ୍ଠୁ ଅସ୍ତ୍ରୋପ୍ରଚାର ପରବର୍ତ୍ତୀ ପୁନରୁଦ୍ଧାର ଏବଂ ଖେଳକୁ ଫେରିବା ପରିଚାଳନା ଆଦିର ନୂଆ କଳାକୌଶଳ ସେ ଶିକ୍ଷା କରିଛନ୍ତି।

## ଶୁଭେଚ୍ଛା ଜଣାଇଲେ କୋହଲି

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି): ମହିଳା ବିଶ୍ୱକପ୍ ଫାଇନାଲରେ ଭାରତ ପହଞ୍ଚିବା ପରେ ଭାରତୀୟ ମହିଳା ଦଳର ପ୍ରଭାବୀ ପ୍ରଦର୍ଶନକୁ ପ୍ରଶଂସା କରାଯାଉଛି। ଏହି ଧାରାକୁ ବାଦ ପଡ଼ିନାହାନ୍ତି ପୂର୍ବତନ ଅଧିନାୟକ ବିରାଟ କୋହଲି। ମହିଳା ବିଗ୍ରେଡଙ୍କ ବିଜୟ ନେଇ ହୃଦୟସ୍ପର୍ଶୀ ପୋଷ୍ଟ କରିଛନ୍ତି କୋହଲି। ଅଷ୍ଟ୍ରେଲିଆ ଭଳି ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦୀ ଉପରେ ଆମ ଦଳର ଅବାସ୍ତବ ବିଜୟ ବୋଲି କୋହଲି ଟ୍ୱିଟରରେ ଲେଖିଛନ୍ତି। ମହିଳା ଦଳ ଜବରଦସ୍ତ ରନ ଚେଜ କରିଥିଲେ। ଖାସ କରି ଜେମିମା ବଡ଼ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସାହାସ ଆତ୍ମବିଶ୍ୱାସ ଓ ଆବେଗର ପ୍ରକୃତ ପ୍ରଦର୍ଶନ ଭଲ ଖେଳିଛି ଟିମ୍ ଇଣ୍ଡିଆ। କିନ୍ତୁ ଜେମିମା ସବୁଠାରୁ ପ୍ରଭାବଶାଳୀ ଥିଲେ। ଚାପରେ ଚମତ୍କାର ବ୍ୟାଟିଂ କରି ଦଳକୁ ବିଜୟୀ କରାଇଥିଲେ।



## ଓଡ଼ିଶାର ୩ ପ୍ରତିଯୋଗୀଙ୍କ ଥାଇଲାଣ୍ଡ ଗସ୍ତ

ଭୁବନେଶ୍ୱର,୩୧।୧୦(ସବ୍ୟୁ): ଥାଇଲାଣ୍ଡର ବ୍ୟାଙ୍କକରେ ନଭେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଜୁଜିଟସୁ ପ୍ରତିଯୋଗିତା ଆୟୋଜିତ ହେବ। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଓଡ଼ିଶାର ଅନ୍ତର୍ଜାତୀୟ କ୍ରୀଡାବିତ ଅନୁପମା ସ୍ୱାଇଁ, ସ୍ୱରାଜ ଜାନୀ ଓ ଅମରେଶ୍ୱର ସ୍ୱାଇଁ ଦିଲ୍ଲୀ ହୋଇ ଥାଇଲାଣ୍ଡ ଗସ୍ତ କରିଛନ୍ତି। ଗତ ଜାତୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶାର ଏହି ପ୍ରତିଯୋଗୀମାନେ ବିଶ୍ୱ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିଲେ। ଓଡ଼ିଶା ଜୁଜିଟସୁ ଆସୋସିଏସନର ଅନୁପମା ବିଗାତ ୫ ବର୍ଷ ହେବ ଏସୀୟ ଜୁଜିଟସୁ ପ୍ରତିଯୋଗିତାରେ ପଦକ ହାସଲ କରିଆସୁଛନ୍ତି। ଗତ ଏସିଆନ୍ସ ଗେମ୍ସରେ ମଧ୍ୟ ସେ ଭାଗ ନେଇଥିଲେ। ସ୍ୱରାଜ ଜାନୀ ଏସୀୟ ଜୁଜିଟସୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅମରେଶ୍ୱର ମିକ୍ସ ମାର୍ଶାଲ ଆର୍ଟ ଓ ଜୁଜିଟସୁ ପ୍ରତିଯୋଗୀ ଅଟନ୍ତି। ବିଶ୍ୱ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ନିମେନ୍ତ ଓଡ଼ିଶାକୁ ଜୁଜିଟସୁ ସଂଘ ଏବଂ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।



## ବଲ୍ ବାଜି ଚାଲିଗଲା ଅଷ୍ଟ୍ରେଲିଆ ଯୁବ କ୍ରିକେଟରଙ୍କ ଜୀବନ

ନୂଆଦିଲ୍ଲୀ,୩୧।୧୦(ଏଜେନ୍ସି):ଟିମ୍ ଇଣ୍ଡିଆ ଏବେ ୫ଟି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳୁଛି। ପ୍ରଥମ ଟି୨୦ ମ୍ୟାଚ୍ ଅଧାରୁ ବର୍ଷା ଯୋଗୁଁ ବାତିଲ ହୋଇଛି। ଏହାପରି ମଧ୍ୟରେ ଅଷ୍ଟ୍ରେଲିଆ ମେଲବର୍ଣ୍ଣରୁ ଏକ ଦୁଃଖଦ ଖବର ଆସିଛି। ଅଭ୍ୟାସ କରୁଥିବା ବେଳେ ବଲ୍ ବାଜି ଚାଲିଗଲା କ୍ରିକେଟରଙ୍କ ଜୀବନ। ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଅଭ୍ୟାସ ସମୟରେ ଖେଳାଳିଙ୍କ ମୁଣ୍ଡରେ ବଲ ବାଜିବାରୁ ୧୭ ବର୍ଷୀୟ କ୍ରିକେଟର ବେନ୍ ଅଷ୍ଟିନଙ୍କ ମୃତ୍ୟୁ ହୋଇଛି। ବେନ୍ ମେଲବର୍ଣ୍ଣର ଫର୍ନଟ୍ରି ଗଲିର ଭ୍ୟାଲି ଟିଉ ରିଜର୍ଭ ଗ୍ରାଉଣ୍ଡରେ ନେଟ୍ସରେ ଅଭ୍ୟାସ କରୁଥିଲେ। ବେନ୍ ଏକ ସୁରକ୍ଷାମୂଳକ ହେଲମେଟ୍ ପିନ୍ଧି ଏକ ବୋଲିଂ ମେସିନ୍ ସାମ୍ନାରେ ବ୍ୟାଟିଂ ଅଭ୍ୟାସ କରୁଥିଲେ। ଅଭ୍ୟାସ ବେଳେ ବଲ୍ ଦ୍ରୁତ ଗତିର ଆସି ତାଙ୍କ ମୁଣ୍ଡ ଏବଂ ବେକ ମଝିରେ ବାଜିଲା। ତାଙ୍କୁ ଗୁରୁତର ଅବସ୍ଥାରେ ମୋନାଶ ମେଡିକାଲ୍ ସେଣ୍ଟରକୁ ପଠାଯାଇଥିଲା। ବଲ ବାଜିପା ପରେ ତାଙ୍କୁ ହସପିଟାଲରେ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ନେଙ୍କ ବିୟୋଗରେ କ୍ରିକେଟ ଅଷ୍ଟ୍ରେଲିଆ ଶୋକ ବ୍ୟକ୍ତ କରିଛି। ସୋସିଆଲ ମିଡିଆରେ କ୍ରିକେଟ ଅଷ୍ଟ୍ରେଲିଆ ଲେଖିଛି କି, ୧୭ ବର୍ଷୀୟ ଆମର ଉଦୀୟମାନ ତାରକା ବେନ୍ ଅଷ୍ଟିନଙ୍କ ବିୟୋଗରେ ଆମେ ଗଭୀର ଦୁଃଖିତ। ତାଙ୍କ ବିୟୋଗ ଆମର ସମଗ୍ର କ୍ରିକେଟ୍ ପରିବାରକୁ ପ୍ରଭାବିତ କରିବ। ତାଙ୍କ ପରିବାର ସହିତ ଆମର ସମବେଦନା।" ସୂଚନାଯୋଗ୍ୟ, ୨୦୧୪ରେ ଅଷ୍ଟ୍ରେଲିଆ ବ୍ୟାଟସମ୍ୟାନ୍ ଫିଲିପ୍ ହ୍ୟୁଗ୍ସ ମଧ୍ୟ ଏକ ମ୍ୟାଚ୍ ବେଳେ ବଲ୍ ବାଜିବାରୁ ପ୍ରାଣ ହରାଇଥିଲେ। ତାଙ୍କର ମଧ୍ୟ ବେକରେ ବଲ ବାଜିଥିଲା।


### ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି